୬ ଟେବୁଲ ଟେନିସ୍ ଫେଡେରେସନ ଅଫ ଇଣ୍ଡିଆକୁ ସସ୍‌ପେଣ୍ଡ କଲା କ୍ରୀଡ଼ା ମନ୍ତ୍ରଣାଳୟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୯୪ ● ୧୩ ଅଗଷ୍ଟ ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-194 ● 13th August 2026, Thursday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ୧୦ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

# ବ୍ଲକ୍ ସ୍ତର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଡିଜିଟାଲ୍ ହେବ ଶାସନ ବ୍ୟବସ୍ଥା

ଭୁବନେଶ୍ୱର,୧୨।୮
ନ୍ୟୁଜ୍‌ବ୍ୟୁରୋ

ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀମଣ୍ଡଳର ୪୬ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୬ଟି ବିଭାଗର ମୋଟ ୧୦ଟି ପ୍ରସ୍ତାବ ଉପରେ ଆଲୋଚନା ପୂର୍ବକ ଅନୁମୋଦନ ମିଳିଛି। ମୁଖ୍ୟତଃ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ୨ଟି, ଶକ୍ତି ବିଭାଗର ୨ଟି, ଜଳ ସଂପଦ ବିଭାଗର ୨ଟି, ମହିଳା ଓ ଶିଶୁ ବିକାଶ ବିଭାଗର ୨ଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗ (ଏଗ୍ରିଷ୍ଟାକ) ସମ୍ପର୍କିତ ୧ଟି ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୧ଟି ପ୍ରସ୍ତାବ ରାଜ୍ୟ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି ।

ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ମଞ୍ଜୁରୀ ପାଇଥିବା ପ୍ରସ୍ତାବ ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଥିଲେ।





### ଅସହାୟ ଶିଶୁଙ୍କ ପାଇଁ ଜାରି ରହିବ ଯଶୋଦା ଓ ଆଶୀର୍ବାଦ ଯୋଜନା

ସେ କହିଥିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓଡ଼ିଶା ସଚିବାଳୟ କାର୍ଯ୍ୟପ୍ରଣାଳୀର ପରବର୍ତ୍ତୀ ପିଢ଼ିର ଡିଜିଟାଲ୍ ପ୍ଲାଟଫର୍ମ 'ଓସ୍ୱାସ୍ ୩.୦'ର କାର୍ଯ୍ୟାନ୍ୱୟନ ପାଇଁ ଟିସିଏସ୍‌କୁ ସିଷ୍ଟମ୍ ଡେଭଲପର ଭାବେ ନିଯୁକ୍ତ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏଥିପାଇଁ ୧୨୨ କୋଟି ୬୦ ଲକ୍ଷ ୨୫ ହଜାର ୪୩୬ ଟଙ୍କା (ଜିଏସ୍‌ଟି ବାଦ୍) ବ୍ୟୟ ଅଟକଳ କରାଯାଇଛି।

ଓଡ଼ିଶା ସରକାରଙ୍କ ଏହି ପ୍ରମୁଖ ଡିଜିଟାଲ୍ ପ୍ରଶାସନିକ ପ୍ରକଳ୍ପ ଦ୍ୱାରା ସମୟୋପଯୋଗୀ ଓ ତଥ୍ୟଭିତ୍ତିକ ନିଷ୍ପତ୍ତି ଗ୍ରହଣ ସହଜ ହେବା ସହ ପ୍ରଶାସନିକ ଏବଂ ପ୍ରକ୍ରିୟାଗତ ବିଳମ୍ବ ହ୍ରାସ ପାଇଛି। ଏହା ଦ୍ୱାରା ଦକ୍ଷ, ସ୍ୱଚ୍ଛ, ଉତ୍ତରଦାୟୀ ଓ (ପୃଷ୍ଠା ୭ରେ)

# ଜେନ ଜେଡ୍‌ଙ୍କୁ ମୋଦୀଙ୍କ ଅପିଲ୍ :'ସର୍ଟକଟ୍‌ଠାରୁ ସତର୍କ ରୁହ'

ନୂଆଦିଲ୍ଲୀ,୧୨।୮




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରିଲ୍-ପ୍ରେମୀ ଜେନ୍-ଜିଙ୍କୁ ସୋସିଆଲ ମିଡିଆ ରିଲକୁ ନେଇ ଏକ ବଡ଼ କଥା କହିଛନ୍ତି। ସେ ଯୁବପିଢିଙ୍କୁ ଅପିଲ୍ କରି କହିଛନ୍ତି ଯେ 'ରିଲ୍ ଯୁଗରେ' ସେମାନେ ମନେ ରଖିବା ଉଚିତ ଯେ 'ସର୍ଟକଟ୍ ସେମାନଙ୍କୁ ସର୍ଟ କରିଦେବ । ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ 'ଟ୍ରାୟମ୍ଫ୍ ଅଫ୍ ଦି ଇଣ୍ଡିଆନ୍ ରିପବ୍ଲିକ୍: ମାଇଁ ଲାଇଫ୍, ମାଇଁ ଷ୍ଟ୍ରଗଲ୍ସ'ର ଉନ୍ମୋଚନ ଅବସରରେ ସେ ଯୁବକମାନଙ୍କୁ ଆତ୍ମଜୀବନୀ ପଢ଼ିବାକୁ ଅନୁରୋଧ କରିଛନ୍ତି। ସଂକଳ୍ପ କିପରି ଜଣେ ବ୍ୟକ୍ତିଙ୍କୁ ପ୍ରତିକୂଳ ପରିସ୍ଥିତିକୁ ପାର୍ କରି ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ପହଞ୍ଚାଇଥାଏ ସେ ବିଷୟରେ କୋବିନ୍ଦଙ୍କ ଜୀବନର ଉଦାହରଣ ଦେଇଛନ୍ତି। ସର୍ଟକଟ୍‌ଠାରୁ ସତର୍କ ରହିବାକୁ ଅପିଲ୍ କରିଛନ୍ତି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ ଉନ୍ମୋଚନ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇ, 'ଭାରତୀୟ ଗଣତନ୍ତ୍ରର ବିଜୟ: ମୋ ଜୀବନ, ମୋ ସଂଘର୍ଷ' ପଢ଼ିବା ଏବଂ କୋବିନ୍ଦଙ୍କ ଅନୁଭୂତିରୁ ଶିକ୍ଷା ଲାଭ କରିବା ଲାଗି ସେ ଯୁବ ସମାଜକୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ରିଲ୍ ଯୁଗରେ ଅନେକ ଇନଫ୍ଲୁଏନ୍ସର ଯୁବକମାନଙ୍କୁ ଆକର୍ଷିତ କରିଥାନ୍ତି। କିନ୍ତୁ ସର୍ଟକଟର ଏହି ଯୁଗରେ ଯୁବକମାନେ ସତର୍କ ରହିବା ଉଚିତ୍। ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି ଯେ, ଦେଶର ନୂତନ ପିଢ଼ି ରାମନାଥ କୋବିନ୍ଦଙ୍କ ଲେଖା ଏବଂ ତାଙ୍କ ଅଭିଜ୍ଞତାକୁ ତାଙ୍କ ଭାଷାରେ ଜାଣିବା ଏବଂ ପଢ଼ିବା ଉଚିତ୍। ଏଥିରୁ ସମସ୍ତଙ୍କୁ ବହୁତ କିଛି ଶିଖିବାକୁ ମିଳିବ। ମୁଁ ବିଶେଷ କରି ଯୁବ ପିଢିଙ୍କୁ ଏହାକୁ ପଢିବାକୁ ଅନୁରୋଧ କରିବି। ଏହା ରିଲ୍‌ର ଯୁଗ, ସୋସିଆଲ ମିଡିଆରେ ଇନଫ୍ଲୁଏନ୍ସର ଆପଣଙ୍କୁ କେଉଁଆଡ଼େ ଟାଣି ନେଇଥାନ୍ତି। ସର୍ଟକଟର ଏହି ଯୁଗରେ ମଧ୍ୟ ଆମକୁ ଗୋଟିଏ କଥା ମନେ ରଖିବାକୁ ହେବ, କିଛି ଲୋକଙ୍କର ରେଳ ବ୍ରିଜ୍‌ରେ ଯିବା ପରିବର୍ତ୍ତେ ଟ୍ରାକ୍ ଡେଇଁବାର ଅଭ୍ୟାସ ରହିଛି। ତେଣୁ ସେଠାରେ ଲେଖାଯାଇଛି ଯେ, ସର୍ଟକଟ୍ ଆପଣଙ୍କୁ ସର୍ଟ କରିଦେବ। ଅର୍ଥାତ୍ ଭୁଲ୍ ସର୍ଟକଟ୍ ଆପଣଙ୍କ ପାଇଁ କ୍ଷତିକାରକ ହୋଇପାରେ। ଯୁବପିଢ଼ିଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିବେଦନ- ସେ କହିଛନ୍ତି ଯେ, ଯଦି ଆପଣ ସର୍ଟକଟ୍ ରାସ୍ତାରୁ ବାହାରିବାକୁ ଚାହୁଁଛନ୍ତି, ତେବେ ଅନ୍ୟମାନଙ୍କ ଅଭିଜ୍ଞତାରୁ ଶିଖନ୍ତୁ। ମୁଁ ଦେଶର ଯୁବକମାନଙ୍କୁ କହିବି, ଯେ ଆପଣ ନିଜ ପସନ୍ଦର ଲୋକଙ୍କର ଆତ୍ମଜୀବନୀ ପଢ଼ନ୍ତୁ। ଆତ୍ମଜୀବନୀ (ପୃଷ୍ଠା ୭ରେ)

# ବନ୍ୟାରେ ୨୪ ଜିଲ୍ଲାର ୮୭୯ ପଞ୍ଚାୟତ କ୍ଷତିଗ୍ରସ୍ତ



ଭୁବନେଶ୍ୱର,୧୨।୮
ନ୍ୟୁଜ୍‌ବ୍ୟୁରୋ

ଚଳିତ ବନ୍ୟାରେ ରାଜ୍ୟର ୨୪ ଜିଲ୍ଲାର ୧୫୪ଟି ବ୍ଲକ, ୮୭୯ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା କ୍ଷୟକ୍ଷତିର ଆକଳନ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ରାଜ୍ୟର ୨୪ ଜିଲ୍ଲାର ୧୫୪ଟି ବ୍ଲକର ୮୭୯ ପଞ୍ଚାୟତ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ବେଳେ ୨ ହଜାର ୮୫୫ଟି ଗାଁ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ସେହିପରି ସହରାଞ୍ଚଳର ୨୦୯ଟି ଓ୍ୱାର୍ଡରେ ୧୩ ଲକ୍ଷ ୭୧ ହଜାର ୩୩୮ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବନ୍ୟା ବେଳେ ୩୬୬ଟି ଗାଁରୁ ୭ ଲକ୍ଷ ୨୨ ହଜାର ୭୩୨ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବନ୍ୟାରେ ୭୯ ହଜାର ୮୨୪ ହେକ୍ଟର ଚାଷ ଜମି, ୫ ହଜାର ୪୪ ଘର କ୍ଷତିଗ୍ରସ୍ତ ହୋଇଛି। ସରକାରଙ୍କ ପକ୍ଷରୁ ୭୮୩ ରିଲିଫ୍ କ୍ୟାମ୍ପ ଖୋଲାଯାଇଥିଲା। ବନ୍ୟାରେ ପ୍ରଭାବିତ ପନିପରିବା ଚାଷୀଙ୍କ ପାଇଁ ଅଧିକ ସାହାଯ୍ୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି। କୃଷି, ସମବାୟ, ପଶୁସମ୍ପଦ ବିଭାଗ ଦ୍ୱାରା ସ୍ୱତନ୍ତ୍ର ପ୍ୟାକେଜ୍ ଦିଆଯିବାକୁ ବିଚାର କରାଯାଉଛି। କୌଣସି କ୍ଷତିଗ୍ରସ୍ତ ସହାୟତାରୁ ବଞ୍ଚିତ ହେଲେ (ପୃଷ୍ଠା ୭ରେ)

# 'ଆଲୋଚନା ପାଇଁ ସରକାର ପ୍ରସ୍ତୁତ, ପ୍ରଥମେ ବିରୋଧୀ ରାଜି ହୁଅନ୍ତୁ'

ନୂଆଦିଲ୍ଲୀ,୧୨।୮

ସଂସଦରେ ଗତିରୋଧ ଉପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପ୍ରଥମ ପ୍ରତିକ୍ରିୟା ଆସିଛି। ସେ ବୁଧବାର କହିଛନ୍ତି, ଆମେ ଗୃହରେ ସବୁକିଛି ଚର୍ଚ୍ଚା କରିବାକୁ ପ୍ରସ୍ତୁତ। ବିରୋଧୀ ଯଦି ପ୍ରସ୍ତୁତ ତେବେ ଆମେ ବୁଧବାର ମଧ୍ୟାହ୍ନ ୩ଟାରୁ ଆସନ୍ତା କାଲି ଅର୍ଥାତ ଗୁରୁବାର ୩ଟା ପର୍ଯ୍ୟନ୍ତ ଚର୍ଚ୍ଚା ମଧ୍ୟ କରିବୁ। କିନ୍ତୁ ବିରୋଧୀ ପ୍ରଥମେ ପ୍ରସ୍ତୁତ ହୋଇ ରହୁ।

ଶାହ ଆହୁରି କହିଛନ୍ତି ଯେ, ବିରୋଧୀ ସଂସଦ ଚଳାଇ ଦେଉ ନାହାନ୍ତି। ସରକାର ସବୁ ପ୍ରସଙ୍ଗ ଉପରେ ଚର୍ଚ୍ଚା କରିବାକୁ ପ୍ରସ୍ତୁତ। କୌଣସି ପ୍ରକାର ପ୍ରଶ୍ନର ଉତ୍ତର ଦେବାକୁ ଆମେ ରାଜି ଅଛୁ। 'ନିଖୋଜ, ପଳାୟନ...' ଭାଷା ଉପଯୁକ୍ତ ନୁହେଁ। ଆଲୋଚନା ପାଇଁ ସମୟ ନିଶ୍ଚିତ କରାଯିବା ଉଚିତ। ସେ ପ୍ରତ୍ୟେକ ଜିନିଷର ଉତ୍ତର ଦେବେ। ଶାହ କହିଛନ୍ତି, ଗମ୍ଭୀର ପ୍ରସଙ୍ଗ ଏଭଳି ଆଲୋଚନା କରାଯାଇପାରିବ ନାହିଁ। ଯଦି ସଂସଦ ଅଧିବେଶନ ଚାଲୁନାହିଁ, ତେବେ ଯିବାର କ'ଣ ଅର୍ଥ? ଏବେ ଜନସାଧାରଣ ନିଷ୍ପତ୍ତି ନେବା ଉଚିତ ଯେ ଆଲୋଚନାରୁ କିଏ ପଳାଉଛି। ଶାହଙ୍କ ଏହି କଥାର ଜବାବରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୃହମନ୍ତ୍ରୀ ଅମିତ ଶାହଙ୍କ ବୟାନର ଜବାବ୍ ଦେଇଛନ୍ତି। ସେ କହିଛନ୍ତି ଯେ ଗୃହମନ୍ତ୍ରୀ ଭାଷଣ ଦେଉଛନ୍ତି। ଛାତ୍ରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲେ? କିଏ ଗୁଳି ଚଳାଇଥିଲେ? ଗୃହମନ୍ତ୍ରୀ ହିଁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଅନ୍ତି। ପେଲେଟ୍ ଗନ୍ ବ୍ୟବହାର କରିବାକୁ କିଏ ନିର୍ଦ୍ଦେଶ ଦେଇଥିଲେ? ଅମିତ ଶାହ ଗତ ୨୦ଦିନ ଧରି ନିଖୋଜ ଅଛନ୍ତି। ଯଦି ସେ ସଂସଦ ଆସୁଛନ୍ତି, ତେବେ ସେ ଗୃହକୁ କାହିଁକି ଆସି ନଥିଲେ? ଝାଡ଼ଖଣ୍ଡ ପ୍ରସଙ୍ଗରେ ରାହୁଲ ଗାନ୍ଧୀ କହିଛନ୍ତି, 'ମୁଁ ଝାଡ଼ଖଣ୍ଡ ପ୍ରସଙ୍ଗରେ ଚୁପ୍ ନାହିଁ ଏବଂ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଦେଇଛି ଯେ ଆମେ ଛାତ୍ରମାନଙ୍କ ବିରୁଦ୍ଧରେ କୌଣସି ହିଂସାକୁ ପ୍ରଶୟ ଦେଉନାହୁଁ। ମୁଁ ଚୁପ୍ ନାହିଁ; ମୁଁ ଖୋଲାଖୋଲି କହୁଛି।'





## ନାଟୋର 'ଅନୁପ୍ରବେଶ'କୁ ନେଇ ପୁଟିନଙ୍କ ଚେତାବନୀ



ମସ୍କୋ,୧୨।୮

ଆର୍କଟିକ୍ ଅଞ୍ଚଳରେ ଉତ୍ତେଜନା ବଢୁଥିବା ନେଇ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବୁଧବାର ଚେତାବନୀ ଦେଇଛନ୍ତି। ଏହାସହ ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ନାଟୋର ବଢୁଥିବା ଉପସ୍ଥିତିକୁ ନେଇ ସେ ଆପତ୍ତି ଉଠାଇଛନ୍ତି। ପଶ୍ଚିମ ଦେଶଗୁଡ଼ିକ ରୁଷ୍‌ର ବାଣିଜ୍ୟିକ ଜାହାଜ ଜବତ କଲେ ରୁଷ୍ ମଧ୍ୟ (ପୃଷ୍ଠା ୭ରେ)

## ଅନଧିକୃତ ନିର୍ମାଣ ଓ ବାଣିଜ୍ୟିକ କାର୍ଯ୍ୟକଳାପ ବିରୋଧରେ ସୁପ୍ରିମ୍‌କୋର୍ଟ କଠୋର

ନୂଆଦିଲ୍ଲୀ,୧୨।୮

ଅନଧିକୃତ ନିର୍ମାଣ ଏବଂ ଆବାସିକ ଅଞ୍ଚଳରେ ନିୟମ ଉଲ୍ଲଂଘନ କରି ବାଣିଜ୍ୟିକ କାର୍ଯ୍ୟକଳାପ ଚଳାଇବା ମାମଲାରେ ସୁପ୍ରିମ୍‌କୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଦିଲ୍ଲୀ, ପାଟନା, ଲକ୍ଷ୍ନୌ ସମେତ ବିଭିନ୍ନ ସହରରେ ନିୟମ ଉଲ୍ଲଂଘନ କରୁଥିବା କୋଠା ଓ ସଂରଚନା ବିରୋଧରେ ତୁରନ୍ତ ଓ ପ୍ରଭାବୀ ପଦକ୍ଷେପ ନେବାକୁ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଆବଶ୍ୟକ ହେଲେ ସିଲ୍ କରିବା ଓ ଭଙ୍ଗାଯିବା ଭଳି ପଦକ୍ଷେପ ମଧ୍ୟ ରହିଛି।

## ଗୋବର୍ଦ୍ଧନ ପୀଠ ଓ ସ୍ୱର୍ଗଦ୍ୱାର ବେଳାଭୂମିର ଉନ୍ନତିକରଣ ହେବ

ଭୁବନେଶ୍ୱର,୧୨।୮
ନ୍ୟୁଜ୍‌ବ୍ୟୁରୋ

ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ସହ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତ୍ତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର 'ସନ୍ଧ୍ୟା ମହୋଦଧି ଆରତୀ' ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଆରତୀସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସନ୍ଧ୍ୟା ଆରତୀକୁ ଆହୁରି ଭବ୍ୟ ଆକାରରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧ୍ୟାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗୋବର୍ଦ୍ଧନ ପୀଠର ଜମି ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟେଲମେଣ୍ଟ ଦସ୍ତାବିଜକୁ ପୁନର୍ବାର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତ୍ତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟମାନଙ୍କ ପବିତ୍ର ସମାଧିସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର



## ଯୁବତୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ : ୨ ଗିରଫ

କଟକ/ସାଲେପୁର,୧୨।୮
ନ୍ୟୁଜ୍‌ବ୍ୟୁରୋ

କଟକ ମାହାଙ୍ଗାରେ ଚାଞ୍ଚଲ୍ୟକର ଘଟଣା। ରାସ୍ତାକଡ଼ରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ହୋଇଛି। ଏଥିସହ ତାଙ୍କ ପୁରୁଷ ବନ୍ଧୁଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ କଟକ ଗ୍ରାମାଞ୍ଚଳ ପୁଲିସ ସୂଚନା ଦେଇଛି। ସୂଚନା ଅନୁସାରେ, ଯୁବତୀ ଜଣକ ତାଙ୍କ ପୁରୁଷ ବନ୍ଧୁଙ୍କ ସହ କେନ୍ଦ୍ରାପଡ଼ା ଯାଉଥିଲେ। ରାସ୍ତାକଡ଼ରେ କାର୍ ରଖି ସେମାନେ କିଛି ସମୟ ପାଇଁ ଅଟକିଥିଲେ। ଏହି ସମୟରେ ୬ ଜଣ ଯୁବକ ସେଠାରେ ପହଞ୍ଚି ଯୁବତୀଙ୍କୁ କାର୍‌ରୁ ବାହାରିବାକୁ କହିଥିଲେ। ଅଭିଯୋଗ (ପୃଷ୍ଠା ୭ରେ)

## ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶ : ପାସ୍ ହାର ୬୩.୬୪%

କଟକ,୧୨।୮
ନ୍ୟୁଜ୍‌ବ୍ୟୁରୋ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ଥର ୫ ହଜାର ୭ ଶହ ୬୦ ଜଣ ଛାତ୍ରଛାତ୍ରୀ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ହଜାର ୬ଶହ ୬୬ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ପାସ୍ ହାର ୬୩.୬୪ ପ୍ରତିଶତ ରହିଛି।

ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ର ଫଳାଫଳ ପ୍ରକାଶ ପାଇଛି। ୮ ହଜାର ୬ ଶହ ୯୮ ଜଣ ଷ୍ଟେଟ୍ ଓପନ୍ ସ୍କୁଲ୍ ପରୀକ୍ଷା ଦେଇଥିଲେ। ମୋଟ ୫ହଜାର ୪ଶହ ୫୦ ଜଣ ପାସ୍ କରିଛନ୍ତି। ପାସ୍ ହାର ୬୨.୬୫ ପ୍ରତିଶତ ରହିଛି।

ପରୀକ୍ଷାର୍ଥୀମାନେ (ପୃଷ୍ଠା ୭ରେ)




### ଆଜିର ମୁଖ୍ୟ ଖବର

- ଦିଲ୍ଲୀର ନୂଆ ମାଷ୍ଟର ପ୍ଲାନ ୨୦୪୭କୁ ମଞ୍ଜୁରୀ।
- ଭାରତରେ ଅଛନ୍ତି ବିଶ୍ୱର ୬୦ ପ୍ରତିଶତରୁ ଅଧିକ ବନ୍ୟ ଏସୀୟ ହାତୀ, ୩୩ଟି ଅଭୟାରଣ୍ୟ ସଂରକ୍ଷଣ ପ୍ରୟାସକୁ କରୁଛି ସୁଦୃଢ଼।
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସଂଗ୍ରହାଳୟ ଏବଂ ପାଠାଗାରର ନୂତନ ପୋର୍ଟାଲର ଶୁଭାରମ୍ଭ।
- ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ପ୍ରତିଧ୍ୱନିତ, ସଂସଦ ପରିସରରେ ବିଜେପି ସାଂସଦଙ୍କ ବିକ୍ଷୋଭ।
- ଘାଟକୋପରରେ ଭୂସ୍ଖଳନ: ପାହାଡ଼ର ଅଂଶ ଘରଗୁଡ଼ିକ ଉପରେ ମାଡ଼ିଯାଇ ୭ ମୃତ।
- ନ୍ୟାୟମୂର୍ତ୍ତି ଯଶବନ୍ତ ବର୍ମାଙ୍କ ଉପରେ ଲାଗିଥିବା ଅଭିଯୋଗକୁ ତଦନ୍ତ କମିଟି ସଠିକ୍ ବୋଲି ମାନିଲା, ରିପୋର୍ଟ ଲୋକସଭାରେ ଉପସ୍ଥାପିତ।
- ହିମାଚଳ ପ୍ରଦେଶରେ ଖାଇକୁ ଗାଡ଼ି ଖସି ୪ ଜଣଙ୍କ ମୃତ୍ୟୁ।

# ଆଣ୍ଟାସିଡ୍ ସାଜିଛି କିଡ୍‌ନୀ ଡ୍ୟାମେଜ୍‌ର ମୁଖ୍ୟ କାରଣ



ନୂଆଦିଲ୍ଲୀ,୧୨।୮

ଦୈନନ୍ଦିନ ଜୀବନରେ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ଯାଏଁ ସବୁଠାରେ ସାଧାରଣ ଔଷଧ ତଥା ଗ୍ୟାସ୍ ପ୍ରତିରୋଧକ ଔଷଧ ଭାବରେ ସମସ୍ତେ ଆଣ୍ଟାସିଡ୍ ବ୍ୟବହାର କରିଥାନ୍ତି। ଶରୀରରେ ଅମ୍ଳର ପ୍ରଭାବ ହ୍ରାସ ସହିତ ଗ୍ୟାସ୍ ଦୂର କରିବାରେ ଏହା ମୁଖ୍ୟ ଭୂମିକା ନେଇଥାଏ। ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ନ ନେଇ ମଧ୍ୟ ସାଧାରଣ ମୂଲିଆଠାରୁ ଆରମ୍ଭ କରି ବଡ଼ଲୋକ ପର୍ଯ୍ୟନ୍ତ ସମସ୍ତେ ଆଣ୍ଟାସିଡର ବ୍ୟବହାର କରିଥାନ୍ତି। ବୃଦ୍ଧବୃଦ୍ଧାମାନେ ଆଣ୍ଟାସିଡର ସାହାରା ନେଇ ନିଜକୁ ସୁସ୍ଥ ରଖିଥାନ୍ତି ହେଲେ ଏବେ ନିକଟରେ ଏକ ଗବେଷଣାଲବ୍ଧ ରିପୋର୍ଟରୁ ଜଣାପଡ଼ିଛି ଏହି ଆଣ୍ଟାସିଡ ମଣିଷ ଶରୀରରେ ଖୁବ୍ ପ୍ରତିକୂଳ ପ୍ରଭାବ ପକାଉଛି। ଏପରିକି କିଡ୍‌ନୀକୁ ସଂପୂର୍ଣ୍ଣ ଭାବେ ନଷ୍ଟ କରିଦେଉଥିବାର କ୍ଷମତା ରହିଛି ଆଣ୍ଟାସିଡ୍‌ର। ନିକଟରେ ଏ ସଂପର୍କରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ବର୍ତ୍ତମାନ ସେବନ କରାଯାଉଥିବା ଆଣ୍ଟାସିଡ୍ କିଡ୍‌ନୀ ଡ୍ୟାମେଜ୍‌ର ମୁଖ୍ୟ କାରଣ ସାଜିଛି। ଏଥିପାଇଁ ସତର୍କତା ଜାରି କରାଯାଇଛି। ରୋଗୀଙ୍କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ବହୁଳ ଭାବରେ ବିକ୍ରି ହେଉଥିବା ଆଣ୍ଟାସିଡ୍ (ଆଣ୍ଟି ଏସିଡିଟି ବଟିକା) ହେରନ୍‌କୁ କମ୍ପାନୀମାନଙ୍କର ପ୍ୟାକେଜ୍ ଇନସର୍ଟ ଲିଫଲେଟ୍‌ରେ 'କିଡ୍‌ନୀ ଡ୍ୟାମେଜ୍'ର ପାର୍ଶ୍ୱ ପ୍ରତିକ୍ରିୟା ଚେତାବନୀ ଦେବାକୁ ପଡ଼ିବ। ଗତ (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୩ ଅଗଷ୍ଟ ୨୦୨୬ ଗୁରୁବାର





# ଓଡ଼ିଶାର ଉପକୂଳବର୍ତ୍ତୀ କ୍ଷେତ୍ର ବଡ଼ ପରିବର୍ତ୍ତନ ଅପେକ୍ଷାରେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବଡ଼ ପରିବର୍ତ୍ତନ ଅପେକ୍ଷାରେ ଓଡ଼ିଶାର ଉପକୂଳବର୍ତ୍ତୀ କ୍ଷେତ୍ର । ନିର୍ମାଣ ହେବାକୁ ଯାଉଛି ରାମେଶ୍ୱର-ପାରାଦୀପ ଉପକୂଳ ରାଜପଥ । ୧୬୦.୧୮କିମି ଲମ୍ବା ଏହି ରାଜପଥ ରାଜ୍ୟର ଉପକୂଳ ଅଞ୍ଚଳରେ ଯୋଗାଯୋଗ ଭିତ୍ତିଭୂମିକୁ ନୂଆ ରୂପ ଦେବ। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପରେ ମୋଟ୍ ୮,୩୦୦.୭୯ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ରାଜପଥ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂପୁର ଜିଲ୍ଲା ଦେଇ ଅତିକ୍ରମ କରିବ। ଏହାଦ୍ୱାରା ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ, ଧାର୍ମିକ, ପର୍ଯ୍ୟଟନ ଏବଂ ଆର୍ଥିକ ବିକାଶ କେନ୍ଦ୍ରଗୁଡ଼ିକ ମଧ୍ୟରେ ଗମନାଗମନ ସୁଗମ ହେବ। ଦ୍ରୁତ, ସୁରକ୍ଷିତ ଏବଂ ସୁଗମ ଯାତାୟାତ ସୁବିଧା ପ୍ରଦାନ କରିବା ପାଇଁ ଉପକୂଳ ରାଜପଥର ଡିଜାଇନ୍ କରାଯାଇଛି । ଏହି ପ୍ରକଳ୍ପରେ ଖୋର୍ଦ୍ଧାର ରାମେଶ୍ୱରଠାରୁ ପୁରୀ ଜିଲ୍ଲାର କୋଣାର୍କ ପର୍ଯ୍ୟନ୍ତ ଏକ ୪-ଲେନ୍ ବିଶିଷ୍ଟ ପ୍ରବେଶ-ନିୟନ୍ତ୍ରିତ ରାଜପଥ ନିର୍ମାଣ କରାଯିବ । ସେହିପରି କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ଏକ ୨-ଲେନ୍ ପକ୍କା ସୋଲ୍ଡର୍ ବିଶିଷ୍ଟ ରାଜପଥ ଏଥିରେ ସାମିଲ ହୋଇଛି । ଘଣ୍ଟାପ୍ରତି ୧୦୦ କିମି ପର୍ଯ୍ୟନ୍ତ ବେଗରେ ଯାନବାହନ ଚଳାଚଳ ଲାଗି ଏହି ରାଜପଥର ଡିଜାଇନ୍ କରାଯାଇଛି । ପ୍ରକଳ୍ପ କାମ ସରିବା ପରେ ଏହି କରିଡର ରାମେଶ୍ୱର ଏବଂ ପାରାଦୀପ ମଧ୍ୟରେ ଯାତ୍ରା ସମୟକୁ ପ୍ରାୟ ୨ ଘଣ୍ଟା ୩୦ ମିନିଟ ପର୍ଯ୍ୟନ୍ତ ହ୍ରାସ କରିବ । ଏହାଦ୍ୱାରା ଯାତ୍ରୀ ଏବଂ ମାଲ ପରିବହନରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି । ନୂତନ ଉପକୂଳ ରାଜପଥ ଓଡ଼ିଶାର କିଛି ପ୍ରସିଦ୍ଧ ଆଧ୍ୟାତ୍ମିକ କେନ୍ଦ୍ରକୁ ସୁଗମ ସଡ଼କ ସଂଯୋଗ ଯୋଗାଇ ଦେବ । ଏହା ଧାର୍ମିକ ଓ ସାଂସ୍କୃତିକ ପର୍ଯ୍ୟଟନକୁ ବିଶେଷ ଭାବେ ପ୍ରୋତ୍ସାହିତ କରିବ। ଏହି କରିଡର ପୁରୀର ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର, ଐତିହାସିକ କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ପବିତ୍ର ରାମଚଣ୍ଡୀ ମନ୍ଦିର ମଧ୍ୟରେ ସଡ଼କ ଯୋଗାଯୋଗକୁ ସୁଦୃଢ଼ କରିବ । ଏହା ପ୍ରତିବର୍ଷ ଓଡ଼ିଶାକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ତୀର୍ଥଯାତ୍ରାକୁ ଅଧିକ ସୁବିଧାଜନକ କରିବ। ଉନ୍ନତ ସଡ଼କ ଭିତ୍ତିଭୂମି କେବଳ ଯାତ୍ରା ସମୟ ହ୍ରାସ କରିବ ନାହିଁ ବରଂ ପର୍ଯ୍ୟଟକ ଓ ଭକ୍ତଙ୍କ ପାଇଁ ସୁରକ୍ଷିତ ତଥା ଅଧିକ ଆରାମଦାୟକ ପରିବହନ ସୁବିଧା ପ୍ରଦାନ କରି ସାମଗ୍ରିକ ତୀର୍ଥଯାତ୍ରା ଅଭିଜ୍ଞତାକୁ ମଧ୍ୟ ବୃଦ୍ଧି କରିବ । ସ୍ଥାନୀୟ ଅଞ୍ଚଳରେ ପ୍ରସ୍ତାବିତ ବିମାନବନ୍ଦର ଭିତ୍ତିଭୂମି ଏକ ପ୍ରମୁଖ ଆଧ୍ୟାତ୍ମିକ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ଭାବରେ ଓଡ଼ିଶାର ସ୍ଥିତିକୁ ଆହୁରି ମଜବୁତ କରିବ। ଏହା ଭାରତ ଏବଂ ବିଶ୍ୱର ପରିଦର୍ଶକମାନଙ୍କ ପାଇଁ ସହଜ ପହଞ୍ଚକୁ ସକ୍ଷମ କରିବ। ଏହି ଆଧୁନିକ ରାଜପଥ ପରିବହନ ସେବା ବ୍ୟତୀତ ଐତିହାସିକ ମନ୍ଦିର, ପରମ୍ପରା ଏବଂ ଆଧ୍ୟାତ୍ମିକ କେନ୍ଦ୍ର ସହିତ ଲୋକମାନଙ୍କୁ ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରାମେଶ୍ୱର-ପାରାଦୀପ କରିଡର ଏକ ନୂତନ ଉପକୂଳ ପର୍ଯ୍ୟଟନ ପ୍ରବେଶ ଦ୍ୱାର ହେବାକୁ ଯାଉଛି । ଏହା ଓଡ଼ିଶାର ପୂର୍ବ ଉପକୂଳରେ ବେଳାଭୂମି, ଐତିହ୍ୟ ସ୍ଥଳୀ, ଜୈବ ବିବିଧତା କ୍ଷେତ୍ରକୁ ଯୋଡ଼ିବା ସହିତ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସଡ଼କ ଯୋଗାଯୋଗକୁ ସୁଗମ କରିବ । ପୁରୀ, କୋଣାର୍କ ଏବଂ ପାରାଦୀପ ମଧ୍ୟରେ ଉନ୍ନତ ସଂଯୋଗୀକରଣ ସହିତ ଏହି ସ୍ଥାନ ଗୁଡିକ ଗୋଟିଏ ସମନ୍ୱିତ ପର୍ଯ୍ୟଟନ ସର୍କିଟର ଅଂଶ ଭାବରେ ଉଭା ହେବେ । ଏହାଦ୍ୱାରା ଯାତ୍ରୀମାନଙ୍କୁ ଆଧ୍ୟାତ୍ମିକ ଐତିହ୍ୟ ଏବଂ ପ୍ରାଚୀନ ସ୍ଥାପତ୍ୟ ଠାରୁ ଆରମ୍ଭ କରି ବେଳାଭୂମି ଏବଂ ପ୍ରାକୃତିକ ଇକୋସିଷ୍ଟମ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଉପକୂଳ ଯାତ୍ରା ଅଭିଜ୍ଞତା ମିଳିବ। ରାଜପଥ ବେଳାଭୂମି ପର୍ଯ୍ୟଟନ, ପରିବେଶ-ପର୍ଯ୍ୟଟନ ଏବଂ ପ୍ରକୃତି ଆଧାରିତ ଯାତ୍ରା ପାଇଁ ନୂତନ ସୁଯୋଗ ଖୋଲିବ। ଏହାସହିତ ବନ୍ୟପ୍ରାଣୀ କ୍ଷେତ୍ର ଏବଂ ପ୍ରସିଦ୍ଧ ଗହୀରମଥା କଇଁଛ ପ୍ରଜନନ ସ୍ଥଳୀ ସମେତ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଗନ୍ତବ୍ୟସ୍ଥଳ ଗୁଡ଼ିକୁ ସହଜ ପ୍ରବେଶ ପ୍ରଦାନ କରିବ। ଉନ୍ନତ ଯୋଗାଯୋଗ ଓଡ଼ିଶାର ଅନନ୍ୟ ଉପକୂଳ ଜୈବ ବିବିଧତା ଏବଂ ସଂରକ୍ଷଣ ପ୍ରୟାସ ବିଷୟରେ ସଚେତନତା ବୃଦ୍ଧି କରି ଦୀର୍ଘସ୍ଥାୟୀ ପର୍ଯ୍ୟଟନ ଅଭ୍ୟାସଗୁଡିକୁ ମଧ୍ୟ ପ୍ରୋତ୍ସାହିତ କରିବ । ପର୍ଯ୍ୟଟକମାନେ ପ୍ରାକୃତିକ ଭୂଦୃଶ୍ୟ ଦେଖିବାର ସୁଯୋଗ ପାଇବେ ଏବଂ ଦୁର୍ବଳ ପରିବେଶ ପର୍ଯ୍ୟଟନକୁ ସୁରକ୍ଷା ଦେଉଥିବା ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ ମଡେଲଗୁଡ଼ିକୁ ସମର୍ଥନ କରିବାରେ ସକ୍ଷମ ହେବେ । ନୂତନ ରାଜପଥ ପାର୍ଶ୍ୱରେ ହୋଟେଲ, ହୋମ୍‌ଷ୍ଟେ, ରେଷ୍ଟୋରାଁ, ହସ୍ତଶିଳ୍ପ ବଜାର ଏବଂ ପର୍ଯ୍ୟଟନ-ଭିତ୍ତିକ ବ୍ୟବସାୟ ଅଭିବୃଦ୍ଧିକୁ ପ୍ରୋତ୍ସାହନ ମିଳିବ । ଏହା ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଜୀବିକା ଓ ରୋଜଗାର ସୁଯୋଗ ସୃଷ୍ଟି କରିବ। ପ୍ରଧାନମନ୍ତ୍ରୀ ଗତିଶକ୍ତି ନୀତି ସହ ସମନ୍ୱିତ ଏହି ପ୍ରକଳ୍ପ ୯ଟି ଆର୍ଥିକ କ୍ଷେତ୍ର ଏବଂ ୫ଟି ଲଜିଷ୍ଟିକ୍ସ କ୍ଷେତ୍ରକୁ ଯୋଡ଼ିବ ଯାହା ଓଡ଼ିଶାର ଆର୍ଥିକ ନେଟୱାର୍କକୁ ମଜବୁତ କରିବ। ଏହା ପାରାଦୀପ ବନ୍ଦର, ପୁରୀ ରେଳ ଷ୍ଟେସନ, ପୁରୀ ବିମାନବନ୍ଦର ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଆର୍ଥିକ କେନ୍ଦ୍ର ମଧ୍ୟରେ ଯୋଗାଯୋଗକୁ।

# ହୀରାକୁଦ ଜଳସ୍ତର ୬୧୩.୮୫ଫୁଟ



**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ହୀରାକୁଦ ଉପର ମୁଣ୍ଡରେ ବର୍ଷା ଏବଂ ଛତିଶଗଡର କଲମା ଓ ଅନ୍ୟ ଡ୍ୟାମରୁ ଜଳ ନିଷ୍କାସନ ଯୋଗୁଁ ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ଲକ୍ଷ କ୍ୟୁସେକରୁ ଉର୍ଦ୍ଧ୍ୱ ଜଳ ପ୍ରବେଶ କରୁଛି । ସମ୍ପ୍ରତି ଜଳଭଣ୍ଡାରୁ ୧୨ଟି ଗେଟ ଦେଇ ବନ୍ୟା ଜଳ ନିଷ୍କାସନ କରାଯାଉଛି । ହୀରାକୁଦ ଜଳସ୍ତର ୬୧୪ଫୁଟ ପାଖାପାଖି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବା ବେଳେ ଜୁଲାଇ ୧୯ତାରିଖରେ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡାଯାଉଛି । ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୮୫ଫୁଟ ରହିଛି । ନଦୀବନ୍ଧର ବାମପାର୍ଶ୍ୱର ୮ଟି ଏବଂ ଡାହାଣ ପାର୍ଶ୍ୱର ୪ଟି ଏହିଭଳି ମୋଟ ୧୨ଟି ସୁଇସ୍ ଗେଟ ଖୋଲା ରହିଛି । ଜଳଭଣ୍ଡାରରୁ ସେକେଣ୍ଡ ପ୍ରତି ୨୦୦,୧୩୦ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଇ ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୧୬,୧୬୯ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୧,୮୨,୧୬୦କ୍ୟୁସେକ ଜଳ ପ୍ରଭାବିତ ହେଉଥିବା ବେଳେ ପାୱାର ଚାନେଲ ଦେଇ ୩୦୬୮୩ କ୍ୟୁସେକ ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ କେନାଲ ପାଇଁ ୩୦୦୭ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ଅନ୍ୟ ପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୨୮୦୦୦ କ୍ୟୁସେକ ଜଳ ପ୍ରଭାବିତ ହେଉଥିବା ବେଳେ ପର୍ଥଲାଠାରେ ୬୩,୫୦୦କ୍ୟୁସେକ, ଖଇରମାଲଠାରେ ୩,୨୫,୦୦୦ କ୍ୟୁସେକ, ବାରମୁଲଠାରେ୩,୧୮,୦୦୦ କ୍ୟୁସେକ ଏବଂ ମୁଣ୍ଡଳୀଠାରେ ୪,୮୫,୪୩୦ କ୍ୟୁସେକ ଜଳ ପ୍ରଭାବିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ୨୪ ଘଣ୍ଟାରେ ଉପର ମୁଣ୍ଡରେ ୯.୯୦ ମିମି ବର୍ଷା ହୋଇଥିବା ବେଳେ ତଳ ମୁଣ୍ଡରେ ୩,୦୯ମିମି ବର୍ଷା ରେକର୍ଡ କରାଯାଇଛି ।

# ପୂର୍ବବର୍ଷ ତୁଳନାରେ ରାଜସ୍ୱ ଆଦାୟ ୭.୩ ପ୍ରତିଶତ ବୃଦ୍ଧି

## କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ଆହୁରି ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଅର୍ଥ ବିଭାଗର ସମୀକ୍ଷା କରିଛନ୍ତି । ରାଜସ୍ୱ ଆହାର ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ପୁଞ୍ଜି ଓ କାର୍ଯ୍ୟକ୍ରମ ବ୍ୟୟକୁ ଆହୁରି ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ପରାମର୍ଶ ଦେଇଛନ୍ତି । ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକ ଦକ୍ଷ ରାଜତ୍ୱ ଆଦାୟ ବ୍ୟବସ୍ଥାର ଆବଶ୍ୟକତା ଥିବାବେଳେ ପୁଞ୍ଜି ଓ କାର୍ଯ୍ୟକ୍ରମ ଖର୍ଚ୍ଚକୁ ମଧ୍ୟ ବ୍ୟାପକ କରିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ରାଜ୍ୟର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ବୈଠକରେ ଅର୍ଥବିଭାଗ ପକ୍ଷରୁ ରାଜସ୍ୱ ପ୍ରାପ୍ତି ଓ ଖର୍ଚ୍ଚ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖାଯାଇଥିଲା । ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ଅନୁଦାନ ୧୦ ପ୍ରତିଶତ, କେନ୍ଦ୍ରୀୟ ଟିକସରେ ଅଂଶ ୩୧ ପ୍ରତିଶତ, ନିଜସ୍ୱ ଟିକସ ରାଜସ୍ୱ ୩୧ପ୍ରତିଶତ ଏବଂ ନିଜସ୍ୱ ଅଣରାଜସ୍ୱ ଟିକସ ୨୮ ପ୍ରତିଶତ ରହିଛି । ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା ବିଭିନ୍ନ ସୂତ୍ରରୁ ସମୁଦାୟ ରାଜସ୍ୱ ଆଦାୟ ୬୧.୫୯୩ କୋଟି ଥିବାବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ସୁଦ୍ଧା ରାଜସ୍ୱ ଆଦାୟ ତୁଳନାରେ ଏହା ୭.୩ ପ୍ରତିଶତ ଅଧିକ ହୋଇଛି। ସେହିପରି ଚଳିତ ବର୍ଷର ଜୁଲାଇ ସୁଦ୍ଧା ରାଜ୍ୟର ସମୁଦାୟ ନିଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୧.୯ପ୍ରତିଶତ ଅଧିକ ରହିଛି । ୨୦୨୬ ଜୁଲାଇ ଶେଷ ସୁଦ୍ଧା ମୋଟ ପୁଞ୍ଜିଗତ ଦର ୧୧୩୦୦ କୋଟି ଟଙ୍କା ଥିବା ବେଳେ ଗତ ବର୍ଷ ଜୁଲାଇ ସୁଦ୍ଧା ଏହି ପରିମାଣ ୯,୩୯୯ କୋଟି ଟଙ୍କା ଥିଲା । ସମୁଦାୟ କ୍ୟାପେକ୍ସ ଖର୍ଚ୍ଚ ଜୁଲାଇ ସୁଦ୍ଧା ଗତ ବର୍ଷ ତୁଳନାରେ ୨୦.୨ପ୍ରତିବର୍ଷ ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନର ଲକ୍ଷ ନେଇ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ଭିତ୍ତିଭୂମି ବ୍ୟାପକ କ୍ଷେତ୍ରରେ ବିନିଯୋଗର ଆବଶ୍ୟକତା ରହିଛି । ରାଜସ୍ୱ ଆଦାୟ ଏବଂ କାର୍ଯ୍ୟକ୍ରମ ପୁଞ୍ଜିବ୍ୟୟ ପୂର୍ବ ବର୍ଷ ଅପେକ୍ଷା ଅଧିକ ଥିଲେ ମଧ୍ୟ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

# କଟକ ସଦରରେ ଯୁଗ୍ମ ଜନ ଶୁଣାଣି
## ୧୫ ଅଭିଯୋଗର ତ୍ୱରିତ ସମାଧାନ

**କଟକ, ନ୍ୟୁଜ ବ୍ୟୁରୋ**

କଟକସଦର ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଳଜିତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୫ଟି ଅଭିଯୋଗ ହସ୍ତଗତ ହୋଇଥିଲା । ତନ୍ମଧ୍ୟରେ ୪୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୮ଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୧୫ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଡିସିପି, ଖିଲାରି ଋଷିକେଶ ଦ୍ୟାନଦେଓ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ମିନାକ୍ଷୀ ଠାକୁର, କଟକ ସଦର ଉପଜିଲ୍ଲାପାଳ, ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ବିଡିଓ ପ୍ରତୀକ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ସ୍ଥାନୀୟ ଲୋକମାନଙ୍କର ଉପସ୍ଥିତିରେ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଆସନ୍ତା ୧୭ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସଓ୍ୱାନ କକ୍ଷଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ୪୮ଲିଟର ଦେଶୀ ମଦ ଜବତ : ୩ ଗିରଫ

**ବେଗୁନିଆ, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଅବକାରୀ ଥାନା ଏସଆଇଆର ସୁନୀଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଥାନା କର୍ମଚାରୀ ପୁରୁଷୋତ୍ତମ ପାଇକରାୟ, ତୁଷାରକାନ୍ତ ଚମ୍ପତି ଓ ବିଦ୍ୟୁତ ପ୍ରଭା ସାହୁ ବିଭିନ୍ନ ସ୍ଥାନରେ ଚଢଉ କରି ୪୮ଲିଟର ଦେଶୀ ମଦ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଅସନ ପଲ୍ଲୀ ଗାଁର ଶୈଳ ନାୟକ ମଦ ବିକ୍ରି କରୁଥିବା ବେଳେ ସେଠାରେ ଚଢଉ କରି ତାଙ୍କ ଠାରୁ ୧୩ଲିଟର ଦେଶୀ ମଦ ଜବତ କରିବା ସହିତ ତାଙ୍କୁ ଗିରଫ କରିଥିଲେ । ଅନ୍ୟ ଏକ ଘଟଣାରେ ଗିରିଗିରିଆ ଗ୍ରାମରେ ନିଧି କହଲସିଂହଙ୍କ ନିକଟରୁ ୧୯ଲିଟର ଦେଶୀ ମଦ ଜବତ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋଟ ଚାଲାଣ କରିଛନ୍ତି । ଥାନାରେ ତିନୋଟି ପୃଥକ ମାମଲା ୧୨୨,୧୨୩, ଓ ୧୨୪ ରୁଜୁ କରିଛନ୍ତି । ଏସ ଏସ ଆର ଶ୍ରୀ ମିଶ୍ର ଘଟଣାର ତଦନ୍ତ କରୁଛନ୍ତି ।

# ଧର୍ମଶାଳାରେ ଘରେ ଘରେ ତ୍ରିରଙ୍ଗା ଯାତ୍ରା

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ଧର୍ମଶାଳା ବିଜେପି ପକ୍ଷରୁ ମଣ୍ଡଳସ୍ତରୀୟ ଘରେ ଘରେ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାରବାଟୀ, ଜାରକା, ଆରୁହା ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ପଦଯାତ୍ରାକୁ ଉଦଘାଟନ କରିଥିଲେ। ନିଜେ ଜାତୀୟ ପତାକା ଧରି ପଦଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ସମାଜସେବୀ ମିନତୀ ସାହୁ, ପୂର୍ବତନସାଂସଦ ରିତା ତରାଇ, ଯୁବନେତା ରାଜେଶ ପାଳ, ଜିତେନ୍ଦ୍ର ରାଉତ ପ୍ରମୁଖ ବହୁ ନେତୃମଣ୍ଡଳୀ ଓ ହଜାରହାଜର କର୍ମୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# କେନ୍ଦୁଝରରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ

**କେନ୍ଦୁଝର, ନ୍ୟୁଜ**

୨୦୨୬ ମସିହାର 'ଘରେ ଘରେ ତ୍ରିରଙ୍ଗା' ଅଭିଯାନକୁ ଜିଲ୍ଲାରେ ଅତ୍ୟନ୍ତ ଆଡ଼ମ୍ବର ଓ ଦେଶଭକ୍ତିର ମାହୋଲ ମଧ୍ୟରେ ପାଳନ କରିବା ପାଇଁ କେନ୍ଦୁଝର ଦରବାର ହଲ୍‌ଠାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମନ୍ଦରଧର ମହାଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାବ୍ୟାପୀ ବ୍ୟାପକ କାର୍ଯ୍ୟସୂଚୀକୁ ଚୂଡ଼ାନ୍ତ ରୂପ ଦିଆଯାଇଛି । ସ୍ଥାନୀୟ ନୋଡାଲ ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଂସ୍କୃତିକ, କ୍ରୀଡ଼ା ଏବଂ ସ୍ମାରକୀ କାର୍ଯ୍ୟକ୍ରମ ସମୂହକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବ୍ୟାପକ ରୂପରେଖ ପ୍ରସ୍ତୁତ କରାଯାଇଛି । ବୈଠକ ନିଷ୍ପତ୍ତି ଅନୁସାରେ ଅଗଷ୍ଟ ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସପିଂ ମଲ୍, ରେଳ ଷ୍ଟେସନ ଏବଂ ଚିକିତ୍ସାଳୟଗୁଡ଼ିକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯିବ। ଏତଦ୍‌ବ୍ୟତୀତ, ଅଗଷ୍ଟ ୧୪ ଓ ୧୫ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର 'ତ୍ରିରଙ୍ଗା ଏବଂ ବିଭାଜନ ବିଭୀଷିକା' ପ୍ରଦର୍ଶନୀ ଆୟୋଜିତ ହେବ। ଅଗଷ୍ଟ ୧୨ ତାରିଖ ପୂର୍ବାହ୍ନ ୯:୩୦ ମିନିଟ୍‌ରେ କେନ୍ଦୁଝର ଷ୍ଟାଡିୟମ୍‌ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଜିଲ୍ଲାସ୍ତରୀୟ ସାଇକେଲ ରାଲି ଅନୁଷ୍ଠିତ ହେବ। ପରଦିନ, ଅର୍ଥାତ୍ ଅଗଷ୍ଟ ୧୩ ତାରିଖ ପୂର୍ବାହ୍ନ ୯:୩୦ ରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଏକ ବିଶାଳ ତ୍ରିରଙ୍ଗା ପରେଡ୍ ସହ ସାମୂହିକ ଜାତୀୟ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ରହିଛି । ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷାନୁଷ୍ଠାନ ପ୍ରମୁଖଙ୍କ ଦ୍ୱାରା ନିର୍ଦ୍ଧାରିତ ତିଥିରେ 'ବନ୍ଦେ ମାତରମ୍' ର ସାମୂହିକ ଗାନ, ଅନଲାଇନ୍ କୁଇଜ୍ ଏବଂ 'ଜାତୀୟ ପତାକା ବିକାଶ ଯାତ୍ରା' ପ୍ରଦର୍ଶନୀ ଅନୁଷ୍ଠିତ ହେବ। ସେହିପରି ବ୍ଲକ୍ ଓ ଗ୍ରାମପଞ୍ଚାୟତ ସ୍ତରରେ ମଧ୍ୟ ସ୍ଥାନୀୟ ସାଇକେଲ ରାଲି ଏବଂ କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯିବ। ବିଭାଜନ ବିଭୀଷିକା ସ୍ମୃତି ଦିବସ' ଅବସରରେ ଅଗଷ୍ଟ ୧୪ ଓ ୧୫ ତାରିଖ ସନ୍ଧ୍ୟା ୬:୩୦ ରେ ଧରଣୀଧର ବିଶ୍ୱବିଦ୍ୟାଳୟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିବ। ଅଗଷ୍ଟ ୧୫ ତାରିଖ ଅପରାହ୍ନ ୨:୩୦ ରେ ଜିଲ୍ଲା ସଂସ୍କୃତି ଭବନଠାରେ କବିତା ପାଠ ଓ ବକ୍ତୃତା ଉତ୍ସବ, ବିକାଶଶୀଳ କ୍ରୀଡ଼ା ଭିତ୍ତିଭୂମି ଅଧୀନରେ ୪:୦୦ ଘଟିକାରେ ଧରଣୀଧର କ୍ରୀଡ଼ା ପ୍ରାଙ୍ଗଣ (ଶଙ୍କରପୁର) ଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ପ୍ରତିଯୋଗିତା ଏବଂ ସନ୍ଧ୍ୟା ୬:୦୦ ରେ ଜିଲ୍ଲା ସଂସ୍କୃତି ଭବନରେ ଦେଶଭକ୍ତିମୂଳକ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହେବ। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଲିକ ସମସ୍ତ ସରକାରୀ ବିଭାଗ, ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ ବ୍ଲକ୍ ଉନ୍ନୟନ ଅଧିକାରୀ ଏବଂ ପୌରପାଳିକାର ନିର୍ବାହୀ ଅଧିକାରୀମାନଙ୍କୁ ସୁଚାରୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସର୍ବାଧିକ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ, ଡେପୁଟି କଲେକଟର ଅବିନାଶ ପୁରୋହିତ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ସାର୍ଥକ ଅଭିନନ୍ଦନ ରାୟ ଏବଂ ଗଣମାଧ୍ୟମ ପ୍ରତିନିଧି ଗଣ ଉପସ୍ଥିତ ଥିଲେ।

# ନିଶା ପରୀକ୍ଷାରେ ଧରାପଡିଲେ : ମାରିଜୁଆନା ସେବନ କରିଥିଲେ ପାଇଲଟ

**ନୂଆଦିଲ୍ଲୀ:**

ଫୁକେଟରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ଏୟାରଇଣ୍ଡିଆ ବିମାନ ଏଆଇ ୨୩୧୭୯ରେ ଅଗଷ୍ଟ ୪ରେ ଘଟିଥିବା ବିପଜ୍ଜନକ ଦୁର୍ଘଟଣାକୁ ନେଇ ତଥ୍ୟ ସାମ୍ନାକୁ ଆସିଛି । ଦ୍ୱିତିୟଥର ପାଇଁ କରାଯାଇଥିବା ଡ୍ରଗ ଟେଷ୍ଟରେ ବିମାନର ପାଇଲଟ-ଇନ୍-କମାଣ୍ଡ ପଜିଟିଭ ଆସିଥିବା ଜଣାପଡିଛି । ସୂଚନା ଅନୁଯାୟୀ ପାଇଲଟ ଜଣକ ମାରିଜୁଆନା ବା ନିଶାଦ୍ରବ୍ୟ ସେବନ କରିଥିଲେ । ଏଇ ଘଟଣା ବିମାନ ଚଳାଚଳ ସୁରକ୍ଷା ଉପରେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରିପୋଟ ଅନୁଯାୟୀ ବିମାନଟି ଫୁକେଟରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ବେଳେ ଓଡିଶା ଉପରଦେଇ ଉଡିଥିଲା । ଭୁବନେଶ୍ୱର ଆକାଶମାର୍ଗରେ ହିଁ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଫଳରେ ବିମାନଟି ହଠାତ ପ୍ରାୟ ୩୦୦ଫୁଟ ତଳକୁ ଖସିଆସିଥିଲା । ଏହି ସମୟରେ ବିମାନରେ ଭୀଷଣ କମ୍ପନ ସୃଷ୍ଟି ହୋଇଥିଲା। ଏହାଯୋଗୁଁ ୨୦ଜଣ ଯାତ୍ରୀ ଏବଂ ୪ଜଣ ସଦସ୍ୟଙ୍କ ସମେତ ମୋଟ ୨୪ଜଣ ଆହାତ ହୋଇଥିଲେ । ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଘଟଣାର ତଦନ୍ତ ଚାଲିଛି । ତଦନ୍ତ ରିପୋର୍ଟ ଅନୁଯାୟୀ ବିମାନର ହାଇଡ୍ରୋଲିକ ସିଷ୍ଟମ ତିନିଥର ବିଫଳ ହୋଇଥିଲା । ଏବଂ ଅଟୋ-ପାଇଲଟ ସିଷ୍ଟମ ମଧ୍ୟ କାମ କରିବା ବନ୍ଦ କରିଦେଇଥିଲା । ଏହାପରେ ଏକା ପାଇଲଟ ବିମାନର ନିୟନ୍ତ୍ରଣ ନିଜ ହାତକୁ ନେଇ ଏହାକୁ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ । କିନ୍ତୁ ଘଟଣା ପରେ ହୋଇଥିବା ପରୀକ୍ଷାରେ ପାଇଲଟଙ୍କ ଶରୀରରେ ନିଶାଦ୍ରବ୍ୟ ମିଳିଛି । ଫଳସ୍ୱରୁପ ଉଭୟ ପାଇଲଟଙ୍କୁ କାର୍ଯ୍ୟରୁ ବାଦ ଦିଆଯାଇଛି । ଏୟାରବସ ଏ୩୨୦ ବିମାନଟି ଫ୍ରାନର ବିଶେଷଜ୍ଞ ଦଳ ଏବଂ ଏଲାରବସ କମ୍ପାନୀର ପ୍ରତିନିଧିମାନେ ମଧ୍ୟ ଭାରତରେ ପହଞ୍ଚି ଦେଶର ସହାୟତା କରୁଛନ୍ତି ।

# ବିନିକା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି : ୬୩ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ବିନିକା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୬୩ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ଏବଂ ୧୯ଟି ସାମୂହିକ ଦରଖାସ୍ତ ଥିଲା ଏବଂ ୧ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସହାୟତା ପାଇଁ ଆସିଥିଲା। ୧୨ଟି ଦରଖାସ୍ତର ତୁରନ୍ତ ସମାଧାନ ହୋଇଛି। ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଉଷାରାଣୀ ଦାସ, ବିନିକା ତହସିଲଦାର ରସନା ଭୋଇ, ବିନିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ବାଗ, ସହାୟକ ଜିଲ୍ଲାପାଳ ଅଭିଯୋଗ ଶାଖା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତାଙ୍କର ବ୍ଲକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପରିବାଠୁ ଆମିଷ ବଜାରରେ ଲାଗିଛି ବର୍ଷା ଓ ବନ୍ୟାର ଗ୍ରହଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆମିଷ ବଜାର ଉପରେ ଏବେ ବର୍ଷା ଓ ବନ୍ୟାର ଗ୍ରହଣ ଲାଗିଛି । ଅଣ୍ଡା ଠୁ ନେଇ ଖାସି ଦର ବି ବଢ଼ିଗଲାଣି । ଏବେ ମାଛ ଦର ବି ବଢ଼ିବାକୁ ଯାଉଛି । ଆନ୍ଧ୍ରପ୍ରଦେଶରେ ବନ୍ୟା ପରିସ୍ଥିତି ଯୋଗୁ ମାଛ ଉତ୍ପାଦନ କମିଯାଇଛି । ଫଳରେ ଓଡ଼ିଶାକୁ ପର୍ଯ୍ୟାପ୍ତ ଆନ୍ଧ୍ରମାଛ ଗାଡ଼ି ଆସିପାରୁନି । ଆସନ୍ତା ଦିନରେ ଆହୁରି କମ୍ ଗାଡି ଆସିବ ବୋଲି ଆଶଙ୍କା କରାଯାଉଛି । ଏହା ଫଳରେ ବଜାରରେ ମାଛର ନିଅଣ୍ଟ ପଡ଼ିବ । ରାଜଧାନୀ ସମେତ ରାଜ୍ୟ ବଜାରରେ ମାଛ ଖୋଜାପଡ଼ିବ। ଏବେ ଦେଶୀ ମାଛରେ ରାଜ୍ୟବାସୀଙ୍କ ଚାହିଦା ମେଣ୍ଟିପାରୁ ନଥିବାରୁ ଆନ୍ଧ୍ରପ୍ରଦେଶରୁ ମାଛ ଆସୁଛି । ସପ୍ତାହରେ ଆମିଷ ବାର ପୂର୍ବଦିନ ୧୦ରୁ ୧୨ ଟ୍ରକ ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଓ ସାମୁଦ୍ରିକ ମାଛ ଭର୍ତ୍ତି ଗାଡି ରାଜଧାନୀକୁ ଆସିଥାଏ । ସେପଟେ ସାରା ରାଜ୍ୟକୁ ୬୦ଗାଡି ଆସିଥାଏ । ଯାହା କଟକ, ନୟାଗଡ଼, ବଲାଙ୍ଗିର, କଳାହାଣ୍ଡି, ଗଞ୍ଜାମ, ବାଲେଶ୍ୱର, ଜଗତସିଂହପୁର ଆଦି ସ୍ଥାନକୁ ଯାଇଥାଏ। ରାଜଧାନୀକୁ ୧୧ଶହ କ୍ୱିଣ୍ଟାଲ ମାଛ ଆସିଥାଏ । ସେଥିରେ ଅଧିକ ଚାହିଦାରେ ଥାଏ ରୋହି, ଭାକୁର, ଜଳଙ୍ଗ। ଏହାବାଦ୍ ଟାଇଗର ଚିଙ୍ଗୁଡ଼ି ମଧ୍ୟ ଅଧିକ ଲୋକ କିଣନ୍ତି । ଦିନକରେ ୭ଶହ କୁଇଣ୍ଟାଲ ମାଛ ବିକ୍ରି ହୋଇଯାଏ। ଯାହା ବଳିପଡ଼େ ସେସବକୁ ତହିଁ ଆରଦିନରେ ବିକ୍ରି କରାଯାଏ । ଏବେ ପର୍ଯ୍ୟାପ୍ତ ମାଛ ନ ଆସିବା କାରଣରୁ ବଜାରରେ ଦର ବଢ଼ିଯିବ। ସାଧାରଣତଃ ରୋହି ୧୮୦ରୁ ନେଇ ୨୪୦ ଟଙ୍କା ପର୍ଯ୍ୟନ୍ତ କେଜି ପିଛା ବିକ୍ରି ହୁଏ। ଭାକୁର ୨୪୦ରୁ ୩୦୦ ଟଙ୍କା ଯାଏ ବିକ୍ରି ହୁଏ। ଯଦି ଦର ବଢ଼ିବ ଏସବୁ ମାଛକୁ କିଣିବା ଖାଉଟିଙ୍କୁ ଝଟକା ଲାଗିବ। ସେପଟେ ପରିବା, ପିଆଜ, ଅଦା, ଚିନି, ତେଲ ଦର ସବୁକୁ ବଢ଼ିକି ଅଛି । ତେଣୁ ବନ୍ୟା ନ'ଯିବା ଯାଏ ପର୍ଯ୍ୟାପ୍ତ ମାଛ ଗାଡ଼ି ଆସିବା ସମ୍ଭବ ନୁହେଁ ବୋଲି ବେପାରୀମାନେ କହିଛନ୍ତି । ହଠାତ୍ ଏକାସଙ୍ଗରେ ମଟନ, ଅଣ୍ଡା ଓ ଚିକେନ୍ ଦର ବୃଦ୍ଧି ପାଇବା ସହ ଆନ୍ଧ୍ର ମାଛ ନଆସିବା ଆମିଷପ୍ରେମୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି । ଖାଲି ସେତିକିନୁହେଁ, ରାଜ୍ୟର ଶତକଡ଼ା ୯୪.୭୫ ଲୋକ ମାଛ ଖାଆନ୍ତି ବୋଲି ସରକାରୀ ସର୍ଭେରୁ ଜଣାପଡ଼ିଛି । ୨୦୨୪-୨୫ରେ ଜଣେ ବ୍ୟକ୍ତି ବାର୍ଷିକ ୧୯.୧୬ କିଲୋଗ୍ରାମ ମାଛ ଖାଆନ୍ତି। ଏଭଳି ସ୍ଥିତିରେ ମାଛ ନିଅଣ୍ଟ ପଡ଼ିବା ଏକ ବଡ଼ କ୍ଷତି ହୋଇପାରେ । ଅପରପକ୍ଷେ ଅଣ୍ଡା ଦର ବି ଖସିନି । ଦର ସେଇ ୯ଟଙ୍କାରେ ଅଟକି ରହିଛି। ବଡ଼କଥା, ଦରବୃଦ୍ଧି ଆଳରେ ବେପାରୀମାନେ ମନଇଚ୍ଛା ଦର କଷୁଥିବା ଅଭିଯୋଗ ହେଉଛି। ତେଣୁ ସରକାର ଏଦିଗରେ ଶକ୍ତ ହେବା ନିହାତି ଆବଶ୍ୟକ। ରାଜ୍ୟର ବିଭିନ୍ନ ସରକାରୀ ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଏବେ ବଡ଼ ଚ୍ୟାଲେଞ୍ଜ ପାଲଟିଛି ଅଣ୍ଡା । ସରକାର ଅଣ୍ଡା ପିଛା ଦର ୭ଟଙ୍କା ନିର୍ଦ୍ଧାରଣ କରିଛନ୍ତି, କିନ୍ତୁ ବଜାର ଦର ୯-୧୦ ଟଙ୍କା ହେଲାଣି । ପ୍ରାଥମିକ ସ୍କୁଲ ଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବାବଦକୁ ୧୧ ଟଙ୍କା ୧୫ ପଇସା ଏବଂ ଉଚ୍ଚ ପ୍ରାଥମିକ ପିଲାଙ୍କ ପାଇଁ ୧୪ ଟଙ୍କା ୭୪ ପଇସା ଦେଉଛନ୍ତି ।

# 'କୃମି ସଂକ୍ରମଣରୁ ରକ୍ଷା ପାଇଁ କୃମିନାଶକ ଅଭିଯାନକୁ ସଫଳ କରାଯାଉ'

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**



ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସ୍ନିଗ୍ଧମୟୀ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉପସ୍ଥିତ ଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ଏ ଦିଗରେ ସଚେତନ କରିବା ନିମନ୍ତେ ସେ କୃମି ନାଶକ ବଟିକା ଆଲବେଣ୍ଡାଜୋଲ ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଏହି ସିରପ ଓ ବଟିକା ସେବନ କରାଇବା ନିମନ୍ତେ ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ଅଙ୍ଗନବାଡି ଦିଦି, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକ ମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ।ଏହି କାର୍ଯ୍ୟକ୍ରମରେ ଡ଼ା ପ୍ରମୋଦ କୁମାର ବାରିକ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଦିବସର ମହତ୍ତ୍ୱ ପ୍ରତିପାଦିତ କରିବାକୁ ଯାଇ କହିଲେ ୨୦୧୫ ମସିହା ଠାରୁ ପ୍ରତିବର୍ଷ ପରି ଏହି ବର୍ଷ ୧୦ ଅଗଷ୍ଟ ରେ ଜାତୀୟ କୃମି ନାଶକ ଦିବସ ପାଳନ କରାଯାଉଛି। ଯାହାର ଉଦ୍ଦେଶ୍ୟ ହେଉଛି ୧ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ଓ କିଶୋର କିଶୋରୀ ତଥା ୨୦ରୁ ୨୪ ବର୍ଷ ବୟସର ସମସ୍ତ ମହିଳା ଯିଏକି (ଗର୍ଭବତୀ ଓ ପ୍ରସୂତି ହୋଇନଥିବେ)ଙ୍କୁ କୃମି ନାଶକ ବାଟିକାର ସେବନ କରାଇ ଏହି ଅଭିଯାନକୁ ସଫଳ କରାଇବା।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଅଗଷ୍ଟ ୨୦୨୬ ଗୁରୁବାର





## କଳାପଥର ଖାଦାନରେ ପଡ଼ି ନାବାଳକ ମୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ପଞ୍ଚାୟତ ଯୋଗଡା ନିକଟରେ ଥିବା ବଜବାଟୀ କଳାପଥର ଖାଦାନରେ ପଡି ଜଣେ ନାବାଳକର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଯାଜପୁର ରୋଡ଼ର କିମ୍ପିର ଗଡିଆ ଅଞ୍ଚଳର ସ୍ୱର୍ଗତ ସୁକାନ୍ତ ରାଉତଙ୍କ ପୁଅ ସଂଗ୍ରାମ ରାଉତ (୧୭) ନିଜ ମାମୁଁ ଯୋଗେନ୍ଦ୍ର ନାୟକଙ୍କ ଘରେ ରହି ପାଠ ପଢୁଥିଲା । ମଙ୍ଗଳବାର ଦିନ ଖାଦାନ ନିକଟରେ ବୁଲୁଥିବା ବେଳେ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡି ଯାଇଥିଲା । ସ୍ଥାନୀୟଲୋକେ ତାକୁ ଖୋଜାଖୋଜି କରି ତାକୁ ଖାଦାନରୁ ଉଦ୍ଧାର କରି ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଛନ୍ତି । ଧର୍ମଶାଳା ପୋଲିସ କେସ ନଂ ୩୭/୨୬ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ରାସ୍ତାରେ ଆଣ୍ଠୁଏ ପାଣି:ସମସ୍ୟା ଘେରରେ ଛାତ୍ରଛାତ୍ରୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବର୍ଷା ହେଲେ ଗାଁ ରାସ୍ତାର ଅବସ୍ଥା ସାଂଘାତିକ ହୋଇପଡୁଛି । ବୌଦ୍ଧ ବ୍ଲକ ଅଁଳାପାଲି ପଞ୍ଚାୟତ ଅନ୍ତର୍ଗତ ହିଲୁଙ୍ଗ ଗ୍ରାମରେ ସ୍କୁଲ ସମ୍ମୁଖ ରାସ୍ତାର ଶୋଚନୀୟ ଅବସ୍ଥା ଏବେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ରାସ୍ତା ଉପରେ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ଜମିରହିବା ସହ ଚାରିଆଡେ କାଦୁଅ ହୋଇଯାଉଥିବାରୁ ଏହା ଏକ ପୋଖରୀର ଭ୍ରମ ସୃଷ୍ଟି କରୁଛି । ଦୁଇଟି ଓ୍ୱାର୍ଡ ବିଶିଷ୍ଟ ହିଲୁଙ୍ଗ ଗ୍ରାମର ଅଙ୍ଗନଓ୍ୱାଡ଼ି, ସ୍କୁଲ ଓ କଲେଜକୁ ଯାଉଥିବା ଛାତ୍ରଛାତ୍ରୀମାନେ ପ୍ରତିଦିନ ଏହି ରାସ୍ତା ଉପରେ ନିର୍ଭର କରନ୍ତି । ବର୍ଷା ସମୟରେ ରାସ୍ତାରେ ପାଣି ଜମି ରହିବା ସହ କାଦୁଅରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି । ଅନେକ ସମୟରେ ଛାତ୍ରଛାତ୍ରୀମାନେ କାଦୁଅରେ ଖସିପଡ଼ି ଆହତ ହେଉଥିବା ଅଭିଯୋଗ ହୋଇଛି । ଛୋଟ ପିଲାଙ୍କ ଯାତାୟାତ ସମୟରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ରହୁଛି । ରାସ୍ତାରେ ନିୟମିତ ଭାବେ ପାଣି ଜମି ରହୁଥିବାରୁ ଏହାର ନିଷ୍କାସନ ବ୍ୟବସ୍ଥା ନେଇ ମଧ୍ୟ ପ୍ରଶ୍ନ ଉଠିଛି । ସ୍କୁଲ ଭଳି ଏକ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଏଭଳି ଅବସ୍ଥା ରହିବା ଦ୍ୱାରା ପିଲାଙ୍କ ଯାତାୟାତ ସହ ସ୍ୱାସ୍ଥ୍ୟ ଓ ସୁରକ୍ଷା ମଧ୍ୟ ପ୍ରଭାବିତ ହେଉଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାସ୍ତାର ଉନ୍ନତିକରଣ, ପାଣି ନିଷ୍କାସନ ପାଇଁ ଡ୍ରେନ୍ ବ୍ୟବସ୍ଥା ଓ ଆବଶ୍ୟକ ସ୍ଥାନରେ ମାଟି ପକାଇ ରାସ୍ତାକୁ ଉଚ୍ଚ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ତୁରନ୍ତ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହୋଇଛି ।

## ହଜାର ହଜାର ଏକର ଚାଷ ଜମି ଜଳମଗ୍ନ:ଚାଷୀ ନିରାଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦୀର୍ଘ ଦୁଇମାସ ହେବ ଲଗାଣ ବର୍ଷା ଓ ବନ୍ୟା ଫଳରେ ଘରଦ୍ୱାର ବୁଡିବା ଅନେକ ଘର ଭାଙ୍ଗିବା ସହ ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହୋଇଥିବାରୁ ଚାଷୀମାନେ ହତାଶ୍ ହୋଇପଡିଛନ୍ତି । ଧାର ଉଦ୍ଧାର କରଜ କରି ବର୍ଷକର ଆହାର ଆଶାରେ ଚାଷ କରିଥିବାବେଳେ ଚାଷ ଜମିରେ ଆଣ୍ଠୁଏ ଲେଖାଏ ବର୍ଷାଜଳ ଜମି ରହିଥିବାରୁ ତଳି ବୁଡିଯିବା ଫଳରେ ଚାଷିମାନେ ନିରାଶ ହୋଇପଡିଛନ୍ତି । କେନ୍ଦ୍ରାପଡା ବ୍ଲକର ଆୟବା, ପୁରୁଷୋତ୍ତମପୁର, କଂସାର, ଓସ୍ତପୁର ପ୍ରଭୃତି ଚାରିଗୋଟି ପଞ୍ଚାୟତର ହଜାର ହଜାର ଏକର ଚାଷଜମି ଜଳମଗ୍ନ ହେବାଫଳରେ ଆୟବା ପଞ୍ଚାୟତର ଗଣ୍ଡାଖିଆ, ନରଣପୁର, ମଧୁରକୁଳ, ଆୟବା, ବାଲିଗୋଠ, କେଉଟଗଡ ଓ ପୁରୁଷୋତ୍ତମପୁର ପଞ୍ଚାୟତର କୋରୁଆ, ଏରା, ପୁରୁଷୋତ୍ତମପୁର, ବରମ୍ପୁର, କହ୍ନେଇପୁର, ସନ୍ୟାସୀପୁର ଏବଂ କଂସାର ପଞ୍ଚାୟତର ଏଣ୍ଡର, ଫୋରଡ, ବାଇପୁର, କାଙ୍କଦିଆ, ଚଣ୍ଡିଆପଲ୍ଲୀ, ଚନ୍ଦନପୁର, ଓସ୍ତପୁରର ଦେପୁର, ନାଗପୁର, ସାରଙ୍ଗ, କଦଳୀବାଡି, ଚକଡା ବାରଙ୍ଗ ଇତ୍ୟାଦି ଅଞ୍ଚଳର ହଜାର ହଜାର ଏକର ଚାଷଜମି ଜଳମଗ୍ନ ହେବାଫଳରେ ଚାଷୀମାନେ ଚାଷ କରିନପାରି ନିରାଶ ହେବା ସହ ଏ ବିଷୟରେ ଉଚ୍ଚସ୍ଥ ଅଧିକାରୀମାନଙ୍କୁ ଜଣାଇଛନ୍ତି । ଏହି ଚାରିଗୋଟି ପଞ୍ଚାୟତର ଚାଷୀ ଭ୍ରମରବର ଲେଙ୍କା, କବିଚନ୍ଦ୍ର ବିଶ୍ୱାଳ, ପର୍ଶୁରାମ ଜେନା, ଅକ୍ଷୟ ଜେନା, ଶ୍ରୀକାନ୍ତ ଜେନା, ବିଜୟ କୁମାର ଜେନା, ବିଜୟ ମୁଦୁଲି, ଭାସ୍କର ରାଉତ, ରତିକାନ୍ତ ସାମନ୍ତରାୟ, ବିଜୟ କୁମାର ପ୍ରଧାନ, ରାମଚନ୍ଦ୍ର ରାଉତ ପ୍ରଭୃତିଙ୍କ ସହ ଶହ ଶହ ଚାଷୀମାନେ ତୁରନ୍ତ ଚାଷ ଜମିରୁ ଜଳ ନିଷ୍କାସନ କରିବା ସହ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି । ଏହି ଚାରିଗୋଟି ପଞ୍ଚାୟତର ଚାଷୀମାନଙ୍କର ବର୍ଷକର ଫସଲ ନଷ୍ଟ ହେବାଦ୍ୱାରା ଚାଷୀମାନେ ଭାଙ୍ଗି ପଡିଛନ୍ତି । ତେଣୁ ଏହି ପଞ୍ଚାୟତ ଗୁଡିକର ଚାଷୀମାନଙ୍କର ସମସ୍ୟା ଓ କ୍ଷତିପୂରଣ ଆକଳନ କରିବା ସହ ତୁରନ୍ତ ଚାଷ ଜମିରୁ ଜଳ ନିଷ୍କାସନ କରିବା ସହିତ ଏମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ସରପଞ୍ଚ ସଂଘର ପୂର୍ବତନ ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା ଓ ଓସ୍ତପୁର ପଞ୍ଚାୟତର ସରପଞ୍ଚ ବରିଷ୍ଠ ସମାଜସେବୀ ପ୍ରସନ୍ନ ରାଉତ ପ୍ରମୁଖ ଦାବି କରିଛନ୍ତି ।

### ଉମରକୋଟରେ ଜିଲ୍ଲାସ୍ତରୀୟ ‘ହର ଘର ତ୍ରିରଙ୍ଗା’ ଏବଂ ‘ବନ୍ଦେ ମାତରଂ’ ଧ୍ୱନୀରେ କମ୍ପି ଉଠିଲା ସହର

## ୫ ହଜାରରୁ ଉର୍ଦ୍ଧ୍ୱ ଦେଶପ୍ରେମୀଙ୍କ ଉପସ୍ଥିତରେ ରାଲିର ଶୁଭାରମ୍ଭ କଲେ ଗଣଶିକ୍ଷା ମନ୍ତ୍ରୀ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**



ଉତ୍ସାହ, ଦେଶପ୍ରେମ ଓ ଜାତୀୟ ଭାବନାରେ କମ୍ପି ଉଠିଲା ଉମରକୋଟ ସହର । ‘ହର ଘର ତ୍ରିରଙ୍ଗା’ ଏବଂ ‘ବନ୍ଦେ ମାତରମ୍’ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଉମରକୋଟରେ ଆୟୋଜିତ ହୋଇଛି ଜିଲ୍ଲାସ୍ତରୀୟ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା । ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସହ ସ୍ଥାନୀୟ ଦେଶପ୍ରେମୀ ଜନସାଧାରଣଙ୍କ ଉପସ୍ଥିତିରେ ଦେଖିବାକୁ ମିଳିଥିଲା ଦେଶପ୍ରେମର ଅଦ୍ଭୁତ ଦୃଶ୍ୟ । ହାତରେ ତ୍ରିରଙ୍ଗା ଧରି ଦେଶାତ୍ମବୋଧକ ସଙ୍ଗୀତର ତାଳେ ତାଳେ ସହର ପରିକ୍ରମା କରିଥିଲେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ । ସକାଳ ପ୍ରାୟ ୭ଟା ୩୦ରେ ଉମରକୋଟ DNK ସ୍ଥିତ ମିନି ଷ୍ଟାଡିୟମ୍ ଠାରୁ ଆରମ୍ଭ ହୋଇଥିଲା ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପତାକା ଦେଖାଇ ରାଲିର ଶୁଭାରମ୍ଭ କଲେ ଏବଂ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଉମରକୋଟ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳର ସମସ୍ତ ସମାଜ ସେବୀ, ଦଳୀୟ କର୍ମୀ, ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ମ୍ୟୁନିସିପାଲିଟି ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର, ସମସ୍ତ କାର୍ଯ୍ୟାଳୟର କର୍ମଚାରୀ ଓ ଅଧିକାରୀମାନେ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ । ଏହି ଅଞ୍ଚଳର ଶିକ୍ଷାନୁଷ୍ଠାନର ବହୁ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଏନ୍‌ସିସି କ୍ୟାଡେଟ୍, ରେଡକ୍ରସ୍ ସଦସ୍ୟ, ଅଙ୍ଗନଓ୍ୱାଡ଼ି କର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଜନପ୍ରତିନିଧି ଓ ସାଧାରଣ ଲୋକଙ୍କ ସମେତ ୫ ହଜାରରୁ ଅଧିକ ଲୋକ ଏଥିରେ ସାମିଲ୍ ହୋଇଥିଲେ । ବନ୍ଦେ ମାତରମ୍ ଗାନ ସହ ପ୍ରାୟ ୩୦୦ ମିଟର ଲମ୍ବା ବିଶାଳ ତ୍ରିରଙ୍ଗା ସହ ଆରମ୍ଭ ହୋଇଥିଲା ଶୋଭାଯାତ୍ରା । ହାତରେ ଜାତୀୟ ପତାକା ଧରି ଦେଶାତ୍ମବୋଧକ ସଙ୍ଗୀତର ତାଳେ ତାଳେ DNK ମିନିଷ୍ଟାଡିୟମ୍ ଠାରୁ ଆରମ୍ଭ ହୋଇ ମୁଖ୍ୟ ରାସ୍ତା ଦେଇ ସ୍ଥାନୀୟ ରାମମନ୍ଦିର ସ୍ଥିତ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଏହି ରାଲି ଆଗେଇଥିଲା । ବାଟରେ ଥିବା ସ୍ୱାଧୀନତା ସଂଗ୍ରାମୀ ଓ ଶେଷରେ ଗାନ୍ଧୀ ପ୍ରତିମୂର୍ତ୍ତିକୁ ଶ୍ରଦ୍ଧାଞ୍ଜଳି ଦେଇ ଶୋଭାଯାତ୍ରାଟି ପହଞ୍ଚିଥିଲା । ହର ଘର ତ୍ରିରଙ୍ଗା ଓ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତିକୁ ନେଇ ଉମରକୋଟରେ ଦେଖିବାକୁ ମିଳିଥିଲା ଅଭୂତପୂର୍ବ ଦେଶପ୍ରେମର ଝଲକ୍ । ତ୍ରିରଙ୍ଗାର ରଙ୍ଗରେ ରଙ୍ଗୀନ ହୋଇଥିଲା ସହର, ଆଉ ‘ବନ୍ଦେ ମାତରମ୍’ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ପରିବେଶ ।

## ଓଡ଼ିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକଙ୍କ କେନ୍ଦୁଝର ଗସ୍ତ



**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡା. ବିଜୟ ଭୂଷଣ ନନ୍ଦଙ୍କ ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପ୍ରଥମ ଦିନ ୧୦ ତାରିଖରେ ଘସିପୁରା ବ୍ଲକ ପରିସଂଖ୍ୟାନ କାର୍ଯ୍ୟାଳୟକୁ ପରିଦର୍ଶନ କରି ବିଭିନ୍ନ ପରିସଂଖ୍ୟାନ ସର୍ଭେ ଓ ଯୋଜନା କାର୍ଯ୍ୟକାରିତାର ସମୀକ୍ଷା କରିବା ସହ ଆନନ୍ଦପୁର ବ୍ଲକର ଜାତୀୟ ନମୁନା ସର୍ବେକ୍ଷଣ (ଫିଏଲଏଫ୍ଏସ୍) କ୍ଷେତ୍ର କାର୍ଯ୍ୟ ବୁଲି ସମୀକ୍ଷା କରିଥିଲେ । ପରେ ଘଟଗାଁ ବ୍ଲକ ପରିସଂଖ୍ୟାନ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ପରିସଂଖ୍ୟାନ ବିଭାଗର ବିଭିନ୍ନ ସର୍ଭେ ଓ ଯୋଜନା କାର୍ଯ୍ୟକାରିତାର ଅଗ୍ରଗତିର ସମୀକ୍ଷ କରିଥିଲେ । ସେହିପରି ପ୍ରଥମ ଦିନର ଅପରାହ୍ନରେ ଡା. ନନ୍ଦ କେନ୍ଦୁଝର ସ୍ଥିତ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉଭୟ ଯୋଜନା ଓ ପରିସଂଖ୍ୟାନ ଶାଖା ପରିଦର୍ଶନ କରିବା ସହ ଯୋଜନା ଓ ସଂଯୋଜନା ବିଭାଗ ଏବଂ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରି ହେଉଥିବା ବିଭିନ୍ନ ଯୋଜନା ଓ ସର୍ଭେ କାର୍ଯ୍ୟକ୍ରମ ଗୁଡିକୁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହ ଏକ ସମୀକ୍ଷା କରିବା ସହ ସଠିକ୍ ତଥ୍ୟ ସଂଗ୍ରହ ଓ ସଠିକ୍ ପରିସଂଖ୍ୟାନ ବିନା ଦେଶ ଓ ରାଜ୍ୟର ଯୋଜନା ପ୍ରଣୟନ କଷ୍ଟସାଧ୍ୟ ଅଟେ ବୋଲି କହିବା ସହ ସଠିକ୍ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ଓ ସେହିପରି ଦ୍ୱିତୀୟ ଦିନ ୧୧ ତାରିଖରେ ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ପଞ୍ଚାୟତର ନିଁହୁଆ ଗ୍ରାମକୁ କ୍ଷେତ୍ର ପରିଦର୍ଶନ କରି କୃଷି ପରିସଂଖ୍ୟାନ ଯୋଜନା (ଏରାସ୍) ଅନ୍ତର୍ଗତ ଭୂମୀ ବୁନିଯୋଗ ସର୍ଭେ ସମ୍ପର୍କରେ ସଂପୃକ୍ତ ପରିସଂଖ୍ୟାନ ପର୍ଯ୍ୟବେକ୍ଷକ କାଳୀଚରଣ ମାରାଣ୍ଡି, ପରିସଂଖ୍ୟାନ କ୍ଷେତ୍ର ସର୍ଭେୟରଙ୍କ କ୍ଷେତ୍ରୀୟ କାର୍ଯ୍ୟକୁ ସମୀକ୍ଷା କରିଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗଜେନ୍ଦ୍ର କୁମାର ବେହେରା, ପରିସଂଖ୍ୟାନ ଅଧିକାରୀ ସୁଜିତ ଲାଲ ନାୟକ, ଅନୁପମା ପାତ୍ର, ସହକାରୀ ପରିସଂଖ୍ୟାନ ଅଧିକାରୀ କାଜଲ ବେହେରା ତଥା ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

## ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟିର ମହାରାଷ୍ଟ୍ରରେ ନ୍ୟାସନାଲ୍ ସେମିନାର୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି ମହାରାଷ୍ଟ୍ର ନାଗପୁର ନିକଟସ୍ଥ ସଲତାନପୁର ଡା. ଆର୍.ଏନ୍ ଲାହୋଟି ଆୟୁର୍ବେଦ ମେଡ଼ିକାଲ୍ କଲେଜ୍ ହସ୍ପିଟାଲ୍ ଏବଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ପ୍ରଫେସର ଇମିରିଟସ୍ ଡ. ଚତୁର୍ଭୁଜ ଭୂୟାଁ ଏବଂ ପ୍ରଫେସର ଡା. ବିହାର ବିଦ୍ୱାଇ, ଅନୁଷ୍ଠାନର ଡିନଙ୍କ ତତ୍ତ୍ୱାବଧାନରେ ଆସନ୍ତା ସେପ୍ଟେମ୍ବର ୨୦୨୬ ମାସ ୫ ଏବଂ ୬ ତାରିଖ ଦୁଇଦିନ ଧରି ‘ବେଦନା ଉପଶମ’ ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ସେଥିରେ ଦେଶର ବିଭିନ୍ନ ମେଡ଼ିକାଲ୍ ଶିକ୍ଷା ଅନୁଷ୍ଠାନର ପ୍ରଖ୍ୟାତ ପ୍ରଫେସର, ଶିକ୍ଷକ, ଚିକିତ୍ସକ, ଗବେଷକ, ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀ ପ୍ରାୟତଃ ୫୦୦ରୁ ଅଧିକ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ସମ୍ପ୍ରତି ବର୍ଦ୍ଧିତ ଜନସଂଖ୍ୟାରେ ଜୀବନ ଚର୍ଯ୍ୟା ରୋଗର ସ୍ନାୟୁରୋଗ, ଆଣ୍ଠୁ, ଗଣ୍ଠି, ସନ୍ଧି, ଅସ୍ଥି, ମାଂସପେଶୀ, ସ୍ନାୟୁ ରୋଗମାନଙ୍କର ଶିଘ୍ର ଉପଶମ ଏବଂ ପୁରାତନ ବେଦନାଯୁକ୍ତ ରୋଗମାନଙ୍କର ସଫଳ ଚିକିତ୍ସା ପ୍ରସଙ୍ଗରେ ସମନ୍ୱିତ ଚିକିତ୍ସା ବୈଜ୍ଞାନିକ ପଦ୍ଧତିଗୁଡ଼ିକର ବିସ୍ତୃତ ଆଲୋଚନା ହେବ । ଏହି ସମାରୋହରେ ଅଭିଜ୍ଞ ଶିକ୍ଷକ, ଚିକିତ୍ସକ, ଗବେଷକ, ସମାଜସେବୀ ମାନଙ୍କୁ ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି ପକ୍ଷରୁ ଫେଲୋସିପି ପ୍ରଦାନ ପୂର୍ବକ ସମ୍ମାନୀତ କରାଯିବ । ଏହି ଜାତୀୟ ସେମିନାର୍‌ରେ ଆଗ୍ରହୀ ଚିକିତ୍ସକ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ପଞ୍ଜିକୃତ ଏବଂ ଅଂଶଗ୍ରହଣ କରି ଉନ୍ନତ ଚିକିତ୍ସା ପ୍ରଣାଳୀ ଜାଣନ୍ତୁ । ଏ ପ୍ରସଙ୍ଗରେ ଅନୁସନ୍ଧାନ ପାଇଁ ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି ୯୫୫୬୭୫୨୨୧୨୨ କିମ୍ବା ୯୮୨୨୨୯୯୧୭୪ ନମ୍ବରରେ ଯୋଗାଯୋଗ କରିପାରିବେ ।



## କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ:୪ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ଗଞ୍ଜେଇ ଚାଲାଣ ବିରୋଧରେ ମନମୁଣ୍ଡା ପୋଲିସକୁ ମିଳିଛି ବଡ଼ ସଫଳତା । ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ପୁରୁଣାପାଣି ଗ୍ରାମ ନିକଟରେ ଚଢ଼ଉ କରି ପୋଲିସ ଦୁଇଟି ମୋଟର ସାଇକେଲ୍‌ରେ ଗଞ୍ଜେଇ ଚାଲାଣ କରୁଥିବା ୪ ଜଣଙ୍କୁ କାବୁ କରିଛି । ଚଢ଼ଉ ସମୟରେ ସେମାନଙ୍କ ନିକଟରୁ ୧ କୁଇାଲ ୯ କେଜି ୧୫୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଶଗଡ଼ା ଅଞ୍ଚଳର ୩ ଜଣ ଓ ମଧ୍ୟପ୍ରଦେଶର ଜଣେ ବ୍ୟକ୍ତି ରହିଥିବା ଜଣାପଡ଼ିଛି । ତଲାସୀ ବେଳେ ୮ଟି ଜରି ବସ୍ତାରୁ ମୋଟ୍ ୧୦୯ କେଜି ୧୫୦ ଗ୍ରାମ୍ ଗଞ୍ଜେଇ ମିଳିଥିଲା । ଏଥିସହ ଚାଲାଣରେ ବ୍ୟବହୃତ ୨ଟି ମୋଟର ସାଇକେଲ୍ ମଧ୍ୟ ଜବତ କରାଯାଇଛି । ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଓ ସାକ୍ଷୀମାନଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇ ଆଇନାନୁସାରେ ଜବତ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା । ଏନେଇ ମନମୁଣ୍ଡା ପୋଲିସ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମନମୁଣ୍ଡା ଥାନା ଲୁଣପଙ୍ଗା ଗ୍ରାମର ଗୁରୁପ୍ରସାଦ କର୍ଣ୍ଣ, ଶୂନ୍ୟପଦର ଗ୍ରାମର ବାହାନ ମହାକୁଡ, ଗୋପାଳ ମହାକୁଡ, ମଧ୍ୟପ୍ରଦେଶର ଭଗବାନ ଦାସ ବିଶ୍ୱକର୍ମା । ଏହି ଗଞ୍ଜେଇ କେଉଁଠାରୁ ଆସିଥିଲା, କେଉଁଠାକୁ ଚାଲାଣ ହେଉଥିଲା ଏବଂ ଏହି ଚାଲାଣ ପଛରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

## ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମାର ନାମ ପରିବର୍ତ୍ତନକୁ ବିରୋଧ କରି ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ଶାଖା ସଭାପତି ମନୋରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ସଂଘର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଦିଲ୍ଲୀପ ପାତ୍ର, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ରାଜ କିଶୋର ତ୍ରିପାଠୀ, ଜିଲ୍ଲା ଶାଖା ଉପ ସଭାପତି ବିବେକାନନ୍ଦ ମିଶ୍ର, ଜିଲ୍ଲା ଶାଖା ସମ୍ପାଦକ ମହାଦେବ ମଲ୍ଲିକ, ସର୍ଜନ ବାରିକ, ଯୁଧିଷ୍ଠିର ସାହୁ ପ୍ରମୁଖ ସଦସ୍ୟ ଜିଲ୍ଲାପାଳଙ୍କ ବାସଭବନରେ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଥିଲେ । ସହର ତଥା ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ତଥା ଉନ୍ନୟନ ମୂଳକ କାର୍ଯ୍ୟ ସବୁକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରି ଆଲୋଚନା କରିଥିଲେ ।

## ନିର୍ମାଣଧୀନ ଘର ଭିତରୁ କ୍ଷତାକ୍ତ ଯୁବକର ମୃତଦେହ ଉଦ୍ଧାର:ଜଣେ ଅଟକ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**





ରାଇରଙ୍ଗପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ବିଶୋଇ ଥାନା ଅଞ୍ଚଳର ବାଡୁଣିଆ ଗ୍ରାମ କଲୋନୀ ସାହିରେ ଏକ ନିର୍ମାଣଧୀନ ଆବାସ ଘର ମଧ୍ୟରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକର ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣଙ୍କ ହେଲେ ବାଡୁଣିଆ କଲୋନୀ ସାହିର ୪୦ ବର୍ଷୀୟ ଅବିବାହିତ ଯୁବକ ଶିରିଶ ପଟେଲ ଓରଫ ମାଳି । ଏହି ଘଟଣାକୁ ନେଇ ବିଶୋଇ ଥାନାରେ କେସ୍ ନଂ ୧୭୮/୨୬ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ହତ୍ୟା ସନ୍ଦେହରେ ଉକ୍ତ ଗ୍ରାମର ଜଣେ ବୃଦ୍ଧକୁ ପୋଲିସ ଥାନାରେ ଅଟକ ରଖି ପଚାରାଉଚରା ଜାରି ରଖିଛି । ସୂଚନା ମୁତାବକ ବାଡୁଣିଆ କଲୋନିସାହି ଗ୍ରାମରେ ବାପା ମାଆ ଛେଉଣ୍ଡ ଶିରିଶ ଦିନ ମଜୁରିଆ କାମ ନଚେତ୍ କୌଣସି ଭୋଜି ଭାତ ହେଲେ ଖଲି ପତ୍ର ଉଠାଇ ନିଜ ପେଟ ପୋଷିଥାନ୍ତି । ଶିରିଶଙ୍କ ନିଜ ବାସଗୃହ ନଥିବା ବେଳେ ଗ୍ରାମର କ୍ଲବ ବାରଣ୍ଡା ନଚେତ୍ ଅନ୍ୟ ଲୋକଙ୍କ ଘର ପିଣ୍ଡାରେ ରାତି କଟେ । ସବୁଦିନ ଭଳି ରାତ୍ରି ସମୟରେ ଶିରିଶ ଗ୍ରାମରେ ଅନୁଷ୍ଠିତ ଏକାଦଶାହ କାର୍ଯ୍ୟକ୍ରମରେ ନିଜ କାମ କରି ସାହି ନିକଟରେ ଥିବା ଏକ ଅର୍ଦ୍ଧନିର୍ମିତ ଘରେ ଶୋଇଥିଲେ । ତେବେ ସକାଳେ ସ୍ଥାନୀୟ ବାସିନ୍ଦା ଶିରିଶଙ୍କ ମୁଣ୍ଡରେ ଗଭୀର କ୍ଷତାକ୍ତ ଥିବା ରକ୍ତ ଜୁଡୁବୁଡୁ ମୃତ ଦେହ ଉକ୍ତ ଘର ମଧ୍ୟରେ ଦେଖିବାକୁ ପାଇଥିଲେ । ପରେ ଉକ୍ତ ଘରର ମାଲିକ ଏନେଇ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଖବରପାଇ ରାଇରଙ୍ଗପୁର ଏସ୍.ପି ସୁରେଶ ପାତ୍ର, ରାଇରଙ୍ଗପୁର ଏସ୍.ଡ଼ି.ପି.ଓ. ବିରେନ୍ଦ୍ର ସେନାପତି, ବିଶୋଇ ଥାନା ଆଇ.ଆଇ.ସି ସୁବର୍ଣ୍ଣ ବେହେରା, ଏସ୍.ଆଇ ରଶ୍ମିତ ଦାସ ଏବଂ ଏସ୍.ଆଇ ବିବେକାନନ୍ଦ ବେହେରା ସମେତ ପୋଲିସ ଟିମ୍ ସହିତ ଫରେନ୍‌ସିକ୍ ଟିମ୍ ସଦଳେବଳେ ମିଶି ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ମୃତକ ଯୁବକର ମୁଣ୍ଡର ପଛପଟ ସ୍ଥାନରେ ଗଭୀର ଆଘାତ ଥିବାବେଳେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ହତ୍ୟା ସନ୍ଦେହରେ ଉକ୍ତ ଗ୍ରାମର ଜଣେ ବୃଦ୍ଧକୁ ପୋଲିସ ଥାନାରେ ଅଟକ ରଖି ପଚାରାଉଚରା ଜାରି ରଖିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଅଧିକ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଏସ୍.ଡ଼ି.ପି.ଓ. ଶ୍ରୀ ସେନାପତି ସୂଚନା ଦେଇଛନ୍ତି । ଶିଶିରଙ୍କ ପରିବାରରେ କେହି ନଥିବାବେଳେ ଶବ ବ୍ୟବଚ୍ଛେଦ ପରେ ସରକାରଙ୍କ ପକ୍ଷରୁ ଅନ୍ତିମ ସଂସ୍କାର କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

## ସନ୍ଦେହ ଘେରରେ ନାବାଳିକାର ଆତ୍ମହତ୍ୟା:ସାବତ ବାପା ଅଟକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତରେ ଗରାପୁର ଗ୍ରାମରେ ଜଣେ ନାବାଳିକାର ଆତ୍ମହତ୍ୟା ଜଣାପଡିବା ପରେ ତାଙ୍କର ସାବତ ବାପାଙ୍କୁ ସଦର ପୋଲିସ୍ ଅଟକ ରଖିଥିବା ଜଣାପଡିଛି । ଗରାପୁର ଗ୍ରାମରେ ରହି ଶ୍ରମିକ ଭାବରେ କାମ କରୁଥିବା ମହିଳାଙ୍କର ୧୬ ବର୍ଷିଆ ନାବାଳିକା ଝିଅ ଗାଧୁଆ ଘରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିବା ପରେ ସଦରଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇବା ସହ ସନ୍ଦେହ ଘେରରେ ଥିବା ତାଙ୍କର ସାବତ ବାପାଙ୍କୁ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡିଛି ।





## ରାଇଘରରେ ‘ହର ଘର ତିରଙ୍ଗା’ କାର୍ଯ୍ୟକ୍ରମ:ଦେଶ ପ୍ରେମରେ ଉତ୍ସାହିତ ଛାତ୍ରଛାତ୍ରୀ ଓ ଜନସାଧାରଣ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ‘ହର ଘର ତିରଙ୍ଗା’ ଓ ‘ଘର ଘର ତିରଙ୍ଗା’ କାର୍ଯ୍ୟକ୍ରମ ଉତ୍ସାହ ଓ ଦେଶଭକ୍ତିର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀଙ୍କ ସମେତ ବ୍ଲକ ଅଧ୍ୟକ୍ଷ, ଛାତ୍ରଛାତ୍ରୀ ଓ ବହୁ ସଂଖ୍ୟକ ଜନସାଧାରଣ ଯୋଗଦେଇଥିଲେ । ଜାତୀୟ ପତାକାକୁ ସମ୍ମାନ ଜଣାଇ ଦେଶପ୍ରେମର ବାର୍ତ୍ତା ଦେବା ସହ ଏହି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତେ ଆହ୍ୱାନ ଦେଇଥିଲେ । ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଅଧ୍ୟକ୍ଷ ମଧ୍ୟ ଏଥିରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମ ଓ ଜାତୀୟ ଏକତାର ଭାବନା ଦେଖିବାକୁ ମିଳିଥିଲା । ଘରେ ଘରେ ତିରଙ୍ଗା ଉଡ଼ାଇ ଜାତୀୟ ପତାକା ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ଆୟୋଜକଙ୍କ ପକ୍ଷରୁ ଆହ୍ୱାନ କରାଯାଇଥିଲା ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୨ମ / ୧୧ ୯ | ୧୦ | ଶୁ୯ / ୮ରା |
| ଲବୁବୃରଚ | ୮ / ୪ | ୭ |
| ୨କେ / ୩ଶୁ | ୪ | ୬ / ୫ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୩।୦୮।୨୦୨୬, ଶ୍ରାବଣ ଦ୨୮ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୨୮।୧୭ ଚନ୍ଦ୍ରୋଦୟ- ପ୍ରାଘ ୫।୪୯।୨୮**

ପ୍ରତିପଦ ରାଘ ୮।୪୩ ପର୍ଯ୍ୟନ୍ତ, ଅଶ୍ଲେଷା ନକ୍ଷତ୍ର ପ୍ରାଘ ୬।୦୮ ଗତେ ମଘା ନକ୍ଷତ୍ର କ୍ଷୟ । କର୍କଟ ଚନ୍ଦ୍ର ପ୍ରାଘ ୬।୦୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । ପ୍ରାଘ ୬।୦୮ ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ପ୍ରାଘ ୬।୦୮ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ରାଘ ୮।୪୩ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୦ ଗତେ ଦିଘ ୭।୧୩ ମଧ୍ୟେ ଦିଘ ୧୦।୩୭ ଗତେ ଦିଘ ୧।୦୯ ମଧ୍ୟେ । **ପର୍ବୋତ୍ସବ-** ପ୍ରାଘ ୫।୩୦ ଗତେ ଦିଘ ୭।୧୩ ମଧ୍ୟେ ଦିଘ ୧୦।୩୭ ଗତେ ଦିଘ ୧।୦୯ ମଧ୍ୟେ ।



**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ସୁଖ ଶାନ୍ତି ବଜାୟ ରହିବ । ମହିଳାମାନେ ସୁଖୀ ହେବେ । ନୂତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।



**ବୃଷ:** ଦୂର ସ୍ଥାନକୁ ଯାତ୍ରା କରି ସଫଳତା ହାସଲ କରିବେ । ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଶ୍ରେୟସ୍କର । ରୋଜଗାରର ପରିମାଣ ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ ।



**ମିଥୁନ:** କାର୍ଯ୍ୟକ୍ଷେତ୍ରରୁ ସଫଳତା ପାଇବେ । ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବାର ସୂଚନା ।



**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ । ଖର୍ଚ୍ଚର ମାତ୍ରା ବଢ଼ିପାରେ । ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ ।



**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା । ଦେହ ଓ ମନ ଭଲ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି । ଆୟ ଯୋଗ ମଧ୍ୟ ରହିଛି ।



**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡ଼ିପାରେ । କୁଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଦେଖାଦେବାର ସୂଚନା ।



**ତୁଳା:** ବ୍ୟବସାୟରୁ ଲାଭବାନ୍ ହେବେ । ପାରିବାରିକ ଜୀବନ ଜୀବନ ହସିଲା ପୂରିଲା ହେବ । ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବାର ସୂଚନା ।



**ବିଛା:** ଶତ୍ରୁ ପରାସ୍ତ ହେବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଚାକିରୀକ୍ଷେତ୍ରରେ ଉନ୍ନତି ଦେଖାଦେବ । ଭ୍ରମଣ ଯୋଗ ରହିଛି । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମନ ଭଲ ରହିବ ।



**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ଆୟର ପରିମାଣ ବଢ଼ିବାର ସୂଚନା ।



**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ବ୍ୟୟର ପରିମାଣ ଅଧିକ ହେବ । ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ ।



**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ । କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ରୋଜଗାର ଭଲ ହେବ ।



**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ । ଶରୀର ସୁସ୍ଥ ରହିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ମଧ୍ୟମ ଧରଣର ହେବ । ଘରେ ଶାନ୍ତିର ବାତାବରଣ ରହିବ । ମହିଳାମାନେ ସୁଖୀ ହେବେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୪।୦୮।୨୦୨୬, ଶ୍ରାବଣ ଦ୨୯ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୨୮।୩୫ ଚନ୍ଦ୍ରୋଦୟ- ପ୍ରାଘ ୬।୪୮।୨୯**

ଦ୍ୱିତୀୟା ସଂଘ ୬।୪୯ ପର୍ଯ୍ୟନ୍ତ, ପୂର୍ବା ଫାଲ୍ଗୁନୀ ନକ୍ଷତ୍ର ରାଘ ୩।୪୫ ପର୍ଯ୍ୟନ୍ତ । ସିଂହ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ସଂଘ ୬।୪୯ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୧ ଗତେ ଦିଘ ୬।୨୩ ମଧ୍ୟେ ଦିଘ ୧୨।୧୮ ଗତେ ଦିଘ ୨।୫୦ ମଧ୍ୟେ । **ପର୍ବୋତ୍ସବ-** ଦ୍ୱିତୀୟାର ଚନ୍ଦ୍ର ଦର୍ଶନ ପୂଜା ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

## ବର୍ତ୍ତମାନ ଦେଶର ନୋମିନାଲ ଜିଡିପି ୩.୯୨ ଟ୍ରିଲିୟନ ଡଲାର

ଭାରତ ଷଷ୍ଠ ବୃହତ୍ ଅର୍ଥନୀତି । ଅଭିବୃଦ୍ଧି କ୍ଷମତାକୁ ବଢ଼ାଇବାକୁ ପ୍ରସ୍ତୁତ ହୋଇଛି ରଣନୀତି । ୨୦୨୫-୨୬ରେ ବିଶ୍ୱର ଷଷ୍ଠ ବୃହତ୍ ଅର୍ଥନୀତିକୁ ଖସି ଆସିଛି ଭାରତ। ବର୍ତ୍ତମାନ ଦେଶର ନୋମିନାଲ ଜିଡିପି ୩.୯୨ ଟ୍ରିଲିୟନ ଡଲାର ରହିଛି । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ଏପ୍ରିଲ ୨୦୨୬ ୱାର୍ଲଡ ଇକୋନୋମିକ୍ ଆଉଟଲୁକ୍ ରିପୋର୍ଟରୁ ଏହା ଜଣାପଡ଼ିଛି । ମଙ୍ଗଳବାର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସଂସଦରେ ଏ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନର ଆମେରିକୀୟ ଡଲାର ବିନିମୟ ହାରରେ ମପା ଯାଇଥିବା ନୋମିନାଲ ଜିଡିପି ଆଧାରରେ ଆଇଏମ୍ଏଫ୍ ପକ୍ଷରୁ ଭାରତକୁ ଏହି ରାଙ୍କିଙ୍ଗ୍ ପ୍ରଦାନ କରା ଯାଇଛି । ଆଗକୁ ଅର୍ଥନୈତିକ ଅଭିବୃଦ୍ଧି, ମୁଦ୍ରାର ଗତିପଥ, ଦରଦାମ ସ୍ଥିତି ଏବଂ ଅନ୍ୟ ରାଷ୍ଟ୍ରଗୁଡ଼ିକର ପ୍ରଦର୍ଶନ ଆଧାରରେ ରାଙ୍କିଂ ବଦଳି ପାରେ । ଭାରତର ଅଭିବୃଦ୍ଧି କ୍ଷମତାକୁ ବଢ଼ାଇବା ପାଇଁ ସରକାର ଏକ ବ୍ୟାପକ ରଣନୀତି ଆପଣାଇଛନ୍ତି । ଏହା କୃଷି ଉତ୍ପାଦକତା, ବିନିର୍ମାଣ, ଭିତ୍ତିଭୂମି, ଲଜିଷ୍ଟିକ୍ସ, ଏମ୍ଏସ୍ଏମ୍ଇ, ନବସୃଜନ ଏବଂ ଗବେଷଣା ଉପରେ ଧ୍ୟାନକେନ୍ଦ୍ରିତ କରୁଛି । ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍ଆଇ) ସ୍କିମ୍ ଏବଂ ମାନ ନିୟନ୍ତ୍ରଣ ଅର୍ଡର ଆଦିକୁ କୋହଳ କରି ବିନିର୍ମାଣକୁ ପ୍ରୋତ୍ସାହିତ କରା ଯାଉଛି। ଅନ୍ୟପକ୍ଷରେ, ସରକାରୀ ନିବେଶ, ପିଏମ୍ ଗତିଶକ୍ତି ଏବଂ ଜାତୀୟ ଲଜିଷ୍ଟିକ୍ସ ନୀତି ଆଦି ଜରିଆରେ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ସକୁ ମଜଭୁତ କରାଯାଉଛି । ନିରନ୍ତର ସାର୍ବଜନିକ ପୁଞ୍ଜି ବ୍ୟୟ, ଏକ କୋହଳ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ନୀତି ଏବଂ ଟିକସ ସଂସ୍କାର ମାଧ୍ୟମରେ ନିବେଶ ବୃଦ୍ଧି ଉପରେ ଜୋର ଦିଆ ଯାଉଛି । ରଣନୀତିର ଆଉ ଏକ ଅଂଶ ହେଉଛି ଇଜ୍ ଅଫ୍ ଡୁଇଙ୍ଗ ବିଜିନେସରେ ସୁଧାର । ବିଦେଶୀ ସଂସ୍ଥାଗତ ନିବେଶକ(ଏଫ୍ପିଆଇ) ଙ୍କ କାର୍ଯ୍ୟକଳାପକୁ ଗୁରୁତ୍ୱ ଦିଆଯାଉଛି । ନ୍ୟାସ୍ନାଲ ସିକ୍ୟୁରିଟିଜ୍ ଡିପୋଜିଟୋରୀ ଲିମିଟେଡ୍ ପ୍ରଦତ୍ତ ତଥ୍ୟ ଅନୁସାରେ, ଏଫପିଆଇମାନଙ୍କ ଦ୍ୱାରା ମୋଟ ବିକ୍ରି ୨୦୨୬ ଜାନୁଆରୀରୁ ଅଗଷ୍ଟ ୫ ପର୍ଯ୍ୟନ୍ତ ୨୯.୮ ଲକ୍ଷ କୋଟି ଟଙ୍କା ରହିଛି । ଅନ୍ୟପକ୍ଷରେ, ମନ୍ତ୍ରୀ କହିଛନ୍ତି ଯେ, ୨୦୨୬ ମାର୍ଚ୍ଚ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ପରିସମ୍ପତ୍ତି(ଏନପିଏ) ୨,୪୫,୬୩୪ କୋଟି ଟଙ୍କାକୁ ଖସିଆସିଛି, ଯାହାକି ଦୁଇ ବର୍ଷ ତଳେ ଥିଲା ୩,୩୯,୫୪୧ କୋଟି ଟଙ୍କା । ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମୋଟ ଏନପିଏ ଅନୁପାତ ୧.୯୩%କୁ ଖସିଆସିଛି, ଯାହାକି ୨୦୨୪ ମାର୍ଚ୍ଚ ୩୧ରେ ଥିଲା ୩.୪୭% । ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ରିପୋର୍ଟ ହୋଇଥିବା ଠକେଇ ମାମଲା ୨୦୨୩-୨୪ର ୫୪,୮୫୦ରୁ ୫,୭୮୬କୁ ଖସିଆସିଥିବା ଚୌଧୁରୀ କହିଛନ୍ତି । ୮୭ ହଜାର କୋଟି ଜମାର ଦାବିଦାର ନାହାନ୍ତି ଦେଶରେ ପ୍ରାୟ ୮୭ ହଜାର କୋଟି ବ୍ୟାଙ୍କ୍ ଜମାର ଦାବିଦାର ନାହାନ୍ତି । ସଂସଦକୁ ସୂଚନା ଦେଇ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ, ଜମାକାରୀ ଶିକ୍ଷା ଓ ସଚେତନତା (ଡିଇଏ) ପାଣ୍ଠିରେ ୨୦୨୬ ଜୁନ୍ ୩୦ ସୁଦ୍ଧା ଦାବିଦାର ନ ଥିବା ୮୬,୯୧୭.୦୮ କୋଟି ଟଙ୍କାର ଜମାରାଶି ପଡ଼ି ରହିଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ମୁଁ କହୁଛି

ଶ୍ରଦ୍ଧେୟ ଭକ୍ତବୃନ୍ଦ ସମସ୍ତେ କହନ୍ତି ମୁଁ କହୁଛି, ମୁଁ କହୁଛି ଆରେ ମୁଁ କିଏ ? ତୁମେ ଚିହ୍ନିଲଣି, ମୁଁ କହିବା ପୂର୍ବରୁ ଥରୁଟିଏ ଚିନ୍ତା କରିଛ କି । ମୁଁ କଣ କହୁଛି । ତେଣୁ ହେ ଭକ୍ତ , ହେ ଶିଷ୍ୟ, ଏହି ମୁଁ ହିଁ ତୁମର ସର୍ବନାଶର କାରଣ ହୋଇଥାଏ । ଯେତେବେଳେ ମୁଁ ମୁଁ ହୋଇ ଅନ୍ୟକୁ କହୁଥାଅ ସେତେବେଳେ ମୁଁ ହିଁ ତୁମର ଅଂହକାର ହୋଇ ତୁମରି ସର୍ବନାଶର କାରଣ ହୋଇଥାଏ । ତେଣୁ ଏହି ମୁଁର ଅର୍ଥ ହେଉଛି ମ-ମହେଶ୍ୱର-ଅନନ୍ତ, ଅଚ୍ୟୁତ ଅବ୍ୟକ୍ତ, ଉକାର-ଚତୁର୍ମୁଖ ବ୍ରହ୍ମା, ଅର୍ଦ୍ଧ ମାତା-ଆଦିଶକ୍ତି ବିନ୍ଦୁ ହେଲା ନିରାକାର ତେଣୁ ଏହି ମୁଁ ହିଁ ଈଶ୍ୱର, ତେଣୁ ହେ ଭକ୍ତ ଏହି ମୁଁ କାରକୁ ତୁମେ ଈଶ୍ୱରଙ୍କୁ ଦେଇ ଦିଅ । ତୁ କୁ ଆବିଷ୍କାର କର ତୁମ ଭିତରୁ ତାହେଲେ ତୁମେ ଈଶ୍ୱରଙ୍କ ପଥ ନିଶ୍ଚୟ ପାଇପାରିବ ତୁମର କଠିନତା ରୂପକ ଗର୍ବ ଅହଂକାର ତରଳି ଯାଇ ସରଳିକରଣ ହୋଇଯିବ । ଏହାହିଁ ଜୀବର ନିର୍ଯ୍ୟାସ। ଭକ୍ତର ନିର୍ଯ୍ୟାସ, ଶିଷ୍ୟର ନିର୍ଯ୍ୟାସ ତେଣୁ ସରଳତାର ମାର୍ଗକୁ ଅନୁସରଣ କରି କର୍ତ୍ତବ୍ୟ ପଥରେ ଆଗେଇ ଚାଲ ନିଶ୍ଚୟ ସଫଳତାର ଶୀର୍ଷରେ ପହଞ୍ଚିପାରିବ କାରଣ ଈଶ୍ୱର ତୁମର ଗୋଲାମ ନୁହଁନ୍ତି । ତୁମର ପ୍ରତ୍ୟେକ କଥାକୁ ସେ ପୁରଣ କରିଦେବେ । ତା ଅର୍ଥ ହେଉଛି ତୁମେ ଈଶ୍ୱରଙ୍କୁ ହୁକୁମ କରୁଛ ମୋତେ ଏଇଟା ଦିଅ ସେଇଟା ଦିଅ, ମୋର ଏ କାର୍ଯ୍ୟ କରିଦିଅ । ଏସବୁ ଅହଂକାରକ କାର୍ଯ୍ୟକଳାପ ହୋଇଥାଏ। ଯଦି ମୁଁ କୁ ଛାଡି ତୁମେ ତାଙ୍କର ହୋଇଯିବ ଏ ସୃଷ୍ଟି ତ ତୁମର ହୋଇଯିବ । ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ମାଗିଲା ପରି ନାରାୟଣୀ ସେନା, ଆଉ ଅର୍ଜୁନ ମାଗିଲେ ନାରାୟଣ, ଏଇଥିରୁ ଭକ୍ତ ବୁଝିଯିବ ଏଥର ବୁଝିଲୁତ ? ମୁଁ ମୁଁ ନହୋଇ ଈଶ୍ୱରଙ୍କ କର୍ମ କରିଯାଅ । ହରି ଓଁ ।

# ଇତିହାସ ପୃଷ୍ଠାରୁ କିଛି ରଣନୀତି



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ସେଦିନ ଥିଲା ୧୫ ଅଗଷ୍ଟ ୧୯୭୧ ମସିହା, ସ୍ଥାନ ପୂର୍ବ ପାକିସ୍ତାନର ଚଟ୍ଟଗ୍ରାମ୍, ମଙ୍ଗଳା , ଚାନ୍ଦପୁର ଏବଂ ନାରାୟନଗଞ୍ଜ ବନ୍ଦରରେ ଅପରେସନ ଜ୍ୟାକ୍ ପଟ୍ (Operation Jackpot ୧୯୭୧: How India Secretly Destroyed ୪୫ Pakistani Ships through Mukti Bahini comandos) ଆରମ୍ଭ ହୋଇଥିଲା । ଅଗଷ୍ଟ ୧୪ ପାକିସ୍ତାନୀ ସେନା ତାଙ୍କର ସ୍ୱାଧୀନତା ଦିବସ ପାଳନ କରି ସାରି ବିଶ୍ରାମ ନେଉ ଥିଲେ । ଠିକ୍ ସେହି ସମୟରେ ଏକ ବିରାଟ ଅଘଟଣ ଘଟିଗଲା ଯାହା ତାଙ୍କ କଳ୍ପନାର ବାହାରେ ଥିଲା । ମାର୍ଚ୍ଚ ୧୯୭୧ ପୂର୍ବ ପାକିସ୍ତାନର ଜନତା ନିଜର ଅଧିକାର ସାବ୍ୟସ୍ତ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ପୂର୍ବ ପାକିସ୍ତାନକୁ ଏକ ନୂତନ ଦେଶରେ ପରିଣତ କରିବାକୁ ଶେଖ୍ ମୁଜିବୁର୍ ରେହେମାନଙ୍କ ନେତୃତ୍ୱରେ ମୁକ୍ତି ବାହିନୀ ଗଠନ ହୋଇ ଥିଲା । ମୁକ୍ତି ବାହିନୀ ପାକିସ୍ତାନୀ ସୈନ୍ୟ ବାହିନୀକୁ ପ୍ରତିରୋଧ କରୁଥିଲେ । ଅପରେସନ୍ ସର୍ଚ୍ଚଲାଇଟ୍ ଜରିଆରେ ପାକିସ୍ତାନୀ ସେନାର ଅକଥନୀୟ ଅତ୍ୟାଚାର ସହି ନପାରି ୧ କୋଟିରୁ ଉର୍ଦ୍ଧ ଶରଣାର୍ଥୀ ଦେଶ ଛାଡ଼ି ଭାରତକୁ ପଳାଇ ଆସିଥିଲେ । ସେମାନଙ୍କ ମନ ଭିତରେ ପାକିସ୍ତାନ ସରକାରଙ୍କ ପ୍ରତି ଘୃଣା ଭାବ ଜାତ ହୋଇଥିଲା । ନିଜ ମା' ଭଉଣୀଙ୍କ ଉପରେ ହେଉଥିବା ପାଶବିକ ଅତ୍ୟାଚାର ସେମାନେ ସହ୍ୟ କରିବା ଅବସ୍ଥାରେ ନଥିଲେ । ଅଗଷ୍ଟ ୧୪ ମଧ୍ୟ ରାତ୍ରି ଚଟ୍ଟଗ୍ରାମ୍ , ମଙ୍ଗଳା , ଚାନ୍ଦପୁର ଏବଂ ନାରାୟନଗଞ୍ଜ ବନ୍ଦରରେ ଅନେକ ବଡ଼ ବଡ଼ ଜାହାଜ ଲଂଗର ପକାଇ ରହିଥିଲା । ସେଥିମଧ୍ୟରୁ କିଛି ଆମେରିକୀୟ, କିଛି ଚୀନର ଜାହାଜ ଅସ୍ତ୍ରଶସ୍ତ୍ର ଧରି ଆସିଥିଲା। ଅନ୍ୟ ଜାହାଜ ଗୁଡିକରେ ପଣ୍ୟ ଦ୍ରବ୍ୟ ବୋଝେଇ ହୋଇ ଥିଲା ଯାହାକି ପରଦିନ ଖାଲି କରା ଯିବାର ଲକ୍ଷ୍ୟ ରଖା ଯାଇ ଥିଲା । ବନ୍ଦରର ସୁରକ୍ଷା ଖୁବ୍ ମଜଭୁତ ଥିଲା, ଅସ୍ତ୍ର ଶସ୍ତ୍ର ସହିତ ସର୍ଚ୍ଚ ଲାଇଟ୍ ପକାଇ ପାକିସ୍ତାନୀ ସୈନ୍ୟ ବନ୍ଦରକୁ ଜଗି ରହିଥିଲେ । କିନ୍ତୁ ଭାଗ୍ୟର ବିଡମ୍ବନା ସେହି କାଳ ରାତ୍ରିରେ ପାକିସ୍ତାନୀ ସୈନ୍ୟଙ୍କ ଉପସ୍ଥିତିରେ ୪୫ ଟି ଜଳ ଜାହାଜ ଧ୍ୱଂସ ହୋଇଗଲା କେହି କିଛି କରି ପାରିଲେ ନାହିଁ ।

ପଶ୍ଚିମ ପାକିସ୍ତାନର ବୈମାତୃକ ଭାବ ଯୋଗୁ ପୂର୍ବ ପାକିସ୍ତାନର ନେତା ମାନେ ଶାସନ କରିବାର ସୁବିଧା ପାଉ ନଥିଲେ । ଏପରିକି ନିର୍ବାଚନରେ ଜିତି ମଧ୍ୟ ଶେଖ୍ ମୁଜିବୁର୍ ରେହେମାନଙ୍କ ପ୍ରାର୍ଥୀତ୍ୱକୁ ନାକଚ କରି ଦିଆଗଲା । ପୂର୍ବ ପାକିସ୍ତାନର ବଙ୍ଗାଳି ଅଧିବାସୀ ଏହାର ଘୋର ବିରୋଧ କଲେ । ଫଳରେ ସେମାନଙ୍କୁ ଦମନ କରିବାକୁ ପଶ୍ଚିମ ପାକିସ୍ତାନରୁ ସୈନ୍ୟ ଆସି ପୂର୍ବ ପାକିସ୍ତାନର ଜନତାଙ୍କ ଉପରେ ଅକଥନୀୟ ଆକ୍ରମଣ ସହିତ ନରହତ୍ୟା, ଲୁଣ୍ଠନ, ନାରୀ ମାନଙ୍କୁ ନିର୍ଯାତନା ଦେଉଥିଲେ। ଭାରତ ଏହି ନର ସଂହାରକୁ ଦେଖି ଅନ୍ତର୍ଜାତୀୟ ନିୟମକୁ ମାନି କିଛି କରି ପାରୁ ନଥିଲା । ତେବେ ପାକିସ୍ତାନକୁ ଏକ ଶିକ୍ଷା ଦେବା ପାଇଁ ଭାରତ ଅପରେସନ୍ ଜ୍ୟାକ୍ ପଟ୍ ଆରମ୍ଭ କରିଥିଲା ଏହା ଖୁବ୍ ଚତୁରତାର ସହିତ ଗୁପ୍ତ ଭାବେ ପରିଚାଳିତ ହେଲା। ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନିର୍ଦ୍ଦେଶରେ ଏହାର କାର୍ଯ୍ୟ ୧୯୭୧ ମସିହା ମାର୍ଚ୍ଚ ମାସରୁ ଗୁପ୍ତରେ ଆରମ୍ଭ ହୋଇ ଯାଇଥିଲା । ଏକ ସୁଚିନ୍ତିତ ପରିକଳ୍ପନାକୁ ରୂପ ଦେବା ନିମନ୍ତେ ନୂଆଦିଲ୍ଲୀ ସ୍ଥିତ କାର୍ଯ୍ୟାଳୟରେ ନୌସେନାର ଜଣେ ବୁଦ୍ଧିମାନ ଅଧିକାରୀ କ୍ୟାପଟେନ୍ ମିହିର ରାଏ ଏବଂ ନୌସେନାର ଆଡ୍ମୀରାଲ୍ ଏସ ଏମ ନନ୍ଦା ମିଶି ଏକ ଯୋଜନା ପ୍ରସ୍ତୁତ କରିଥିଲେ । ସେମାନେ ପାକିସ୍ତାନୀ ସୈନ୍ୟଙ୍କ ଯାତାୟାତର ପ୍ରଧାନ ମାର୍ଗ ଜଳପଥକୁ ଯଦି ବନ୍ଦ କରି ଦେବାକୁ ସମର୍ଥ ହେବେ ତେବେ ପାକିସ୍ତାନୀ ସୈନ୍ୟମାନେ ନିଶ୍ଚିତ ଭାବେ ପରାଜୟର ଶିକାର ହେବେ ବୋଲି ଧରି ନେଇଥିଲେ । ଯୋଜନା ପ୍ରସ୍ତୁତ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ସ୍ଥଳସେନା ମୁଖ୍ୟ ସାମ୍ ମନେକ୍ସଙ୍କ ସହିତ ଆଲୋଚନା କରି ଯୋଜନା କାର୍ଯ୍ୟକାରୀ କରିବାକୁ ସମ୍ମତି ପ୍ରଦାନ କରିଥିଲେ । ତେବେ କଥା ଥିଲା, ଭାରତୀୟ ସୈନିକ ଏହି ମିଶନ୍‌ରେ ସିଧାସଳଖ ଯୋଗ ଦେବେ ନାହିଁ। କମାଣ୍ଡର ଏମ୍ ଏନ୍ ସାୱନ୍ତଙ୍କୁ ସେହି ଯୋଜନା କାର୍ଯ୍ୟକାରି କରିବାକୁ ପୂର୍ଣ୍ଣ ମାତ୍ରାରେ ଦାୟିତ୍ୱ ଦିଆ ଯାଇଥିଲା । କିଛି ଉଦୀୟମାନ ପ୍ରତିଶୋଧ ପରାୟଣ ଯୁବ ଶରଣାର୍ଥୀ ମାନଙ୍କୁ ଚୟନ କରାଯାଇ ତାଙ୍କୁ କଠୋରରୁ କଠୋର ଭାବେ ପ୍ରଶିକ୍ଷଣ ଦିଆ ଯାଇଥିଲା । ତେବେ ବିଲେଇ କପାଳକୁ ସିକା ଛିଡ଼ିବା ପରି ସେହି ସମୟରେ ଫ୍ରାନ୍ସର ଏକ ବନ୍ଦରରେ ପାକିସ୍ତାନୀ ବୁଡ଼ା ଜାହାଜ ଠିଆ ହୋଇଥିଲା, ସେଥିରେ କିଛି ବଙ୍ଗାଳି ନୌସେନା ଅଧିକାରୀ ଥିଲେ । ସେମାନେ ପାକିସ୍ତାନୀ ସୈନ୍ୟଙ୍କ ବଙ୍ଗାଳୀଙ୍କ ଉପରେ ହେଉଥିବା ବର୍ବରୋଚିତ ଆକ୍ରମଣ ବିଷୟରେ ରେଡିଓରୁ ଜାଣି ବ୍ୟଥିତ ହେଲେ । ଅବଦୁଲ ୱାହିଦ୍ ଚୌଧୁରୀ ଏବଂ ତାଙ୍କର ଆଉ ସାତଜଣ ବଙ୍ଗାଳି ଅଫିସର୍ ପାକିସ୍ତାନୀଙ୍କୁ ବିରୋଧ କରି ବୁଡ଼ା ଜାହାଜ ଛାଡ଼ି ଫ୍ରାନ୍ସରୁ ସ୍ପେନ ଚାଲିଗଲେ । ସେଠାରୁ ସେମାନେ ଭାରତୀୟ ଦୂତାବାସ ସହଯୋଗରେ ଭାରତ ପହଞ୍ଚି ଗଲେ । 'ଦି ଏଇଟ୍ ସବ୍ ମାରିନର' ନାମରେ ଏମାନେ ପରିଚୟ ଲାଭ କରିଥିଲେ । ପାକିସ୍ତାନୀ ନୌସେନାର ସବୁ ଦୁର୍ବଳତା ବିଷୟରେ ସେମାନଙ୍କୁ ପୁଙ୍ଖାନୁପୁଙ୍ଖ ଜଣାଥିଲା । ଅପରେସନ୍ ଜ୍ୟାକ୍ ପଟ୍‌ର ସଫଳତା ପଛରେ ଏହି ଆଠ ଜଣ ବିଦ୍ରୋହୀ ପାକିସ୍ତାନୀ ନୌସେନାଙ୍କ ଅର୍ଦ୍ଧାଧିକ ଅବଦାନ ଥିଲା ବୋଲି ଧରି ନେବାକୁ ହେବ । ମେ' ୧୯୭୧ ପଶ୍ଚିମ ବଙ୍ଗର ମୁର୍ଶିଦାବାଦ୍ ଜିଲ୍ଲାର ଭାଗିରଥି ନଦୀ କୂଳରେ ଐତିହାସିକ ପଲାସୀ ଠାରେ 'କ୍ୟାମ୍ପ ପଲାସୀ' ନାମରେ ଗୁପ୍ତ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ପ୍ରାୟ ୫୦୦ ବଙ୍ଗାଳି ଶରଣାର୍ଥୀ ଯୁବକଙ୍କୁ ଚୟନ କରା ଯାଇଥିଲା । ସେମାନଙ୍କୁ ସନ୍ତରଣ, ଜଳରେ ଘଣ୍ଟା ଘଣ୍ଟା ବୁଡ଼ିବାର କୌଶଳ ତଥା ତାଙ୍କ ଜନ୍ମ ମାଟିର ସ୍ୱାଧୀନତା ନିମନ୍ତେ ପ୍ରାଣବଳୀ ଦେବାକୁ ପ୍ରଶିକ୍ଷଣ ଦିଆ ଯାଇଥିଲା । ଏଇଟ୍ ସବ୍ ମାରିନର ପ୍ରଶିକ୍ଷଣ ଦେବାରେ ସାହାଯ୍ୟ କରୁଥିଲେ। ଯେଉଁମାନେ ସବୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ସେମାନଙ୍କୁ 'ଲିଂପୀଡ୍ ମାଇନ୍' କିପରି ଲଗାଇବେ ଏବଂ ଏହାକୁ କିପରି ସକ୍ରିୟ କରି ବିସ୍ଫୋରଣ ପୂର୍ବରୁ ନିରାପଦ ସ୍ଥାନକୁ ଫେରି ଆସିବେ ପ୍ରଶିକ୍ଷଣ ଦିଆ ଯାଇଥିଲା । ଟିକେ ଅସାବଧାନତାରୁ ହୁଏତ ନିଜ ଶରୀର ଖଣ୍ଡ ବିଖଣ୍ଡିତ ହେବାର ଆଶଙ୍କାକୁ ମଧ୍ୟ ଏଡାଇ ଯିବା ସମ୍ଭବ ନଥିଲା । ତଥାପି ମୁକ୍ତି ବାହିନୀ /ସେନାର ପ୍ରତିଶୋଧ ପରାୟଣ ଯୁବକ ମାନେ ନିଜ ମାତୃଭୁମିର ସ୍ୱାଧୀନତା ନିମନ୍ତେ ନିଜକୁ ଅପରେସନ୍ ଜ୍ୟାକ୍ ପଟ୍‌ରେ ସାମିଲ କରିଥିଲେ । ଏହି କମାଣ୍ଡୋ ମାନେ ଦୀର୍ଘ ପଥ ଜଳ ଭିତରେ ବୁଡି ବୁଡି ଯାଇ ଜାହାଜ ତଳେ ଲିଂପୀଡ୍ ମାଇନ୍ ଲଗାଇ ତାକୁ ପିନ୍ ଖୋଲି କାର୍ଯ୍ୟକ୍ଷମ କରି ପୁନର୍ବାର ନିରାପଦରେ ଫେରି ଆସିବାର କୌଶଳ ଶିଖି ଯାଇଥିଲେ । ଏହି ଲିଂପୀଡ୍ ମାଇନ୍ ସମୁଦ୍ର ଜଳର ଉତ୍ତାପକୁ ପାଥେୟ କରି ୪୫ ମିନିଟରୁ ଦୁଇ ଘଣ୍ଟା ମଧ୍ୟରେ ଭୟଙ୍କର ବିସ୍ଫୋରଣ ହୁଏ ।

ଅନେକ ପ୍ରତୀକ୍ଷା ପରେ ଅଗଷ୍ଟ ମାସ ଆସିଗଲା ଚାରିଆଡେ ବର୍ଷା, ନଦୀ ଜଳରେ ପରିପୂର୍ଣ୍ଣ ହୋଇଗଲା । ପ୍ରଶିକ୍ଷଣ ମଧ୍ୟ ସରି ଯାଇଥିଲା, କମାଣ୍ଡୋ ମାନେ ମିଶନ୍ ଜ୍ୟାକ୍ ପଟ୍‌କୁ କାର୍ଯ୍ୟକାରୀ କରିବା ନିମନ୍ତେ ନିଜକୁ ସଦା ପ୍ରସ୍ତୁତ ରଖିଥିଲେ। ପ୍ରାୟ ୪୦୦ କମାଣ୍ଡୋ ମାନଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରାଯାଇ ପୂର୍ବ ପାକିସ୍ତାନ ସୀମା ମଧ୍ୟରେ ପ୍ରବେଶ କରାଇ ଦିଆଗଲା । ସେମାନଙ୍କ ଲକ୍ଷ ଥିଲା ୪ ଟି ପ୍ରମୁଖ ବନ୍ଦର ସେଗୁଡିକ ହେଲା ଚିଟାଗଙ୍ଗ, ମଙ୍ଗଳା, ଚାନ୍ଦିପୁର ଏବଂ ନାରାୟଣ ଗଂଜ । ଦିନ ବେଳେ ସାଧାରଣ ନାଗରିକ ରୂପେ ମାଛଧରୁ ଥିବା କେଉଟ ରୂପରେ ବା କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ରୂପରେ ଏମାନେ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରିଥିଲେ । ତେବେ ସେହି ସମୟରେ ସେମାନଙ୍କ ପାଇଁ କେବଳ ରେଡ଼ିଓ ଦ୍ୱାରା ଗୁପ୍ତ ସଂକେତ ଦେବାର ବ୍ୟବସ୍ଥା ହୋଇଥିଲା । ସେମାନଙ୍କୁ ଅଲ୍ ଇଣ୍ଡିଆ ରେଡ଼ିଓ କଲିକତା ଷ୍ଟେସନ୍‌ରୁ ଗୁପ୍ତ ସଂକେତ ପଠାଇବାର ବ୍ୟବସ୍ଥା ହୋଇଥିଲା । କଲିକତା ରେଡ଼ିଓ ଷ୍ଟେସନ୍‌ରୁ ଏକ ନିର୍ଦ୍ଦିଷ୍ଟ ସଂଗୀତ ପରିବେଷଣ କରାଯିବ ଯାହା ଅନ୍ୟ ମାନଙ୍କ ପାଇଁ ଏକ ମନୋରଞ୍ଜନ ସଂଗୀତ ହୋଇପାରେ କିନ୍ତୁ କମାଣ୍ଡୋ ମାନଙ୍କ ନିମନ୍ତେ ଏକ କଠୋର ପଦକ୍ଷପ ନେବାର ନିର୍ଦ୍ଦେଶ ହେବ । ୧୩ ଅଗଷ୍ଟ ୧୯୭୧ ମସିହା ପ୍ରାତଃ କାଳରେ ରେଡିଓରେ ପଙ୍କଜ ମଲ୍ଲିକଙ୍କ ଏକ ସଂଗୀତ ପରିବେଷଣ ହେଲା ସଙ୍ଗୀତର ଶୀର୍ଷକ ଥିଲା 'ଆମାର ପୁତୁଲ ଆଜକେ ଯାବେ ପ୍ରଥମ ଶଶୁର ବାଡ଼ି' କମାଣ୍ଡୋମାନଙ୍କ ପାଇଁ ବାର୍ତ୍ତା ଥିଲା ଆପଣ ମାନେ ପ୍ରସ୍ତୁତ ରୁହନ୍ତୁ ୨୪ ଘଣ୍ଟା ମଧ୍ୟରେ ଆପଣଙ୍କୁ ନିଜ ମିଶନରେ ଯିବାକୁ ପଡିବ ।

କମାଣ୍ଡୋମାନେ ଚଳଚଞ୍ଚଳ ହୋଇ ଉଠିଲେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଲେ । ୧୪ ଅଗଷ୍ଟ ୧୯୭୧ ମସିହା, ଅଲ୍ ଇଣ୍ଡିଆ ରେଡ଼ିଓ କଲିକତାରୁ ଆଉ ଏକ ସଂଗୀତ ଭାସି ଆସିଲା ତା'ର ଶୀର୍ଷକ ଥିଲା 'ଆମି ତୋମାୟେ ଯତ ସୁନିଏ ଛିଲାମ୍ ଗାନ୍' ଏହାର ଗୁପ୍ତ ସଙ୍କେତ ହେଲା ନିଜ ଲକ୍ଷ୍ୟ ପଥରେ ଆଗେଇ ଯାଅ ଶତ୍ରୁକୁ ଉଚିତ ଶିକ୍ଷା ଦିଅ । ୧୪ ଅଗଷ୍ଟ ଶେଷ ହୋଇ ଯାଇଛି ୧୫ ଅଗଷ୍ଟ ଆରମ୍ଭ ହୋଇ ଆସୁଛି ରାତ୍ରି ୧ ଟା ମେଘୁଆ ଆକାଶ କମାଣ୍ଡୋ ମାନେ ନିଜ ଶରୀରରେ ତେଲ ଏବଂ ଗ୍ରୀସ୍ ଲଗାଇ ନିଜର ସୁରକ୍ଷିତ ମିଶନ୍ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରୁଥିଲେ । କମାଣ୍ଡୋ ମାନେ ଜଳ ଭିତରେ ବୁଡି ୬/୭ କିଲୋମିଟର ପର୍ଯ୍ୟନ୍ତ ଯାଇ ଜାହାଜ ଗୁଡିକର ନିମ୍ନ ଭାଗରେ ଲିଂପୀଡ୍ ମାଇନ୍ ଲଗାଇବାକୁ ବାହାରି ଗଲେ । ଖୁବ୍ ସତର୍କତା ସହିତ ଜଳ ଭିତରେ ପାକିସ୍ତାନୀ ସୈନ୍ୟଙ୍କ ଅଗୋଚରରେ ସମସ୍ତେ ନିଜ ନିଜ ଦାୟିତ୍ୱ ସମ୍ପାଦନ କରି ପାରିଥିଲେ । ବଡ଼ ବଡ଼ ଜାହାଜର ନିମ୍ନ ଭାଗରେ ଏକାଧିକ ଲିଂପୀଡ୍ ମାଇନ୍ ଲଗାଇବାକୁ ପଡିଥିଲା । ମାଇନ୍ ଗୁଡିକର ସେଫଟି ପିନ୍ ବାହାର କରି ସମସ୍ତେ ଖୁବ୍ କମ୍ ସମୟ ମଧ୍ୟରେ କୂଳକୁ ଫେରି ଆସିଥିଲେ । ରାତି ୧.୪୫ ମିନିଟ୍ ପ୍ରଥମ ବିସ୍ଫୋରଣ ହେଲା କେହି କିଛି ଜାଣିବା ଆଗରୁ ଗୋଟିକ ପରେ ଗୋଟିଏ ଜାହାଜ ବିସ୍ଫୋରଣରେ ଭାଙ୍ଗି ଜଳ ସମାଧି ନେଲା । ପ୍ରାୟ ୩୦ ମିନିଟ୍ ମଧ୍ୟରେ ୪ ଗୋଟି ବନ୍ଦରରେ ବିସ୍ଫୋରଣ ଜନିତ ପ୍ରାୟ ୪୫ଟି ଜାହାଜ ଧ୍ୱଂସ ହୋଇଗଲା । ଏମ୍ ଭି ଆବାସ୍ , ଏମ୍ ଭି ଓରିଏଣ୍ଟ ପରି ବିଶାଳ ଜାହାଜ ମଧ୍ୟ ଏଥିରୁ ବାଦ୍ ପଡି ନଥିଲା ।

ପାକିସ୍ତାନୀ ସୈନ୍ୟ ମାନେ ପାଗଳ ପ୍ରାୟ ହୋଇ ଆକାଶକୁ , ଜଳକୁ , ସ୍ଥଳକୁ ଗୁଳି ଚଳାଉଥିଲେ । ସେମାନେ ଭାବିଥିଲେ ବୋଧ ହୁଏ ଭାରତୀୟ ବିମାନ ବାହିନୀ ବା ନୌ ବାହିନୀ ଦ୍ୱାରା ଏହି ଆକ୍ରମଣ ହୋଇଛି, ରାଡ଼ାର୍ ଚେକ୍ ହେଲା ସୋନାର୍ ଚେକ୍ ହେଲା କିନ୍ତୁ କୌଣସି ସ୍ଥାନରେ ଭାରତୀୟଙ୍କ ଉପସ୍ଥିତିର ସୂଚନା ମିଳି ନଥିଲା । କମାଣ୍ଡୋ ମାନେ ନୀରବରେ ଏତେ ବଡ଼ ଧ୍ୱଂସ ରଚିଦେଇ ଆସିଲେ ଯାହାକି ପାକିସ୍ଥାନ ସେନା ସ୍ୱପ୍ନରେ ମଧ୍ୟ ଭାବି ନଥିଲେ । ପାକିସ୍ତାନର ମେରୁଦଣ୍ଡ ଭାଙ୍ଗିଗଲା ତା'ର ସପ୍ଲାଇ ଚେନ୍ ବନ୍ଦ ହୋଇଗଲା । ବନ୍ଦର ଗୁଡିକ ଜାହାଜର ଭଗ୍ନାବଶେଷରେ ପରିପୂର୍ଣ୍ଣ ଥିବାରୁ ନୂତନ ଭାବେ ଜାହାଜ ଚଳାଚଳ କରିବାକୁ ଅନେକ ଦିନ ଲାଗିଗଲା । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଏହା ଥିଲା ଏକ ପ୍ରଳୟଙ୍କରୀ ନୌ ଆକ୍ରମଣ । ପାକିସ୍ତାନୀ ସେନା ପାଇଁ ଏହା ଥିଲା ଏକ ମନୋବୈଜ୍ଞାନିକ ପରାଜୟ। ସେନା ବାହିନୀ ମୁକ୍ତି ବାହିନୀକୁ ମନେ ମନେ ଭୟ କରିବାକୁ ଆରମ୍ଭ କରି ଦେଇଥିଲେ । ପୃଥିବୀ ଜାଣିଗଲା ଏହା ଏକ ସୁସଂଗଠିତ ସାମରିକ କାର୍ଯ୍ୟାନୁଷ୍ଠାନ ଯାହାକି ପାକିସ୍ତାନର ମନୋବଳ ଭାଙ୍ଗି ଦେଇଛି । ଡିସେମ୍ବର ୧୯୭୧ ଯେତେବେଳେ ଭାରତ ପାକିସ୍ତାନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଗଲା ସେତେବେଳେ ପାକିସ୍ତାନୀ ସେନା ଅନେକାଂଶ ରେ ଦୁର୍ବଳ ହୋଇ ଯାଇଥିଲେ। ଗୋଟିଏ ପଟେ ଭାରତୀୟ ସୈନିକ ଅନ୍ୟପଟେ ମୁକ୍ତି ବାହିନୀ ଦୁହିଁଙ୍କୁ ପ୍ରତିରୋଧ କରିବା ସହଜ ନଥିଲା । ୧୬ ଡିସେମ୍ବର୧୯୭୧ ଯେତେବେଳେ ଖୋଲା ଷ୍ଟାଡିଅମ୍‌ରେ ଜେନେରାଲ୍ ନିଆଜି ପ୍ରାୟ ୯୦ ହଜାର ସୈନ୍ୟ ସହିତ ଆତ୍ମ ସମର୍ପଣ କଲେ ସେତେବେଳେ ଯେଉଁ ନୂତନ ରାଷ୍ଟ୍ର ଜନ୍ମ ନେଲା ତାର ନାମ ବାଂଲାଦେଶ ରଖାଗଲା। । ଯେଉଁମାନେ ଅପରେସନ୍ ଜ୍ୟାକ୍ ପଟ୍ ଦ୍ୱାରା ସ୍ୱାଧୀନତା ସଂଗ୍ରାମ ଆରମ୍ଭ କରିଥିଲେ କାହିଁ କେତେଜଣ ସେମାନଙ୍କୁ ମନେ ରଖିଛନ୍ତି ? ତାଙ୍କର ଦେଶ ପ୍ରେମ ତ୍ୟାଗକୁ ରୋମନ୍ଥନ କରୁଛନ୍ତି ? ଅଜ୍ଞାତ ଦେଶପ୍ରେମୀ ସୈନିକ ହିସାବରେ ସେମାନେ ଇତିହାସ ପୃଷ୍ଠାରେ ସ୍ଥାନିତ ହୋଇ ନାହାନ୍ତି ସତ କିନ୍ତୁ ତାଙ୍କର ତ୍ୟାଗକୁ ବାଂଲାଦେଶୀ ମାନେ ନିଶ୍ଚିତ ମନେ ରଖିବେ । ଦେଶ ସ୍ୱାଧୀନ ହେଲା ନୂତନ ସୂର୍ଯ୍ୟାଲୋକ ସହିତ ବାଂଲାଦେଶକୁ ଭାରତ ପ୍ରଥମେ ସ୍ୱୀକୃତି ପ୍ରଦାନ କରିଥିଲା । ପ୍ରତିଟି ପରାଧୀନ ରାଷ୍ଟ୍ରର ସ୍ୱାଧୀନତା ସଂଗ୍ରାମରେ ଅନେକ ଅନ୍ ନୋନ୍ ସୋଲଜର୍ ମାନଙ୍କ ଅବଦାନ ରହିଛି ଯାହକି ଆମକୁ ଦେଶ ପ୍ରେମର ପ୍ରେରଣା ଯୋଗାଉଛି । ନୂତନ ଯୁବପିଢ଼ି ଏହାର ମହତ୍ତ୍ୱ ବୁଝିବାକୁ ଚେଷ୍ଟା କରୁ ନାହାନ୍ତି । ଜେନ୍ ଜି ନାମରେ ବାଂଲାଦେଶ ଅସ୍ଥିରତା/ ଅରାଜକତା ମଧ୍ୟରେ ଗତି କରୁଥିଲା ବର୍ତ୍ତମାନ ନୂତନ ସରକାର୍ ଏହାକୁ କିଛି ମାତ୍ରାରେ ନିଜ ଆୟତ୍ତକୁ ଆଣି ପାରିଛନ୍ତି । ଭାରତ ବିରୋଧି ଶକ୍ତିମାନେ ବାଂଲା ଦେଶରେ ଜନତାଙ୍କୁ ଭାରତ ଏକ ଶତ୍ରୁ ରାଷ୍ଟ୍ର ବୋଲି ପ୍ରଚାରିତ କରୁଛନ୍ତି । ସେମାନେ ଯଦି ତାଙ୍କ ଇତିହାସ ପଢ଼ିବେ ତେବେ କିଏ ଶତ୍ରୁ କିଏ ମିତ୍ର ନିଶ୍ଚୟ ଉତ୍ତର ପାଇଯିବେ ।

# ହାନ୍ତା ଭାଇରସ୍‌କୁ ସମ୍ଭାବ୍ୟ ବିଦାୟ



ଡାକ୍ତର ରାଜକିଶୋର ପଣ୍ଡା
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋ ନଂ- ୮୧୪୪୦୪୨୯୯୭

ହାନ୍ତା ଭାଇରସ୍‌ର ଏକ ସଂକ୍ରମଣ, ଯାହା ଗୋଟିଏ କ୍ରୁଜ୍ ଜାହାଜ ମଧ୍ୟରେ ସଂଘଟିତ ହୋଇଥିଲା, ତିନିଜଣ ପୀଡ଼ିତ ଏଥିରେ ମୃତ୍ୟୁବରଣ କରିଥିଲେ ଓ ଆହୁରି ବ୍ୟାପକ ଭାବରେ ଏହା ଅଗ୍ରସର ହେବାର ଏକ ଅହେତୁକ ଭୟ ସୃଷ୍ଟି କରିଥିଲା, ଇତି ମଧ୍ୟରେ ସମାପ୍ତ ବା ସମ୍ପୂର୍ଣ୍ଣ ହୋଇଯାଇଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଘୋଷଣା କରିଛି ।

"ଆଜି ହାନ୍ତା ଭାଇରସ୍ ସଂକ୍ରମଣର ଶେଷ ରୋଗୀ ଯିଏ କି କ୍ରୁଜ୍ ଜାହାଜରେ ଆକ୍ରାନ୍ତ ହୋଇଥିଲେ, ନିଜର କ୍ୱାରାଣ୍ଟାଇନ୍ (Quarantine) ସମୟସୀମା ଶେଷ କରି ସଂକ୍ରମଣରୁ ମୁକ୍ତ (Negative) ଭାବରେ ଚିହ୍ନଟ ହୋଇଛନ୍ତି ଓ ଘରକୁ ଫେରିଛନ୍ତି । ମେ ପଚିଶରୁ ଆଉ କୌଣସି ରୋଗୀ ମଧ୍ୟ ଚିହ୍ନଟ ହୋଇନାହାନ୍ତି ।" ଏହି ବକ୍ତବ୍ୟ ପ୍ରଦାନ କରିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାନିର୍ଦ୍ଦେଶକ (Director General) "ଟେଡ୍ରୋସ୍ ଆଧାନୋମ୍ ଘିବ୍ରିଶସ୍" ଜୁଲାଇ ଦୁଇ ତାରିଖରେ।

ହାନ୍ତା ଭାଇରସ୍ ସଂକ୍ରମଣରେ ସମୁଦାୟ ତେର ଜଣ ଲୋକ ପ୍ରଭାବିତ ହୋଇଥିଲେ। ସମସ୍ତ ରୋଗୀ ସଂପୃକ୍ତ ଜାହାଜଟିର ଯାତ୍ରୀ ନ ହେଲେ କର୍ମକର୍ତ୍ତା (Crew) ଥିଲେ। ଏପ୍ରିଲ ଏକ ତାରିଖରେ ପର୍ଯ୍ୟଟକମାନଙ୍କର ଗୋଟିଏ ଦଳ "ଏମ.ଭି.ହୋଣ୍ଡିଅସ୍" ନାମକ ଏକ ବିଳାସପୂର୍ଣ୍ଣ ଜାହାଜରେ ଆର୍ଜେଣ୍ଟିନାରୁ ଦୀର୍ଘ ତେତିଶ ଦିନ ବ୍ୟାପୀ ଏକ ଜଳ ଅଭିଯାନରେ ବାହାରିଲେ। ଏହି ଅଭିଯାନର ନାମ ଥିଲା "ଆଟଲାଣ୍ଟିକ୍ ଓଡିଶି" (Atlanitc Odyssey)। ଏହି ସମୁଦ୍ର ଯାତ୍ରାର ଲକ୍ଷ୍ୟ ରହିଥିଲା ଆଣ୍ଟାର୍କଟିକାରୁ ଆର୍କଟିକ୍ ପର୍ଯ୍ୟନ୍ତ ଦୂରତା ଅତିକ୍ରମ କରିବା। ଏହା ମଧ୍ୟରେ ଜାହାଜଟି ଦକ୍ଷିଣ ଜର୍ଜିଆ, ସେଣ୍ଟ ହେଲେନା ମଧ୍ୟରେ ସାମୟିକ ଅବସ୍ଥାନ କରି ପରିଶେଷରେ କେପ୍ ଭର୍ଡ୍ (Cape Verde)ରେ ଏହାର ଯାତ୍ରା ସମାପ୍ତ କରିବ ବୋଲି ଯୋଜନା ପ୍ରସ୍ତୁତ କରାଯାଇଥିଲା। କିନ୍ତୁ ଏହି ଅଭିଯାନ ଯେ ଏହାର ଯାତ୍ରୀମାନଙ୍କ ପାଇଁ ଏକ ଭୟାବହ ବିପଦ ଡାକି ଆଣିବ, ଏହା କିଏ ବା କଳ୍ପନା କରିଥିଲା ! ଯାତ୍ରୀମାନଙ୍କ ମଧ୍ୟରୁ କିଛିଜଣ ବିପଜ୍ଜନକ ଭାବରେ ଶ୍ୱାସଜନିତ ଅସୁସ୍ଥତାରେ ପୀଡ଼ିତ ହୋଇ ପଡ଼ିଲେ ଓ ତନ୍ମଧ୍ୟରୁ ତିନିଜଣ ମୃତ୍ୟୁବରଣ କଲେ। ପରିଶେଷରେ ଏହା ହାନ୍ତା ଭାଇରସ୍‌ର ସଂକ୍ରମଣ ଯୋଗୁଁ ହୋଇଛି ବୋଲି ଜଣାପଡ଼ିଲା। ପ୍ରଥମ ମୃତ୍ୟୁଟି ଏପ୍ରିଲ ଏଗାର ତାରିଖରେ ହେଲା, ଏହାର କାରଣ କିନ୍ତୁ ଚିହ୍ନଟ ହୋଇପାରିଲା ନାହିଁ। ଏହାପରେ କ୍ରମାଗତ ଭାବେ ଅଧିକ ଲୋକ ସମାନ ଲକ୍ଷଣ ଧରି ଅସୁସ୍ଥ ହୋଇ ପଡ଼ିବାରୁ, ଏହି ସଂକ୍ରମଣ ବିଷୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନକୁ ମଇ ଦୁଇ ତାରିଖରେ ଅବଗତ କରାଗଲା। ଯଦିଓ ଏହି ସଂକ୍ରମଣଟି ଜାହାଜ ମଧ୍ୟରେ ସୀମିତ ରହିଥିଲା, ଏହାର ଯାତ୍ରୀ ଓ କର୍ମକର୍ତ୍ତା କିନ୍ତୁ ତେଇଶଟି ଦେଶରୁ ଆସିଥିଲେ ଓ ଚଉତିରିଶ ଜଣ ମହାମାରୀ ଚିହ୍ନଟ ହେବା ପୂର୍ବରୁ ଜାହାଜରୁ ଓହ୍ଲାଇ ସାରିଥିଲେ। ତେଣୁ ସମଗ୍ର ବିଶ୍ୱରେ ଏହା ବ୍ୟାପିବାର ଏକ ଭୟ ସୃଷ୍ଟି କରିଥିଲା। ସମୁଦାୟ ତେର ଜଣ ଚିହ୍ନଟ ରୋଗୀଙ୍କ ମଧ୍ୟରୁ ତିନିଜଣଙ୍କର ମୃତ୍ୟୁ ଘଟିଛି। ତେର ଜଣଙ୍କ ମଧ୍ୟରୁ ନଅ ଜଣ ହାନ୍ତା ଭାଇରସ୍‌ର "ଆଣ୍ଡିଜ୍" ପ୍ରଜାତିଦ୍ୱାରା ଆକ୍ରାନ୍ତ ବୋଲି ନିଶ୍ଚିତ କରାଯାଇଛି। ଯେବେଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ସଂକ୍ରମଣ ବିଷୟରେ ସଜ୍ଞାନ ନେଲେଣି ଅର୍ଥାତ୍ ମଇ ଦୁଇ ତାରିଖ, ସେବେଠାରୁ ଆଉ କୌଣସି ମୃତ୍ୟୁ ହୋଇନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମଧ୍ୟ ତ୍ୱରିତ ପଦକ୍ଷେପ ନେବା ପୂର୍ବକ ନିଜର ବିଶେଷଜ୍ଞ ଦଳକୁ ଜାହାଜକୁ ପଠାଇଥିଲେ ଓ ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ନିୟାମକ (IHR) ଅନୁଯାୟୀ ଯାତ୍ରୀମାନଙ୍କୁ ଜାହାଜରୁ ଅବତରଣ କରାଇଥିଲେ। ଏହି ନିୟାମକ ଅନୁଯାୟୀ ସବୁଠାରୁ ପାଖରେ ଥିବା ବନ୍ଦର ଯେଉଁଠାରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସୁବିଧାର ବ୍ୟବସ୍ଥା ଅଛି, ଯାତ୍ରୀମାନଙ୍କୁ ସେହିଠାରେ ହିଁ ଅବତରଣ କରାଯିବ। ଏହି ପରିପ୍ରେକ୍ଷୀରେ ସ୍ପେନର "ଟେନିରିଫ" ବନ୍ଦର ସବୁ ସର୍ତ୍ତାବଳୀକୁ ପୂରଣ କରୁଥିବାରୁ ଯାତ୍ରୀ ଅବତରଣ ସକାଶେ ସେହି ବନ୍ଦରକୁ ବଛାଯାଇଥିଲା। ଏହି ପରିସ୍ଥିତି ଉପରେ ମତ ଦେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାନିର୍ଦ୍ଦେଶକ "ଟେଡ୍ରୋସ୍ ଆଧାନୋମ୍" ସେତେବେଳେ କହିଥିଲେ, ହାନ୍ତା ଭାଇରସ୍ ସଂକ୍ରମଣ ବୃହତ୍ତର ଆକାର ଧାରଣ କରିବାର କୌଣସି ସମ୍ଭାବନା ସେମାନେ ଦେଖୁନାହାନ୍ତି ଓ ଏହା ମଧ୍ୟ ଅନ୍ୟ ଗୋଟିଏ କୋଭିଡ୍ ନୁହେଁ। ଆହୁରି ମଧ୍ୟ ସେ କହିଥିଲେ କି, ଯଦିଓ ଏହି ଭାଇରସ୍‌ର ବର୍ତ୍ତମାନ ସମୟରେ ଜନସ୍ୱାସ୍ଥ୍ୟ ଉପରେ ପ୍ରଭାବ ଅତ୍ୟନ୍ତ ସୀମିତ, କିନ୍ତୁ ସ୍ଥିତି ଭବିଷ୍ୟତକୁ ବଦଳିପାରେ। ଏହାର କାରଣ ମଣିଷ ଶରୀରରେ ଭାଇରସଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାର ସମୟ (Incubation period) ପାଖାପାଖି ବୟାଳିଶ ଦିନ। ଯେଉଁ ଯେଉଁ ଦେଶମାନଙ୍କୁ ପର୍ଯ୍ୟଟକମାନେ ଜାହାଜରୁ ଓହ୍ଲାଇ ଯାଇଛନ୍ତି, ସେହି ଦେଶଗୁଡ଼ିକର କର୍ତ୍ତବ୍ୟ ହେଉଛି ସଂପୃକ୍ତ ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟକୁ ସବିଶେଷ ଅନୁଧାନ କରିବା। ଉପରୋକ୍ତ ଜାହାଜରେ ଭାରତର ମଧ୍ୟ ଦୁଇଜଣ ପର୍ଯ୍ୟଟକ ଥିଲେ, ସେମାନଙ୍କୁ ନେଦରଲ୍ୟାଣ୍ଡରେ ଅବତରଣ କରାଗଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନେ ଭାଇରସ୍‌ରୁ ମୁକ୍ତ ବୋଲି ଜଣାପଡ଼ିଲେ।

ହାନ୍ତା ଭାଇରସ୍ "ଅର୍ଥୋହାନ୍ତାଭାଇରସ୍" ପରିବାରର ଅନ୍ତର୍ଭୁକ୍ତ ଅଟେ, ଯେଉଁଥିରେ ଆହୁରି କୋଡ଼ିଏଟି ଭାଇରସ୍ ଅନ୍ତର୍ଭୁକ୍ତ ଅଛନ୍ତି। ଏହି ଭାଇରସ୍ ସୃଷ୍ଟି କରୁଥିବା ରୋଗର ନାମ ହେଉଛି "ହାନ୍ତା ଭାଇରସ୍ କାର୍ଡ଼ିଓ ପୁଲମୋନାରୀ ସିଣ୍ଡ୍ରୋମ୍" (HPS)। ବର୍ତ୍ତମାନ ସମୟରେ ଏହି ରୋଗ ପାଇଁ କୌଣସି ଆଣ୍ଟିଭାଇରାଲ ଔଷଧ ଉପଲବ୍ଧ ନାହିଁ। ହାନ୍ତା ଭାଇରସ୍ ପଶୁଠାରୁ ମଣିଷକୁ ବ୍ୟାପିଥାଏ। ଯେଉଁ ପଶୁମାନେ ଏହି ଭାଇରସ୍‌ର ସଂକ୍ରମଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି, ସେମାନେ ହେଉଛନ୍ତି "ରୋଡେଣ୍ଟ" (Rodent - ମୂଷା, ଗୁଣ୍ଡୁଚି ଇତ୍ୟାଦି)। ଏହି ଭାଇରସ୍‌ଦ୍ୱାରା ସଂକ୍ରମିତ ମୂଷା ଆଦିଙ୍କର ମଳ, ମୂତ୍ର, ଲାଳ ସଂସ୍ପର୍ଶରେ ଆସିଲେ ମନୁଷ୍ୟ ଶରୀରକୁ ଭାଇରସଟିର ପ୍ରବେଶ ଘଟେ। ଏହାର ଅନ୍ୟ ଗୋଟିଏ ପ୍ରଜାତି ଯାହାର ନାମ ହେଉଛି "ଆଣ୍ଡିଜ୍", ମଣିଷ-ମଣିଷ ମଧ୍ୟରେ ବ୍ୟାପିବାର ସାମର୍ଥ୍ୟ ରଖିଛି, ଯାହାକି ଜାହାଜରେ ଦେଖାଯାଇଥିଲା।

ଜାହାଜରେ ହୋଇଥିବା ସଂକ୍ରମଣରୁ ଏହା ସନ୍ଦେହ କରାଯାଉଛି କି, ଏହା ଜନୈକ ଡଚ୍ ଦମ୍ପତିଙ୍କଠାରୁ ଅନ୍ୟମାନଙ୍କୁ ବ୍ୟାପିଅଛି। ଉକ୍ତ ଦମ୍ପତି ଆର୍ଜେଣ୍ଟିନାଠାରେ ଗୋଟିଏ ନେଚର କ୍ୟାମ୍ପରେ ଯୋଗ ଦେଇଥିଲେ ଓ ସେହିଠାରେ ହିଁ ସେମାନେ ସଂକ୍ରମିତ ମୂଷା ଜାତୀୟ ଜନ୍ତୁଙ୍କର ମଳ, ମୂତ୍ର ଆଦିର ସଂସ୍ପର୍ଶରେ ଆସିଛନ୍ତି ବୋଲି ଆଶଙ୍କା କରାଯାଉଛି। ହାନ୍ତା ଭାଇରସ୍‌ର ଆବିର୍ଭାବ, କୋଭିଡ୍‌ର ଦ୍ୱିତୀୟ ସଂକ୍ରମଣ (Second Wave)ର ପାଞ୍ଚବର୍ଷ ପୂର୍ତ୍ତି ସମୟରେ ହୋଇଅଛି ଓ ଏହା କୋଭିଡ୍ ସମୟରେ ବ୍ୟବହୃତ ହେଉଥିବା ଶବ୍ଦ ଯେପରିକି କ୍ୱାରାଣ୍ଟାଇନ୍, କଣ୍ଟାକ୍ଟ ଟ୍ରେସିଂକୁ ମନେପକାଇ ଦେଇଛି। କୋଭିଡ୍ ପରେ ମଧ୍ୟ ବିଶ୍ୱ ବିଭିନ୍ନ ସମୟରେ ଭୟଙ୍କର ଭାଇରସ୍ ସଂକ୍ରମଣକୁ ସାମନା କରିଛି, ସେଗୁଡ଼ିକ ହେଉଛନ୍ତି, "ଏମ୍‌ପକ୍ସ", "ଏଚ.ଫାଇଭ୍ ଏନ୍.ୱାନ୍ (H5NI)", "ମାରବର୍ଗ ଭାଇରସ୍" ଓ ଭାରତ ବାଙ୍ଗଲାଦେଶରେ "ନିପା ଭାଇରସ୍"।

କୋଭିଡ୍ ଅନୁଭବ ଏହା ଦର୍ଶାଉଛି କି ଯେକୌଣସି ଭାଇରସ୍‌କୁ ଅବହେଳା ଓ ଏହାର ସଂକ୍ରମଣକୁ ଉପେକ୍ଷା କଲେ, ପରବର୍ତ୍ତୀ ସମୟରେ ଯଦି ଏହା ମହାମାରୀକୁ ପରିବର୍ତ୍ତିତ ହୁଏ, ତେବେ ଏହାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼େ। ବିଭିନ୍ନ ଗବେଷଣା ଏହା ମଧ୍ୟ ସୂଚାଉଛି କି ଏବେ ମଧ୍ୟ ବିଶ୍ୱ, ଭାଇରସ ଜନିତ ମହାମାରୀକୁ ସାମନା କରିବା ପାଇଁ ଠିକ୍ ଭାବରେ ପ୍ରସ୍ତୁତ ହୋଇନାହିଁ। ପରିବେଶ ପରିବର୍ତ୍ତନ ଓ ମଣିଷର ଗତିଶୀଳତାରେ ବୃଦ୍ଧି ଯୋଗୁଁ ଏହା ଆଶଙ୍କା କରାଯାଉଛି କି ମଣିଷ ସମାଜ ଭବିଷ୍ୟତରେ ଆହୁରି ଅନେକ ରୋଗକୁ ସାମ୍ନା କରିବ, ଯେଉଁ ରୋଗର ଉତ୍ପତ୍ତି ବନ୍ୟଜନ୍ତୁ ମାନଙ୍କଠାରେ ହୋଇଥାଏ।

ଅରଣ୍ୟ ଧ୍ୱଂସ ଓ ଅରଣ୍ୟରେ ମନୁଷ୍ୟର କାର୍ଯ୍ୟକଳାପ, ମୂଷା ଜାତୀୟ ଜୀବ (Rodents) ମାନଙ୍କର ସଂଖ୍ୟା ଓ ଜୀବନଚକ୍ରକୁ ପ୍ରଭାବିତ କରୁଛି ଏବଂ ସେମାନଙ୍କଠାରେ ଦେଖାଯାଉଥିବା ରୋଗ (ଯେପରିକି ହାନ୍ତା)ର ବ୍ୟାପିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି ପାଖାପାଖି ୬ ପ୍ରକାରର "ରୋଡେଣ୍ଟ" ହାନ୍ତା ଭାଇରସ୍‌କୁ ଧାରଣା କରିବାର କ୍ଷମତା ରଖିଛନ୍ତି ଓ କୋଭିଡ୍ ଭଳି ମହାମାରୀ ସୃଷ୍ଟି କରିବା ପାଇଁ ହାନ୍ତାର ଶକ୍ତି ରହିଛି।

ହାନ୍ତା ଭାଇରସ୍ ବିଶ୍ୱକୁ ଆଉଥରେ ଚେତାଇ ଦେଇଛି କି ମଣିଷର ସ୍ୱାସ୍ଥ୍ୟ, ପରିବେଶ ଓ ଜୀବଜନ୍ତୁ ମାନଙ୍କର ସ୍ୱାସ୍ଥ୍ୟଠାରୁ ଅଭିନ୍ନ। ଜଳବାୟୁ ପରିବର୍ତ୍ତନ, ଅରଣ୍ୟଧ୍ୱଂସ, ସଘନ କୃଷି (Intensive Farming) ଆଦି ମଣିଷ ଓ ଜୀବଜନ୍ତୁଙ୍କୁ ପରସ୍ପରର ନିକଟତର କରାଉଛି ଓ ବିଭିନ୍ନ ଭାଇରସ୍ ମାନଙ୍କର ସଂକ୍ରମଣ ଲାଗି ସୁଯୋଗ ସୃଷ୍ଟି କରୁଛି। ଜୀବଜନ୍ତୁ ମାନଙ୍କଠାରେ ଦେଖାଯାଉଥିବା ଭାଇରସ୍‌ର ନିୟନ୍ତ୍ରଣ ପାଇଁ ପରିବେଶ ଓ ଅରଣ୍ୟର ଉପଯୁକ୍ତ ସଂରକ୍ଷଣ ଏକ ସୁଦୃଢ଼ ଓ ଯୁଗାନ୍ତକାରୀ ପଦକ୍ଷେପ ଓ ଏହାକୁ ପ୍ରମାଣିତ କରିଛନ୍ତି ବ୍ରାଜିଲର ବୈଜ୍ଞାନିକଗଣ। ସେମାନେ ବ୍ରାଜିଲର ଆଟଲାଣ୍ଟିକ ଜଙ୍ଗଲରେ ହାନ୍ତା ଭାଇରସ୍‌କୁ ଧାରଣ କରୁଥିବା କିଛି "ରୋଡେଣ୍ଟ" ମାନଙ୍କ ଉପରେ ଗବେଷଣା କରି, ଏହି ମତପ୍ରକାଶ କରିଛନ୍ତି କି, ଜଙ୍ଗଲକୁ ସଂରକ୍ଷଣ କଲେ ହିଁ, ହାନ୍ତା ଭାଇରସ୍‌ର ବ୍ୟାପିବାକୁ ନିୟନ୍ତ୍ରଣ କରାଯାଇପାରିବ। ଯେହେତୁ ଆମ ଦେଶରେ ସହରୀକରଣ, ଅରଣ୍ୟଧ୍ୱଂସ, ଜଳବାୟୁ ପରିବର୍ତ୍ତନ ଆଦି ଦ୍ରୁତ ଗତିରେ ହେଉଛି ତେଣୁ ଆମେ ଭାରତକୁ ହାନ୍ତା ଭାଇରସ୍‌ର ସଂକ୍ରମଣ ନିମନ୍ତେ ହଟ୍‌ସ୍ପଟ୍ ବୋଲି ବିଚାର କରିପାରିବା। କୋଭିଡ୍ ପରେ ଭାରତ ସରକାର "ନ୍ୟାସନାଲ ୱାନ ହେଲ୍‌ଥ ମିସନ୍" ପ୍ରଣୟନ କରିଥିଲେ ୨୦୨୨ ମସିହାରେ। ଏହାର ଲକ୍ଷ୍ୟ ଥିଲା ମଣିଷ ଓ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟର ମିଳିତ, ସମନ୍ୱିତ ବିକାଶ। ପରବର୍ତ୍ତୀ ସମୟରେ ଏହାକୁ କେନ୍ଦ୍ର କରି "ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାନ୍ ହେଲ୍‌ଥ" ମଧ୍ୟ ନାଗପୁରରେ ସ୍ଥାପିତ ହେଲା। ଏହି ସଂସ୍ଥାନର ଲକ୍ଷ୍ୟ ହେଉଛି ବିଭିନ୍ନ ପ୍ରାଣୀଜାତ ରୋଗ (Zoonotic Disease) ର ଦୃଢ଼ ସର୍ବେକ୍ଷଣ, ପ୍ରାଥମିକ ସତର୍କତା ବ୍ୟବସ୍ଥା, ଉନ୍ନତ ଭିତ୍ତିଭୂମି ଓ ଗବେଷଣା ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା। ଭବିଷ୍ୟତ ପାଇଁ ଏହା ଏକ ଭଲ ପଦକ୍ଷେପ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶିଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୯୫

## ଛୁଞ୍ଚି ମୂନରେ ମୂନେ ଜାଗା ବି ନୁହଁ-୨



ଧୃତରାଷ୍ଟ୍ର ବିଚଳିତ ଦିଶିଲେ । ଭୀଷ୍ମଙ୍କ କଥାରେ ସହମତ ହେଲେ । କହିଲେ- ସବୁ ଗୁରୁଜନ ମାନେ ହିଁ ଭଲକଥା କୁହନ୍ତି । ମୁଁ କ'ଣ କରିବି ! ମୁଁ ଯେତେ କଠୋର ଭାବେ କହିଲେ ମଧ ଏହି ବୁଦ୍ଧୁମାନେ ଶୁଣୁନାହାଁନ୍ତି । ଯାହା ମନକୁ ଆସୁଛି କରୁଛନ୍ତି । ଧୃତରାଷ୍ଟ୍ର ଅସହାୟ ଜଣାଗଲେ ।

ଦୁର୍ଯ୍ୟୋଧନ ଧୈର୍ଯ୍ୟର ସହ ଶୁଣୁଥିଲେ ସମସ୍ତିଙ୍କ କଥା । ପିତାଙ୍କର ଆଶଙ୍କା, ତାଙ୍କ ପୁଅମାନେ ଯୁଦ୍ଧରେ ହାରିଯିବେ ! ସେ କହିଲେ- ପିତା, ଆମର ନିରାପତ୍ତା ପାଇଁ ଚିନ୍ତା କରନ୍ତୁ ନାହିଁ । ଆମେ ଯୁଦ୍ଧରେ ଜିତିବୁ । ଏହା ନିଶ୍ଚିତ । ଆମର ଏଗାର ବାହିନୀ ସେନାଙ୍କୁ କ'ଣ ସେମାନେ ସାମ୍ନା କରିପାରିବେ ? ଯୁଧିଷ୍ଠିର ଡରିଗଲେଣି । ନୋହିଲେ ରାଜ୍ୟ ମାଗିବା ପରିବର୍ତ୍ତେ ପଞ୍ଚୋଟି ପଡାଗାଁ ମାଗୁଛନ୍ତି କାହିଁକି ! ଆପଣ ନିଶ୍ଚିନ୍ତ ରୁହନ୍ତୁ । ଆମେ ଜିତିବୁ । ଧୃତରାଷ୍ଟ୍ରଙ୍କର ମନୋବଳ ବଢେଇବା ପାଇଁ ଦୁର୍ଯ୍ୟୋଧନ କହିଲେ ।

ଧୃତରାଷ୍ଟ୍ର କହିଲେ- ପୁତ୍ର ମୋର, ପରିସ୍ଥିତି ଯାହା ହେଉ ନା କାହିଁକି ଯୁଦ୍ଧ କରନା । ଯେଉଁ ଅଧକ ରାଜ୍ୟ ତୁମେ ପାଇବ ତାକୁ ଠିକ୍‌ରେ ଶାସନ କଲେ ତାହା ଯଥେଷ୍ଟ ହେବ । ପୂରା ଆଶା କରନା । ମୋ କଥା ମାନିଯା ।

ଖୁବ୍ ଉତ୍ତେଜିତ ହୋଇଉଠିଲେ ଦୁର୍ଯ୍ୟୋଧନ । ଉଚ୍ଚ ସ୍ୱରରେ କହିଲେ- ପାଣ୍ଡବମାନେ ଛୁଞ୍ଚି ମୂନରେ ମୂନେ ଜାଗା ପାଇବେ ନାହିଁ । ପରିସ୍ଥିତି ଯାହା ହୋଇଯାଉ ।

କ୍ରୋଧିତ ହୋଇ ଦୁର୍ଯ୍ୟୋଧନ ଦରବାରରୁ ଉଠି ଚାଲିଗଲେ । ଦରବାରରେ ନୀରବତା ଛାଇଗଲା ।

(କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଜନ-ଗଣ-ମନ ଗାଇବା

### *ସୁଧାଂଶୁ ଶେଖର ଦ୍ୱିବେଦୀ*



ସ୍ୱାଧୀନତାର ଖୁସିକୁ
ମିଳିମିଶି ଆମେ ପାଳିବା
ରାଷ୍ଟ୍ରୀୟ ପରବ ନିମନ୍ତେ
ତ୍ରିରଙ୍ଗା ପତାକା ଉଡେଇବା
ଆସ ଆସ ଆମେ ସମସ୍ତେ
ଜନ-ଗଣ-ମନ ଗାଇବା ।
ହିନ୍ଦୁ-ମୁସଲିମ-ଶିଖ୍-ଇଶାଇ
ପରସ୍ପର ସବୁ ଭାଇ-ଭାଇ
ଭାରତ ମାତାର ରଖିବା ମାନ
ଆମେ ସମସ୍ତେ ଏକ ହୋଇ ।
ଆମର ସମ୍ମାନ ତ୍ରିରଙ୍ଗା ପତାକା
ମାନ-ସମ୍ମାନ ବଢ଼େଇବା
ଉଠେଇ ଶିର ଉପରକୁ
ତ୍ରିରଙ୍ଗାକୁ ପ୍ରଣାମ କରିବା
ସହିଦଙ୍କର ବଳିଦାନ ପାଇଁ
ପୁଷ୍ପର ମାଳ ଚଢ଼େଇବା ।
ଯୁବପିଢିଙ୍କୁ ଏହି ମୂଳମନ୍ତ୍ର
ବାରମ୍ବାର କାନେ ବୁଝେଇବା
ଆସ ଆସ ଆମେ ସମସ୍ତେ
ଜନ-ଗଣ-ମନ ଗାଇବା ।

*ବିସି-୭୪, ସଲ୍ଟଲେକ୍, କଲକତା-୬୪*
*ମୋ-୯୬୮୧୩୭୩୫୧୨*

# ସବୁଠୁ ସରସ ମୋ ଦେଶ ଭାରତ

### *ଶରତ କୁମାର ଦାସ*



ସବୁଠୁ ସରସ ମୋ' ଦେଶ ଭାରତ
ପରଶ ତା' ମିଠା ଲାଗେ,
ଯୋଉଠି ଗଲେ ବି ଯୋଉଠି ଥିଲେ ବି
ତା' ଛବି ଦିଶଇ ବାଗେ ।

ତା'ର ଗିରି-ବଣ-ପାହାଡ଼-ଝରଣା
ସବୁ ପରା ନୂଆନୂଆ,
ଆଖିରେ ତା' ଯେତେ ଲାଖିଛି ସପନ
ସତେକି ଆକାଶ ଛୁଆଁ ।

ସୂରୁଯ ଉଇଁଲେ ଶାନ୍ତିର ମନ୍ତର
ସରଗ ରାଇଜୁ ଝରେ,
ଖୁସିର ଦୀପାଳି ଜଳି ସରାଗରେ
ମନରେ ହରଷ ଭରେ ।

ଏ ଜାତି ଗାଏ ତ ଅହିଂସାର ଗୀତି
ସୁଖେ ବିତିଯାଏ ଦିନ,
ଲିଭିଯାଏ ଯେତେ ଅନ୍ୟାୟ, ଅନୀତି
ରକତର ହିଂସା ଚିହ୍ନ ।

ସିନିହ, ଶରଧା, ମମତା-ପଣତେ
ପୋଛିବା ସଭିଙ୍କ ଲୁହ,
ଭେଦଭାବ ଭୁଲି ଆଗେଇଲେ କାମେ
ଝରିବ ଖୁସିର ସୁଅ ।

ଏକମନ ହୋଇ ଚାଲିଲେ ଆଗକୁ
ଅନ୍ଧାର ଯିବଟି ଫାଟି,
ଯଶକୀରତିର ପସରା ମେଲାଇ
ହସୁଥିବ ଏଇ ମାଟି ।

ଜାତୀୟ ପତାକା ଏ ଜାତିର ଟେକ
ରଖିବାଟି ତା'ର ମାନ,
ଭିନ୍ନତାରେ ଦିଏ ଏକତାର ରଙ୍ଗ
ଅତୁଳନୀୟ ତା' ଦାନ ।

*ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ*
*ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର*
*ମୋ-୮୨୪୯୧୩୭୦୯୧*

# ତା' ଜୟଗାନ କରି

### *ମହେନ୍ଦ୍ର କୁମାର ଘଡ଼େଇ*

ଆମରି ବାପୁ ଡାକି କହିଲେ
ବିଦେଶୀ ଦେଶ ଛାଡ଼
ଫେରାଇ ଆଣି ପାରିବ ତୁମ
ହାତରୁ ଆମ ଗଡ଼ ।
'କର ବା ମର' ଡାକରେ ଲୋକେ
ହୋଇଲେ ଏକଜୁଟ
ଦେଖାଇଦେଲୁ ଭିତରେ ଆମ
ଜମାରୁ ନାହିଁ ଫାଟ ।
ଜାତି ଧରମ ଭାଷା ବେଶର
ବିଭେଦ ତଡ଼ିଦେଇ
ବଇରୀ ତଡ଼ା କାମେ ପିଲାରୁ
ବୁଢ଼ା ପଡ଼ିଲୁ ଡେଇଁ ।
ଆମ ମାଟିରେ ଆମ ପତାକା
ଆମ ହାତରେ ଧରି
ଗୋରା ବେପାରୀ ଘଉଡ଼ାଇବା
କାମରେ ଗଲୁ ଘେରି ।
ଦଳର ବଳ ଦେଖି ଫିରିଙ୍ଗି
ଡାକିଲା ତ୍ରାହି ତ୍ରାହି
ରାତି ଅନ୍ଧାରେ ଭାରତମାତା
ଛାଡ଼ି ସେ ଗଲା କାହିଁ !
ମୁକତି ଗାଥା ମନରେ ହେଜି
ପାଳୁ ଅଗଷ୍ଟ କ୍ରାନ୍ତି
ସ୍ୱାଧୀନ ଦେଶେ ସ୍ୱାଧୀନ ଆମେ
ଚାଲୁ ଫୁଲାଇ ଛାତି ।
ତା' ସୁତସୁତା ମୁହେଁ ଗରବେ
ତା' ଜୟଗାନ କରି
ସତ ନୀତିରେ ଅଖଣ୍ଡତାକୁ
ଅଛୁ ଜାବୁଡ଼ି ଧରି ।

*କ୍ଷେତ୍ରମୋହନ ବିଦ୍ୟାପୀଠ,*
*କଟରପଡ଼ା, ପିଠାପଡ଼ା,*
*ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*



# ଜୀବନକୁ ଆମେ କରିବା ଧନ୍ୟ

### *ରାଜକିଶୋର ସ୍ୱାଇଁ*



ଶସ୍ୟ ଶ୍ୟାମଳା ସୁଜଳା ସୁଫଳା
ଆମ ପ୍ରିୟ ଜନ୍ମଭୂଇଁ ଭାରତ
ଦେଶବାସୀ ଆସ ହୋଇ ଏକ ଆମେ
ଟାଣିବା ତାହାର ପ୍ରଗତି ରଥ ।।୧।।

ସ୍ୱାଧୀନ ହୋଇଲା ଆମ ମାତୃଭୂମି
ଅଗଷ୍ଟ ପନ୍ଦର ତାରିଖ ଦିନ
ଆସିଛିରେ ଆଜି ପୁଣି ସେ ଦିବସ
ଆସରେ କରିବା ତା ଜୟ ଗାନ ।।୨।।

ସରଗର ସମ ଆମ ଜନ୍ମ ଭୂଇଁ
ଅଛି ଆଉ କିଏ ତାପରି କାହିଁ
ମାଟି ପାଣି ଆଉ ପବନ ନାନାଦି
ଦରବ ଖଞ୍ଜିଛି ଜିଇଁବା ପାଇଁ ।।୩।।

କରିଥାଏ ଭାରି ଆଦର ଆମକୁ
ଭୁଲ୍‌କଲେ କେବେ ଦିଏନି ଗାଳି
ନିଏ ମାଆ ପରି ଯତନ ଆମର
ସେନେହ ମମତା ଦିଏ ସେ ଢାଳି ।।୪।।

ସେବା କରିବାରେ ରହେ ଯିଏ ରତ
ବିକଶିତ ହୁଏ ତାର ଜୀବନ
ହୋଇ ସମର୍ପିତ ସେବାରେ ତାହାରି
ଜୀବନକୁ ଆସ କରିବା ଧନ୍ୟ ।।୫।।

ଶିକ୍ଷାବିନା ଦେଶ ହୁଏ ନାରଖାର
ଶିକ୍ଷା ଅଟେ ବିକାଶର ଆଧାର
ଶିଶୁର ତୃତୀୟ ନୟନ ଶିକ୍ଷାକୁ
କରିବା ସଭିଏଁ ମିଶି ପ୍ରସାର ।।୬।।

ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳକୁ
ଖାଦ୍ୟ ପାଇଁ ବୃକ୍ଷ କରେ ଶୋଷଣ
ପ୍ରଦୂଷଣ ମୁକ୍ତ ହେବାପାଇଁ ଦେଶ
କରିବା ସଭିଏଁ ଚାରାରୋପଣ ।।୭।।

ଦେବା ନାହିଁ କାହା ମନେ ଆମେ ଦୁଃଖ
ହସି ହସାଇବା ସାରା ମୂଲକ
ମାଆ ମାତୃଭାଷା ମାତୃଭୂମି ପ୍ରତି
ହେବାନାହିଁ କେବେହେଲେ ବିମୁଖ ।।୮।।

*ଅବସର ପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ, କାର୍ଯ୍ୟନିର୍ବାହୀକା ସମିତି ସଦସ୍ୟ,*
*ଉତ୍କଳ ସାହିତ୍ୟ ସମାଜ*
*ଶାନ୍ତିନଗର, ନୂଆପଡା, ନୂଆବଜାର, କଟକ-୭୫୩୦୦୪*

# ଫର ଫର ଉଡ଼େ ତ୍ରିରଙ୍ଗା ନେତ

### *ଜୟକୃଷ୍ଣ ସାହୁ*



ଫର ଫର ଉଡ଼େ ଜାତୀୟ ପତାକା
ଜାତିର ପ୍ରତୀକ ସେଇ
ହସି ହସି ଗାଏ ଜାତୀୟ ସଂଗୀତ
ସ୍ୱାଧୀନ ଭାରତ ପାଇଁ
ସ୍ୱାଭିମାନୀ ନେତଟିଏ,
ଉଡ଼ି ଉଡ଼ି ଉଡ଼ି ଭାରତ ମାତାର
ଗଉରବ ଗାଥା ଗାଏ ।
ନାଆଁଟି ତ୍ରିରଙ୍ଗା ତିନି ରଙ୍ଗ ଆଣି
ଦେହରେ ହୋଇଛି ବୋଳି
ନାରଙ୍ଗୀ ସବୁଜ ଧଳା ରଙ୍ଗ ଶୋଭା
ତିନିହେଁ ତିନିକୁ ବଳି
ଅଶୋକ ଚକ୍ରଟି ରହି,
ଧର୍ମର ବାରତା ଦେଉଥାଏ ସିଏ
ନୀଳ ରଙ୍ଗ ବୋଳି ହୋଇ ।
ନାରଙ୍ଗୀ ରଙ୍ଗଟି ଉପରେ ରହିକି
ସାହସ ବୀରତ୍ୱ ଦିଏ
ସବୁଜ ରଙ୍ଗଟି ବିଶ୍ୱାସ ସମୃଦ୍ଧି
ବାରତାଟି ଦେଇଥାଏ
ସତ୍ୟ ଶାନ୍ତି ଦିଏ ଧଳା,
ଅଶୋକ ଚକ୍ରର ମହିମା ଅପାର
ଚବିଶି ଅରରେ ଗଢ଼ା ।
ତା'ର ଟେକ ଆମେ ରଖିବା ପାଇଁକି
ଶପଥ ନେବାରେ ସର୍ବେ
ସ୍ୱାଧୀନ ଭାରତ ସନ୍ତାନ ଆମେରେ
କହିବା ବୁଲିକି ଗର୍ବେ
ହସିବ ଭାରତ ମାଆ,
ସେ ହସ ଦେଖିଲେ ସତରେ କାହାର
ନଉଠିବ ଫୁଲି ହିଆ ?

*କପିଳ ପ୍ରସାଦ, ଭୁବନେଶ୍ୱର-୨*
*ମୋ-୯୯୩୭୦୯୨୩୯୭*

# ଭାରତ ମାଆର ସନ୍ତାନ ଆମେ

### *ଅନନ୍ତ କୁମାର ସେନାପତି*



ଭାରତ ମାଆର ସନ୍ତାନ ଆମେ
ଜନମ ଭାରତ ଭୂଇଁ
ତାହା ପାଇଁ ସଦା କାମ କରିଯିବା
ଅହିଂସା ପଥରେ ଯାଇ ।

ଆମରି ହାତରେ ମୁକତି ପତାକା
କାହାରିକୁ ନାହିଁ ଭୟ
ଜଳ ସ୍ଥଳ ଅବା ଆକାଶ ପଥରେ
ସବୁଠି କରିବୁ ଜୟ ।

ବିତରିବୁ ଦିନେ ନୂତନ ଆଲୋକ
ସତ୍ୟ ପଥରେ ଚଳି
ବିଜ୍ଞାନ ସାହିତ୍ୟ କଳାର ଗୁଣକୁ
କିଏ ବା ପାରିବ ବଳି ।

ଫୁଲ ପରି ଫୁଟି ବାସ ମହକିବୁ
ଆସୁ ଯେତେ ଦାଉ ଝଡ଼
ସେଇ ମୋ ଜୀବନ ସକଳ ପରାଣ
ତା'ଠାରୁ ନୁହେଁ କେ ବଡ଼



ଆସିଛି ହରଷେ ଅଗଷ୍ଟ ପନ୍ଦର
ଜାତୀୟ ଧ୍ୱଜା ଉଡାଇ
ସରଗର ଖୁସି ଆଣି ଭରିଦେବା
ନୂଆ ଭାରତ ଗଢ଼ାଇ ।

*ବାଣ୍ଟୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼*
*ମୋ-୭୦୦୮୩୦୪୨୨୫*

# ଘରେ ଘରେ ତ୍ରିରଙ୍ଗା

### *ସୁରମା ମିଶ୍ର*



ଆସୁଛିରେ ଭାଇ ଅଗଷ୍ଟ ପନ୍ଦର
ଆମ ସ୍ୱାଧୀନତା ଦିବସ
ଉଡ଼ିବରେ ଆମ ଜାତୀୟ ପତାକା
ମନ ହେଉଛି ଉଲ୍ଲାସ ॥

କେତେ ଦେଶପ୍ରେମୀ ଦେଇ ଆତ୍ମବଳି
ଆଣିଲେରେ ସ୍ୱାଧୀନତା
ତାଙ୍କରି ପାଇଁକି ଶୃଙ୍ଖଳ ମୁକ୍ତ
ହୋଇଲା ଭାରତ ମାତା ॥

ପ୍ରତି ଘରେ ଘରେ ଉଡ଼ଇ ତ୍ରିରଙ୍ଗା
ଫର ଫର ଫର ହୋଇ
ଶାନ୍ତି ମୈତ୍ରୀ ଆଉ ପ୍ରଗତିର ବାଣୀ
କାନେ କାନେ ଦିଏ କହି ॥

ଦେଶ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ
ସାହସ ଓ ବଳିଦାନ
ଜଣାଇବା ପାଇଁ ସମ୍ମାନ ତାଙ୍କୁରେ
ଆମର ଏ ଅଭିଯାନ ॥

ତ୍ରିରଙ୍ଗା ଦେଇଛି ମାନ ଓ ସମ୍ମାନ
ଆମ ଗଉରବ ସିଏ
ମନରେ ଆମର ଶକ୍ତି ଓ ସାହସ
ସଦା ସିଏ ଭରି ଦିଏ ॥

ଦେଶରେ ଆମର ପାଳନ ହେଉଛି
ଘରେ ଘରେ ତ୍ରିରଙ୍ଗା
ଶାନ୍ତିର ସହିତ ପାଳିବା ଆମେରେ
କରିବାନି କେବେ ଦଙ୍ଗା ॥

*ବିଏଲ୍-୩୯, ଭିଏସ୍ଏସ୍ ନଗର,*
*ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ରଖିବା ତ୍ରିରଙ୍ଗା ଟେକ

### *ରାମଚନ୍ଦ୍ର ବେହେରା*



ବିଦେଶୀ ଶାସନ କରିବାକୁ ଅନ୍ତ
ଶହୀଦ ହୋଇଲେ ଦେଶ ବୀରପୁତ୍ର
ତାଙ୍କରି ପ୍ରୟାସ ପାଇଁ
ସ୍ୱାଧୀନ ହୋଇଲା ଆମ ମାତୃଭୂମି
ଇତିହାସ ରଚିଦେଇ ।
ଗାନ୍ଧି ଗୋପବନ୍ଧୁ ପଣ୍ଡିତ ନେହେରୁ
ବକ୍ସି ଜଗବନ୍ଧୁ ଜୟୀ ରାଜଗୁରୁ
ଭୋଗିଥିଲେ କାରାବାସ
ତାଙ୍କ ପାଇଁ ଆଜି ଅଗ୍ରଣୀ ଦେଶରେ
ଆମରି ଭାରତ ବର୍ଷ ।
ଦେଶର ଗୌରବ ତ୍ରିରଙ୍ଗା ଆମର
ବିଶ୍ୱ ଦରବାରେ ଉଡେ ଫର ଫର
ଦିଅଇ ଶାନ୍ତି ବାରତା
ଆସ ମିଳି ମିଶି ତା'ର ପାଦ ତଳେ
ଗାଇବା ବିଜୟ ଗାଥା ।
ଅଗଷ୍ଟ ପନ୍ଦର ଶୁଭ ପ୍ରଭାତରେ
ଗାଇବା ଜାତୀୟ ସଂଗୀତ ଶ୍ରଦ୍ଧାରେ
ଭେଦଭାବକୁ ଦୂରେଇ
ଏକତା ମନ୍ତ୍ରରେ ବାନ୍ଧିହୋଇ ଆମେ
ଦେଶକୁ ନେବା ଆଗେଇ ।
ନରଖିବା ମନେ ହିଂସା ଓ କପଟ
ଭାଇଚାରା ଭାବ କରିବା ପ୍ରକଟ
ଭୁଲିଯିବା ସାରା ଦୁଃଖ
ଦେଶ ହିତ ପାଇଁ କାମ କରି ଆମେ
ରଖିବା ତ୍ରିରଙ୍ଗା ଟେକ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ଉଡ଼ଇ ତ୍ରିରଙ୍ଗା ଶୁଭଇ ଗୀତ

### *ପ୍ରଫୁଲ୍ଲ କୁମାର ସାହୁ*



ପଲ୍ଲୀ ଠାରୁ ଦିଲ୍ଲୀ ଉତ୍ସବ ମୁଖର
ଘରେ ଘରେ ଦେଖ ଉଡ଼େ ତ୍ରିରଙ୍ଗା,
ଜନ ଗଣ ଗୀତ ଶୁଭୁଛି ସବୁଠି
ବହେ ସ୍ୱାଧୀନତା ପବିତ୍ର ଗଙ୍ଗା ।୧।

ଅଶୀ ବରଷର ଦେଶ ସ୍ୱାଧୀନତା
ସଭିଏଁ ପାଳୁଛେ ଦେଖରେ ଆଜି,
ପରାଧୀନତାର ବନ୍ଧନ ହଟିଛି
ଯନ୍ତଣାର ସ୍ୱର ଯାଇଛି ହଜି ।୨।

ଆମେ ଚଳାଇଛେ ଆମରି ଶାସନ
ଗଣତନ୍ତ୍ର ଡୋରି ହାତରେ ଧରି,
ଆମେ ବାଛୁ ଅଛେ ଆମ ପ୍ରତିନିଧି
ପାଞ୍ଚ ବର୍ଷେ ଥରେ ମୋହର ମାରି ।୩।

ନିଜ ଅଧିକାର କରୁଛେ ସାବ୍ୟସ୍ତ
ନିଜ ହକ୍ ମାଗୁ ବଞ୍ଚିବା ପାଇଁ,
ଜାତୀୟ କର୍ତ୍ତବ୍ୟ କରୁ ସମ୍ପାଦନ
ଭାରତ ମାତାର ଗୀତିକା ଗାଇ ।୪।

ଆମେରେ ସ୍ୱାଧୀନ ନୋହୁଁ ପରାଧୀନ
ସମୟ ଯାଇଛି ଦେଖ ବଦଳି,
ଆମ ପ୍ରତିନିଧି ଶାସନ କରନ୍ତି
ଦୁଃଖର ସମୟ ଯାଇଛି ଚାଲି ।୫।

ଶାନ୍ତି ମୈତ୍ରୀ ପ୍ରୀତି ବାଣୀର ପ୍ରଚାର
ସଭିଏଁ ଆମେରେ କରିବା ମିଶି,
ଏକତା ବଳରେ ଆମେ ଆଗେଇଲେ
ଦେଶବାସୀ ଦେଖି ହୋଇବେ ଖୁସି ।୬।

*ରାଜ୍ୟ ପୁରସ୍କୃତ ପ୍ରାକ୍ତନ ପ୍ରଧାନ ଶିକ୍ଷକ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ -୭୬୦୯୦୪୪୩୮୩*



# ତ୍ରିରଙ୍ଗା ଉଡୁଛି ଫରଫର

### *ନିରଞ୍ଜନ ସାହୁ*

ତ୍ରିରଙ୍ଗା ଉଡୁଛି ଫରଫର
ପବନ ବହୁଛି ସରସର
ଗାଆଁ ଓ ନଗର ଭ୍ରମଣ କରିବା
ହାତରେ ପତାକା ଧରଧର ।

ଦେଶପ୍ରେମ ଗୀତ ଗାଇଗାଇ
ବୁଲିଯିବା ଆମେ ସାଇସାଇ
ଦେଶପ୍ରେମ ମନ୍ତ୍ରେ ଉଦ୍‌ବୁଦ୍ଧ କରିବା
ଲୋକଙ୍କ ପାଖକୁ ଯାଇଯାଇ ।

ବାଟରେ ଟିକିଏ ରହିରହି
ଅତୀତର ଗାଥା କହିକହି
ଆନ୍ଦୋଳନକାରୀ କିପରି ଲଢ଼ିଲେ
ବେତ, ଗୁଳିମାଡ଼ ସହିସହି ।

ବନ୍ଦୀ ହୋଇଥିଲେ ଜଣଜଣ
କଳାପାଣି ଗଲେ ପଣପଣ
ହିସାବ ତାହାର କରିପାରିବନି
ଗଣିବ କି ଯଦି ଗଣଗଣ ।

ଇଂରେଜ କହିଲା ମାରମାର
ଗୁଳି ମାଡ଼େ ରକ୍ତ ଧାରଧାର
ସଂଗ୍ରାମୀ ଗୁଳିକି ଭୟ କଲେନାହିଁ
ସଂଗ୍ରାମ କରିଲେ ବାରବାର ।

ଶାସନ ବ୍ୟବସ୍ଥା କଟକଟ
ସଂଗ୍ରାମୀ କହିଲେ, 'ହଟହଟ
ଆମରି ଶାସନ ଆମ ହାତେ ଦିଅ
କାହିଁକି ଚାହୁଁଛ ମଟମଟ ?'

ସବୁ କଥା ଚିନ୍ତା କରିକରି
ପେଡ଼ିପୁଟୁଳାକୁ ଧରିଧରି
ଶେଷରେ ଇଂରେଜ ବିଦାୟ ଘେନିଲେ
ମନରେ ଦୁଃଖକୁ ଭରିଭରି ।

ସେଦିନର ଗାଥା ଶୁଣିଶୁଣି
ଦେଶପ୍ରେମ ଭାବ ବୁଣିବୁଣି
ପଦଯାତ୍ରା ଆମ ଆଗକୁ ବଢ଼ିବ
ସ୍ୱାଧୀନତା ସ୍ମୃତି ଗୁଣିଗୁଣି ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଜୟ ଜୟକାର ଧ୍ୱନିରେ

### *ନଗେନ୍ଦ୍ର ନାଥ ପଟ୍ଟନାୟକ*

ଫର୍ ଫର୍ ଉଡେ ତ୍ରିରଙ୍ଗା ପତାକା
ମୁକୁଳା ଆକାଶ ବୁକୁରେ
ଭାରତ ମାତାର ମହିମା, ଗରିମା
କେତେ ଗାଥା କଥା କହେରେ ।।
ଦେଶର କେତନ ତ୍ରିରଙ୍ଗେ ରଙ୍ଗୀନ
ନାରଙ୍ଗୀ ସବୁଜ ଧବଳ
ସତ୍ୟ ପ୍ରଗତି ଅହିଂସାର ଛାପ
ରହିଅଛି ତହିଁ ଜବର ।।
ଶାନ୍ତି ଭାଇଚାରା ବାରତା ଦିଅଇ
ଝରାଏ ପୁଲକ ପୀୟୂଷ
ବଇରୀକୁ ଦିଏ ଉଚିତ୍ ଜବାବ
ଭରି ମନେ ଆମ ସାହସ ।।
ଭାରତ ମାତାର କେତେ ବୀରସୁତ
ସହିଦ ତ୍ରିରଙ୍ଗା ପାଇଁକି
ଡରି ନଥିଲେ ଯେ କାପୁରୁଷ ପରି
ଫିରିଙ୍ଗଙ୍କ ନାଲି ଆଖିକି ।।
ଦବି ନଥିଲେ ଯେ ଗୋରାଙ୍କ ଧମକେ
କରିଥିଲେ କାରାବରଣ
ଭାରତ ମାତାର ଶ୍ରୀବୃଦ୍ଧି ସାଧନେ
ନିଜକୁ କରିଲେ ତ୍ୟଜନ ।।
ତ୍ରିରଙ୍ଗା ଉଡିବ ଭାରତ ମାତାର
ଜୟ ଜୟକାର ଧ୍ୱନିରେ
ଦେଶଭକ୍ତି ଆଉ ସଂପ୍ରୀତି ଫଲଗୁ
ବହିଯାଉ ସାରା ବିଶ୍ୱରେ ।।
ଭାରତ ବୁକୁରେ ଉଡନ୍ତା ତିରଙ୍ଗା
ଦିଶୁଥାଏ ଭାରି ବଢିଆ
ଦେଶବାସୀ ମନେ ମନ୍ତ୍ର ବୁଣିଦିଏ
ନହେବାକୁ କାହା ତଳିଆ ।।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,*
*ଓଡ଼ିଶା ସରକାର, ଓସ୍କାର ସିଟି,*
*ଲକ୍ଷ୍ମୀସାଗର କେନାଲ ରୋଡ*
*ମୋ- ୯୪୩୮୩୩୨୧୩୮*

# ସ୍ୱାଧୀନତା ଗୀତି

### *ପ୍ରଶାନ୍ତ କୁମାର ଦାଶ*



ମେଳି ବାନ୍ଧି ଗାଇଯିବା
ଦେଶ ମାଆ ଗୀତ
ସ୍ୱାଧୀନତା ଦିବସରେ
ଆସ ସାଥୀ ମିତ ।।

ଆମ ଦେଶ ଆମ ହାତେ
ଗଢ଼ିଦେବା ଆମେ
ଦେଶତ ସରଗପୁରୀ
ଏଇ ଧରା ଧାମେ ।।

ଦିନେ ଥିଲା ପରାଧୀନ
ଏଇ ଆମ ଦେଶ
ଲଢ଼େଇରେ ଫିରିଙ୍ଗିର
ଶାସନଟି ଶେଷ ।।

ବାପୁଜୀଙ୍କ ଡାକରାରେ
ହେଲେ ସବୁ ମେଳି
ଲଢ଼େଇ ବାରତା ଗଲା
ଦେଶସାରା ଖେଳି ।।

କାରାଗାରେ ରହି ପୁଣି
ଲାଠିମାଡ ଖାଇ
ଦେଶର ମୁକତି ଗୀତ
ଖୁସୀ ମନେ ଗାଇ ।।

ଫେରାଇ ଆଣିଲେ ଦେଶେ
ସ୍ୱାଧୀନତା ଦିନେ
ଭାଙ୍ଗିଲା ବଢେଇ ତାଙ୍କ
ଥିଲା ଯାହା ମନେ ।।

ଫେରିଗଲେ ନିଜ ଦେଶ
ହାରିଯାଇ ଅରି
ଇଂରେଜ ଶାସନ ଗଲା
ଆମ ଦେଶୁ ସରି ।।

ଜାତୀୟ ପତାକା ତଳେ
ହେଇ ଆମେ ରୁଣ୍ଡ
ଦେଶର ଗଉରବ ପାଇଁ
ନୁଆଁଇବା ମୁଣ୍ଡ ।।

*କୁଞ୍ଜର-ସଙ୍ଗଲାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ଆସୁଛି ଅଗଷ୍ଟ ପନ୍ଦର

### *ନୀଳମଣି ଚାନ୍ଦ*

ଅଗଷ୍ଟ ପନ୍ଦର ସ୍ମରଣୀୟ ଦିନ
ପ୍ରତି ଭାରତୀୟ ପାଇଁ
ସ୍ୱାଧୀନତା ଦିବସ ଭାବେ ସେ ଜଣା
ଏ କଥା ଭୁଲିବା ନାହିଁ ।

ଉଡେଇ ଦେବାରେ ତ୍ରିରଙ୍ଗ ପତାକା
ଜନ -ଗଣ -ମନ ଗାଇ
ବନ୍ଦେ ମାତରଂ ସ୍ଲୋଗାନଟି ଦେବା
ପ୍ରଭାତ ଫେରିରେ ଯାଇ ।

ବିଗୁଲ୍, ଡ୍ରମ୍ ବଜେଇ ଦେବାରେ
ପ୍ୟାରେଡ୍ ପଡ଼ିଆଟିରେ
ସହିଦଙ୍କ ନାମ ସ୍ମରଣ କରିବା
ଏଇ ପୁଣ୍ୟ ତିଥିଟିରେ ।

ଆମରି ଶାସନ ଆମ ହାତେ ଦେଇ
ଇଂରେଜ ଗଲେରେ ଚାଲି
ଚାହୁଁ ଚାହୁଁ ଗଲା ଅଣାଅଶୀ ବର୍ଷ
ଏହାରି ଭିତରେ ଚାଲି ।

ଆସ କୁନାକୁନି ଏ ଶୁଭଦିନରେ
ଆମେରେ ଶପଥ ନେବା
ଗାନ୍ଧୀଙ୍କ ସ୍ୱପ୍ନର ରାମରାଇଜଟି
ଆମେ ମିଶି ଗଢ଼ି ଦେବା ।

ସବୁଠୁଁ ଶୀର୍ଷରେ ରହିବ ସିନାରେ
ଆମରି ଦେଶର ସ୍ଥାନ
ବିଶ୍ୱ କରିବ ଆମ ଭାରତର
ଜୟ ଜୟ ଜୟ ଗାନ ।

*ମନ୍ତ୍ର ମାନୋର, ଗୋଠପାଟଣା*
*ମୋ-୯୫୮୩୨୦୨୩୫୭*

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୩ ଅଗଷ୍ଟ ୨୦୨୬ ଗୁରୁବାର





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଣ୍ଟାସିଡ୍ ସାଜିଛି କିଡ୍‌ନୀ...

ମଙ୍ଗଳବାର ଦିନ ଭାରତର ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲଙ୍କ ଦ୍ୱାରା ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି, ଯାହା ଦ୍ୱାରା ସମସ୍ତ ରାଜ୍ୟ ନିୟାମକ କର୍ତ୍ତୃପକ୍ଷ ଆଣ୍ଟାସିଡ୍ ବଜାରର ଏକ ବଡ଼ ଅଂଶ ପ୍ରୋଟନ୍ ପମ୍ପ ଇନହିବିଟର (ପିପିଏଲଏସ୍)ର ନିର୍ମାତାମାନଙ୍କୁ 'କିଡ୍‌ନୀ ଡ୍ୟାମେଜ୍'କୁ ଏକ ପ୍ରତିକୂଳ ଡ୍ରଗ୍ ପ୍ରତିକ୍ରିୟା (ଏଡିଆର) ଭାବରେ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଫର୍ମୁଲେସନଗୁଡ଼ିକର ପ୍ୟାକେଜିଂରେ ପାଣ୍ଟୋପ୍ରାଜୋଲ୍, ଓମେପ୍ରାଜୋଲ୍, ଲାନ୍‌ସୋପ୍ରାଜୋଲ୍, ଏସୋମେପ୍ରାଜୋଲ୍ ଏବଂ ସେମାନଙ୍କର ମିଶ୍ରଣ ସମେତ ଚେତାବନୀ ଦିଆଯିବ। ଔଷଧ ପ୍ୟାକେଜ୍ ଉପରେ, କିମ୍ବା ପ୍ରେସକ୍ରିପ୍ସନରେ ମୁଖ୍ୟତଃ ରୋଗୀଙ୍କର ନିରାପଦ ଏବଂ ପ୍ରଭାବଶାଳୀ ବ୍ୟବହାର ପାଇଁ ସୂଚନା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ରହିବା ଜରୁରୀ। ଏହି ଔଷଧଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ୫ଟି ବ୍ରାଣ୍ଡ ହେଉଛି ପ୍ୟାନ୍-ଡି, ପାନ, ପାଣ୍ଟପ୍-ଡି, ପାଣ୍ଟୋସିଡ୍-ଡି, ପାଣ୍ଟୋସିଡ୍। ସରକାରୀ ସୂତ୍ର ଅନୁଯାୟୀ, ଗତ କିଛି ମାସ ଧରି ଜାତୀୟ ଫାର୍ମାକୋଭିଜିଲାନ୍ସ କାର୍ଯ୍ୟକ୍ରମ ପାଇଁ ସମନ୍ୱୟ କେନ୍ଦ୍ର ସମେତ ଅନେକ ବିଶେଷଜ୍ଞଙ୍କ ଦ୍ୱାରା ଏହି ପ୍ରସଙ୍ଗ ଉପରେ ଆଲୋଚନା ଏବଂ କେସ୍ ଷ୍ଟଡି ମୂଲ୍ୟାଙ୍କନ କରାଯାଇଥିଲା। 'ଗ୍ୟାସ୍' ଏବଂ 'ହାର୍ଟବର୍ଣ୍ଣ' ପାଇଁ ବ୍ୟବହୃତ ଆଣ୍ଟି-ଏସିଡିଟି ବଟିକା ଉପରେ ସାମ୍ପ୍ରତିକ ବିଶ୍ୱ ଅଧ୍ୟୟନ ସୂଚିତ କରିଛି ଯେ ଦୀର୍ଘକାଳୀନ ବ୍ୟବହାର ଯୋଗୁଁ ଅନେକ ଗୁରୁତର ପ୍ରତିକୂଳ ଘଟଣା ହୋଇପାରେ ଯେପରିକି ଦୀର୍ଘକାଳୀନ ବୃକକ୍ କ୍ଷତି, ତୀବ୍ର ବୃକକ୍ ରୋଗ ଏବଂ କ୍ରନିକ ବୃକକ୍ ରୋଗ, ଏବଂ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ଏପରିକି ଗ୍ୟାଷ୍ଟ୍ରିକ୍ କର୍କଟ: ଯେହେତୁ ଏହି ରିପୋର୍ଟଗୁଡ଼ିକ ମୁଖ୍ୟତଃ ନେଫ୍ରୋଲୋଜି ଜର୍ଣ୍ଣାଲ୍ ମଧ୍ୟରେ ସୀମିତ, ଅନେକ ଡାକ୍ତର ଏହି ପ୍ରତିକୂଳ ପ୍ରଭାବ ବିଷୟରେ ସଚେତନ ନ ଥାଇପାରନ୍ତି ବୋଲି ବିଶେଷଜ୍ଞମାନେ ସୂଚିତ କରିଛନ୍ତି। ୪,୫୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଔଷଧର ଶୀର୍ଷ ୧୦ଟି ନିର୍ଦ୍ଧାରିତ ଶ୍ରେଣୀ ମଧ୍ୟରେ ପିପିଆଇ ଅନ୍ତର୍ଭୁକ୍ତ ଏବଂ ଏହା ସାଧାରଣତଃ ଏସିଡ୍ ରିଫ୍ଲକ୍ସ ଏବଂ ଇନ୍‌ଡାଇଜେସନ୍ ଚିକିତ୍ସା ପାଇଁ ବ୍ୟବହୃତ ହୁଏ, କିନ୍ତୁ ଏହା ନିୟମିତ ଭାବରେ ଅର୍ଥୋପେଡିକ୍ସ, ହୃଦ୍‌ରୋଗ, ଆଭ୍ୟନ୍ତରୀଣ ଔଷଧ ଏବଂ ଶଲ୍ୟଚିକିତ୍ସାରେ ମଧ୍ୟ ନିୟୋଜିତ ହୋଇଥାଏ। ପ୍ରାୟ ୨୦ ବର୍ଷ ପୂର୍ବେ ଯେତେବେଳେ ଏସିଡିଟି ମୁକାବିଲା ପାଇଁ ପିପିଆଇଏସ୍ ପ୍ରଥମେ ଆସିଥିଲା, ସେତେବେଳେ ଏହି ଔଷଧଗୁଡ଼ିକ ବିଷୟରେ ଧାରଣା ଥିଲା ଯେ ଏହା ବହୁତ ନିରାପଦ। ପୂର୍ବରୁ, ବିଏମ୍‌ସି ନେଫ୍ରୋଲୋଜିରେ ବିଶ୍ୱସ୍ତରୀୟ ଗବେଷଣା ପ୍ରକାଶ କରିଥିବା ଆମେରିକାର ନେଫ୍ରୋଲୋଜିଷ୍ଟ ଡକ୍ଟର ପ୍ରଦୀପ ଆରୋରା ଟିଓଆଇକୁ କହିଥିଲେ- 'ଯଦି ସମ୍ଭବ ହୁଏ ତେବେ ୮ ସପ୍ତାହରୁ କମ୍ ସମୟ ବ୍ୟବହାର ପାଇଁ ଅନୁମୋଦିତ ସୂଚକରେ ପିପିଆଇଗୁଡ଼ିକ ସ୍ୱଷ୍ଟ ଭାବରେ ଲିଖିତ ହେବା ଉଚିତ। ଏହା ପରେ, ଯଦି ଜଣେ ରୋଗୀ ଏପର୍ଯ୍ୟନ୍ତ ପିପିଆଇ ନେଉଛନ୍ତି, ତେବେ ତାଙ୍କର ବୃକକ୍‌ର କାର୍ଯ୍ୟକାରୀତା ଏବଂ ମ୍ୟାଗ୍ନେସିୟମ ସ୍ତର ଉପରେ ନିୟମିତ ନଜର ରଖିବା ଆବଶ୍ୟକ'।

## ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ...

ବୋର୍ଡର ୱେବସାଇଟ୍ www.bseodisha.ac.in ଏବଂ www.bseodisha.nic.inରେ ନିଜ ରେଜଲ୍ଟ ଦେଖିପାରିବେ। ସଫଳ ପରୀକ୍ଷାର୍ଥୀମାନେ ଅଗଷ୍ଟ ୧୭ରୁ ବୋର୍ଡର ୱେବସାଇଟ୍ bse.odisha.gov.inରେ ନିଜର ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ। ଏହି ସପ୍ଲିମେଣ୍ଟାରୀ ପରୀକ୍ଷା ଗତ ଜୁଲାଇ ୨ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା।

## ଯୁବତୀଙ୍କୁ ଗଣଦୁଷ୍କର୍ମ ...

ଅନୁସାରେ, କାର୍‌ର ଡୋର୍ ନଖୋଲିବାରୁ ଅଭିଯୁକ୍ତମାନେ ଚୁମୁଟାରେ କାର୍‌ର କାଚ ଭାଙ୍ଗି ଯୁବତୀଙ୍କୁ ବାହାରକୁ ଟାଣି ନେଇଥିଲେ। ପରେ ରାସ୍ତାପାର୍ଶ୍ୱରେ ଥିବା ଏକ ଭଙ୍ଗା ଘରକୁ ନେଇ ତାଙ୍କୁ ଗଣଦୁଷ୍କର୍ମ କରିଥିବା ପୁଲିସ କହିଛି। ଏହି ସମୟରେ ତାଙ୍କ ପୁରୁଷ ବନ୍ଧୁଙ୍କୁ ମଧ୍ୟ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ନିଶ୍ଚିନ୍ତକୋଇଲି ଥାନାରେ ମାମଲା ରୁଜୁ ହୋଇଛି। ଏଯାବତ୍ ୨ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଜଣେ ଡିଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା କଟକ ଗ୍ରାମାଞ୍ଚଳ ଏସ୍‌ପି ସୂଚନା ଦେଇଛନ୍ତି। ଘଟଣାରେ ପୁଲିସର ତଦନ୍ତ ଜାରି ରହିଛି।

## ବ୍ଲକ୍ ସ୍ତର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଡିଜିଟାଲ...

ସକ୍ରିୟ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ଓସ୍ୱାସ୍ ବ୍ୟବସ୍ଥାକୁ ବ୍ଲକ୍ ଓ ତହସିଲ୍‌ସ୍ତରୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏହା ଫଳରେ ରାଜ୍ୟରେ ସମ୍ପୂର୍ଣ୍ଣ ଡିଜିଟାଲ୍ ଫାଇଲ୍ ପ୍ରକ୍ରିୟାକରଣ ଏବଂ କାଗଜବିହୀନ କାର୍ଯ୍ୟାଳୟ ବ୍ୟବସ୍ଥା ପ୍ରତିଷ୍ଠା ଲକ୍ଷ୍ୟ ଅଧିକ ଗତିଶୀଳ ହୋଇଛି ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ। ୨୦୨୫-୨୬ ବର୍ଷରେ ଓସ୍ୱାସ୍ ୨.୦ର କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିଲା। ବ୍ଲକ୍ ସ୍ତରୀୟ କାର୍ଯ୍ୟାଳୟଗୁଡ଼ିକୁ ଏହାର ପରିସରଭୁକ୍ତ କରାଯିବା ସହ ଏକ ବର୍ଷ ମଧ୍ୟରେ ସଂଯୁକ୍ତ କାର୍ଯ୍ୟାଳୟ ସଂଖ୍ୟାରେ ୬୩୮ ପ୍ରତିଶତ ଏବଂ ବ୍ୟବହାରକାରୀଙ୍କ ସଂଖ୍ୟାରେ ୨୪୭ ପ୍ରତିଶତ ବୃଦ୍ଧି ହୋଇଥିଲା।ନୂଆ ବ୍ୟବସ୍ଥାର ଲକ୍ଷ୍ୟ ହେଉଛି ଶାସନ ସେବା ପ୍ରଦାନରେ ବିସ୍ତାରକ୍ଷମତା, ସୁରକ୍ଷା, ପରସ୍ପର କାର୍ଯ୍ୟକ୍ଷମତା ଏବଂ ସାମଗ୍ରିକ ପ୍ରଭାବଶୀଳତା ବୃଦ୍ଧି କରିବା। ଓସ୍ୱାସ୍ ୩.୦ ପାଇଁ ନୂତନ ସିଷ୍ଟମ୍ ଡେଭଲପର ଚୟନ ନିମନ୍ତେ ଇ-ନିବିଦା ପୋର୍ଟାଲ୍ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ଟିସିଏସ୍ ଏକମାତ୍ର ବିଡ୍ ଦାଖଲ କରିଥିଲା। ନିର୍ଦ୍ଦେଶାବଳୀ ଅନୁଯାୟୀ ବିଡ୍‌ର ମୂଲ୍ୟାୟନ ଏବଂ ଚୁକ୍ତି ପୂର୍ବ ଆଲୋଚନା ପରେ ଟିସିଏସ୍ ୧୨୨ କୋଟି ୬୦ ଲକ୍ଷ ୨୫ ହଜାର ୪୩୬ ଟଙ୍କା (ଜିଏସ୍‌ଟି ବାଦ) ବ୍ୟୟରେ ଓସ୍ୱାସ୍ ୩.୦ର କାର୍ଯ୍ୟାନ୍ୱୟନ ସହିତ ୫ ବର୍ଷ ପାଇଁ ସହାୟତା ଯୋଗାଇବାକୁ ସମ୍ମତି ଦେଇଥିଲା। ଅନୁରୂପ ଭାବେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁସାରେ ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପକୁ ଆହୁରି ସୁଦୃଢ଼ କରିବା ଏବଂ ଅଧିକ ପୁଞ୍ଜିନିବେଶ ଆକର୍ଷଣ ଲକ୍ଷ୍ୟରେ ଓଡ଼ିଶା ସରକାର ସେମିକଣ୍ଡକ୍ଟର ମାନୁଫାକଚରିଂ ଓ ଫାବ୍‌ଲେସ୍ ନୀତିର ତୃତୀୟ ସଂଶୋଧନକୁ ଅନୁମୋଦନ କରିଛନ୍ତି। ସେପ୍ଟେମ୍ବର ୨୦୨୩ରେ ପ୍ରଥମେ ପ୍ରଣୟନ ହୋଇଥିବା ଏହି ନୀତିରେ ପରବର୍ତ୍ତୀ ସମୟରେ ମାର୍ଚ୍ଚ ୨୦୨୪ ଏବଂ ଜୁଲାଇ ୨୦୨୫ରେ ସଂଶୋଧନ କରାଯାଇଥିଲା। ନୀତି ମାଧ୍ୟମରେ କମ୍ପାଉଣ୍ଡ ସେମିକଣ୍ଡକ୍ଟର, ଏଟିଏମ୍‌ପି/ଓଏସ୍‌ଏଟି ଭଳି ରଣନୈତିକ କ୍ଷେତ୍ରରେ ପୁଞ୍ଜିନିବେଶ ଆକର୍ଷଣରେ ଉଲ୍ଲେଖନୀୟ ସଫଳତା ମିଳିଛି। ଏପର୍ଯ୍ୟନ୍ତ ୫ଟି କମ୍ପାନୀର ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ମିଳିଥିବାବେଳେ ସେଥିରୁ ୨ଟି ପ୍ରକଳ୍ପ ଭାରତ ସେମିକଣ୍ଡକ୍ଟର ମିଶନ୍ ଅଧୀନରେ କେନ୍ଦ୍ରୀୟ ସହାୟତା ପାଇଛି। ଶିଳ୍ପ ଏବଂ ବିଭିନ୍ନ ସମ୍ପୃକ୍ତ ପକ୍ଷଙ୍କ ମତାମତ ସହ ଜାତୀୟ ନୀତିଗତ ପ୍ରାଥମିକତାରେ ହେଉଥିବା ପରିବର୍ତ୍ତନକୁ ବିଚାରକରି ନୂଆ ସଂଶୋଧନ କରାଯାଇଛି। ଏହା ଅଧୀନରେ ସେମିକଣ୍ଡକ୍ଟର ଉପକରଣ ନିର୍ମାଣ, ଗବେଷଣା ଓ ବିକାଶ, ସେମିକଣ୍ଡକ୍ଟର-ଗ୍ରେଡ୍ ରାସାୟନିକ ପଦାର୍ଥ, ବିଶେଷ ଗ୍ୟାସ୍, ଉନ୍ନତ ସାମଗ୍ରୀ ଏବଂ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳର ବିଭିନ୍ନ ଉପାଦାନକୁ ପ୍ରୋତ୍ସାହନ ଦେବା ପାଇଁ ନୂଆ ବ୍ୟବସ୍ଥା କରାଯାଇଛି। ଭାରତ ସେମିକଣ୍ଡକ୍ଟର ମିଶନ୍ ଦ୍ୱାରା ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ଓଡ଼ିଶା ସରକାର ଯୋଗ୍ୟ ପୁଞ୍ଜି ଖର୍ଚ୍ଚର ୨୫ ପ୍ରତିଶତ ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରିବେ। ଏହି ସହାୟତା କେନ୍ଦ୍ର ସରକାରଙ୍କ ସହାୟତା ସହ ସମାନୁପାତିକ ଭିତ୍ତିରେ ପ୍ରଦାନ କରାଯିବ। ପ୍ରକଳ୍ପର ନିର୍ଦ୍ଧାରିତ ମାଇଲ୍‌ଷ୍ଟୋନ୍ ଏବଂ ଭାରତ ସେମିକଣ୍ଡକ୍ଟର ମିଶନ୍ ଦ୍ୱାରା ଅନୁମୋଦିତ ସହାୟତା ଅନୁଯାୟୀ ଏହି ପ୍ରୋତ୍ସାହନ ଦିଆଯିବ। ଏଥିସହ ସେମିକଣ୍ଡକ୍ଟର ଉପକରଣ, ଇନ୍‌ପୁଟ୍ ଯୋଗାଣ ଶୃଙ୍ଖଳ ଏବଂ କଞ୍ଚାମାଲ କ୍ଷେତ୍ରରେ ବୃହତ୍ ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ୍ ପ୍ରଦାନର ବ୍ୟବସ୍ଥା ରହିଛି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିସ ଆଧାରରେ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ ପରେ ଏହି ପ୍ୟାକେଜ୍ ପ୍ରଦାନ କରାଯିବ। ରାଜ୍ୟରେ ଅକ୍ଷୟ ଶକ୍ତିର ବିକାଶକୁ ତ୍ୱରାନ୍ୱିତ କରିବା, ନିବେଶକଙ୍କ ବିଶ୍ୱାସ ବୃଦ୍ଧି କରିବା ଏବଂ ଉପଭୋକ୍ତାଙ୍କୁ ସୁଲଭ ମୂଲ୍ୟରେ ସବୁଜ ଶକ୍ତି ଉପଲବ୍ଧ କରାଇବା ଲକ୍ଷ୍ୟରେ ଓଡ଼ିଶା ସରକାର ଅକ୍ଷୟ ଶକ୍ତି ନୀତି-୨୦୨୨ରେ ସଂଶୋଧନ କରିଛନ୍ତି। ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ନୀତି ଅବଧି ମଧ୍ୟରେ ରାଜ୍ୟରେ ସ୍ଥାପିତ ଅକ୍ଷୟ ଶକ୍ତି ପ୍ରକଳ୍ପରୁ ବ୍ୟବହୃତ ବିଦ୍ୟୁତ ଉପରେ ଯୋଗ୍ୟ ନେଟ୍ ମିଟରିଂ ଉପଭୋକ୍ତାଙ୍କୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ତାରିଖଠାରୁ ୧୦ ବର୍ଷ ପର୍ଯ୍ୟନ୍ତ ପ୍ରତି ୟୁନିଟ୍ ୫୦ ପଇସା ବିଦ୍ୟୁତ ଶୁଳ୍କ ଛାଡ଼ ସୁବିଧା ମିଳିବ। ସେହିପରି, ସ୍ୱତନ୍ତ୍ର ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ ପାଇଁ ପ୍ରତି ୟୁନିଟ୍ ୨୦ ପଇସା ରାଜ୍ୟ ସଂଚାରଣ ୟୁଟିଲିଟି ଶୁଳ୍କ ଛାଡ଼ କରାଯିବ। ପବନ ଶକ୍ତି ପ୍ରକଳ୍ପ ବଣ୍ଟନ କ୍ଷେତ୍ରରେ ମଧ୍ୟ ସଂଶୋଧନ କରାଯାଇଛି। ପ୍ରଥମେ ଆସ, ପ୍ରଥମେ ପାଅ ବ୍ୟବସ୍ଥାରେ ପବନ ଶକ୍ତି ପ୍ରକଳ୍ପ ବଣ୍ଟନ ପାଇଁ ରହିଥିବା ୫୦୦ ମେଗାୱାଟ୍‌ର ସାମଗ୍ରିକ ସୀମାକୁ ହଟାଇ ଦିଆଯାଇଛି। ଏହା ଫଳରେ ପବନ ଶକ୍ତି ପ୍ରକଳ୍ପ ପାଇଁ ଅଧିକ ସୁଯୋଗ ସୃଷ୍ଟି ହେବ। ନୀତିର କାର୍ଯ୍ୟାନ୍ୱୟନକୁ ଅଧିକ ସୁବ୍ୟବସ୍ଥିତ କରିବା ପାଇଁ କାର୍ଯ୍ୟାନ୍ୱୟନ ନିର୍ଦ୍ଦେଶାବଳୀରେ ସମନ୍ୱୟ କରାଯାଇଛି। ପୁରାତନ କ୍ଷୁଦ୍ର ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଗ୍ରୀଡ୍‌କୋକୁ ନୋଡାଲ୍ ସଂସ୍ଥା ଭାବେ ନିଯୁକ୍ତ କରାଯିବ। ଉଭୟ ଜାତୀୟ ଓ ରାଜ୍ୟ ସ୍ତରରେ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ (ପିଏସି)ର ସାମ୍ପ୍ରତିକ ବିକାଶକୁ ଦୃଷ୍ଟିରେ ରଖି ଶକ୍ତି ବିଭାଗ ପକ୍ଷରୁ ଓଡ଼ିଶା ପି.ଏସ୍.ପି ନୀତି ଏବଂ ପି.ଏସ୍.ପି ନୀତି ଉପରେ ପରିଚାଳନା ନିର୍ଦ୍ଦେଶାବଳୀରେ ସଂଶୋଧନ କରାଯାଇଛି। ଏହି ନୀତିରେ ଏକ ଦୃଢ଼ ଢାଞ୍ଚା ପ୍ରତିଷ୍ଠା କରିବାର ପରିକଳ୍ପନା କରାଯାଇଛି ଯାହା ରାଜ୍ୟରେ ପମ୍ପ ଷ୍ଟୋରେଜ୍ ପ୍ରକଳ୍ପର ବିକାଶକୁ ପ୍ରୋତ୍ସାହିତ କରିବ। କ୍ୟାବିନେଟ ଏହି ସଂଶୋଧନକୁ ମଞ୍ଜୁରୀ ଦେଇଛନ୍ତି, ଯାହା ୩୧.୦୩.୨୦୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ।୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି ଉପରୁ ପ୍ରାୟ ୧୧,୦୦୦ ମେଗାୱାଟ କ୍ଷମତା ଯୋଡ଼ିବାକୁ ରାଜ୍ୟ ଲକ୍ଷ୍ୟ ରଖିଛି। ରାଜ୍ୟର କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ହଜିଯାଇଥିବା ଜଳସେଚନ କ୍ଷେତ୍ରକୁ ପୁନରୁଦ୍ଧାର କରିବା ଲକ୍ଷ୍ୟରେ ରାଜ୍ୟ ମନ୍ତ୍ରୀପରିଷଦ 'ଜଳାଶୟ ଏବଂ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପର ଉନ୍ନତିକରଣ-ପର୍ଯ୍ୟାୟ-୩' ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ କରିଛି। ୨୦୨୬-୨୭ରୁ ୨୦୨୯-୩୦ ପର୍ଯ୍ୟନ୍ତ ଚାରି ବର୍ଷ ଧରି ଏହି ଯୋଜନା କାର୍ଯ୍ୟକାରୀ ହେବ। ଏଥିପାଇଁ ମୋଟ ୧୩୮୯ କୋଟି ଟଙ୍କା ବ୍ୟୟ କରାଯିବ। ଯୋଜନା ଅଧୀନରେ ରାଜ୍ୟର ୬୮୦ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସଂସ୍କାର, ଉନ୍ନତିକରଣ ଓ ପୁନରୁଦ୍ଧାର କରାଯିବ। ଏହି ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ମାଧ୍ୟମରେ ପ୍ରାୟ ୧୫,୭୦୦ ହେକ୍ଟର ହଜିଯାଇଥିବା ଜଳସେଚନ କ୍ଷେତ୍ର ପୁନର୍ଜୀବିତ ହେବ। ଜଳାଶୟଗୁଡ଼ିକର ଜଳଧାରଣ କ୍ଷମତାକୁ ପୁନର୍ବାର ମୂଳ ନକ୍ସା ଅନୁଯାୟୀ କ୍ଷମତାକୁ ଫେରାଇ ଆଣିବା ଏହି ଯୋଜନାର ପ୍ରମୁଖ ଲକ୍ଷ୍ୟ ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ। ରାଜ୍ୟରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ସରଳ, ସ୍ୱଚ୍ଛ ଓ କର୍ମଚାରୀ-ଅନୁକୂଳ କରିବା ଲକ୍ଷ୍ୟରେ ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୬କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ନୂତନ ନିୟମାବଳୀ ଅନୁଯାୟୀ, କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କରୁଥିବା ସରକାରୀ କର୍ମଚାରୀଙ୍କ ଯୋଗ୍ୟ ପରିବାର ସଦସ୍ୟଙ୍କୁ ଅଧିକ ସରଳ ଓ ସମୟୋପଯୋଗୀ ଢଙ୍ଗରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରାଯିବ। ନୂତନ ବ୍ୟବସ୍ଥାର ଏକ ପ୍ରମୁଖ ବିଶେଷତ୍ୱ ହେଉଛି, ପୂର୍ବରୁ ପ୍ରଚଳିତ ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତିକୁ ପ୍ରତ୍ୟାହାର କରାଯାଇଛି। ଏଥିସହ ପୁନର୍ବାସ ସହାୟତା ଯୋଜନା ଅଧୀନରେ ମୂଳ ସ୍ତରର ଚତୁର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ପାଇଁ ଥିବା ୫୦ ପ୍ରତିଶତ ସୀମାକୁ ମଧ୍ୟ ହଟାଇ ଦିଆଯାଇଛି। ନୂତନ ନିୟମରେ ପରିବାରର ଅନ୍ୟ ଯୋଗ୍ୟ ସଦସ୍ୟଙ୍କୁ ନିଯୁକ୍ତି ପାଇଁ ମନୋନୀତ କରିବାର ସୁଯୋଗ ମଧ୍ୟ ରହିଛି। ଯଦି ମୃତ କର୍ମଚାରୀଙ୍କ ପତି କିମ୍ବା ପତ୍ନୀଙ୍କ ବୟସ ୫୦ ବର୍ଷରୁ ଅଧିକ ହୋଇଥାଏ, ସେ ନିଯୁକ୍ତି ଗ୍ରହଣ କରିବାକୁ ଅନିଚ୍ଛୁକ ଥାଆନ୍ତି କିମ୍ବା ଚିକିତ୍ସା ବୋର୍ଡ ଦ୍ୱାରା ଅଯୋଗ୍ୟ ଘୋଷିତ ହୁଅନ୍ତି, ତେବେ ପରିବାରର ଅନ୍ୟ ଜଣେ ଯୋଗ୍ୟ ସଦସ୍ୟଙ୍କୁ ନିଯୁକ୍ତି ପାଇଁ ବିଚାର କରାଯାଇପାରିବ। ଏଥିସହ ୨୦୨୦ର ପୁନର୍ବାସ ସହାୟତା ନିୟମାବଳୀ ଅନୁଯାୟୀ କେବଳ ୧୦୦ ପଏଣ୍ଟ ମୂଲ୍ୟାୟନ ଆଧାରରେ ପ୍ରତ୍ୟାଖ୍ୟାନ ହୋଇଥିବା ଏବଂ ବର୍ତ୍ତମାନ ବିଚାରାଧୀନ ଥିବା ଆବେଦନଗୁଡ଼ିକର ପୁନଃବିଚାର ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ରରେ ନାମଲେଖା କରିଥିବା ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ପରିଧାନ ଓ ଆବଶ୍ୟକ ସାମଗ୍ରୀ ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ 'ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା'କୁ ଆଉ ୫ ବର୍ଷ ଜାରି ରଖିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ଯୋଜନାଟି କାର୍ଯ୍ୟକାରୀ ହେବ। ଏଥିପାଇଁ ମୋଟ ୫୮୨ କୋଟି ୫୦ ଲକ୍ଷ ୭୫ ହଜାର ୪୮୦ ଟଙ୍କାର ଯୋଜନା ବ୍ୟୟ ଅଟକଳକୁ କ୍ୟାବିନେଟ୍ ଅନୁମୋଦନ କରିଛି। ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ଅଙ୍ଗନୱାଡି କେନ୍ଦ୍ରରେ ନାମଲେଖା କରିଥିବା ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ପାଇଁ ୟୁନିଫର୍ମ, ଜୋତା, ମୋଜା ଓ ସ୍ୱେଟରର ଏକକ ମୂଲ୍ୟରେ ସଂଶୋଧନ କରାଯାଇଛି। ଏଥିସହ ଶିଶୁମାନଙ୍କୁ ଅତିରିକ୍ତ ଗୋଟିଏ ହଳ ମୋଜା ଯୋଗାଇଦେବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ସଂଶୋଧିତ ଯୋଜନା ଅନୁଯାୟୀ, ପ୍ରତ୍ୟେକ ପ୍ରାକ୍ ବିଦ୍ୟାଳୟ ବାଳକଙ୍କୁ ୧୧୭୫ ଟଙ୍କା ଏକକ ମୂଲ୍ୟରେ ଦୁଇ ହଳ ୟୁନିଫର୍ମ ଏବଂ ପ୍ରତ୍ୟେକ ବାଳିକାଙ୍କୁ ୧୨୨୫ ଟଙ୍କା ଏକକ ମୂଲ୍ୟରେ ଦୁଇ ହଳ ୟୁନିଫର୍ମ ଯୋଗାଇ ଦିଆଯିବ। ଏଥିସହ ପ୍ରତ୍ୟେକ ବାଳକ ଓ ବାଳିକାଙ୍କୁ ୧୧୮୦ ଟଙ୍କା ମୂଲ୍ୟରେ ଗୋଟିଏ ହଳ ଜୋତା ଓ ଦୁଇ ହଳ ମୋଜା ଏବଂ ୧୨୦୦ ଟଙ୍କା ମୂଲ୍ୟରେ ଗୋଟିଏ ସ୍ୱେଟର ଯୋଗାଇ ଦିଆଯିବ। ଏହି ଯୋଜନା ରାଜ୍ୟବ୍ୟାପୀ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ମାଧ୍ୟମରେ କାର୍ଯ୍ୟକାରୀ ହେବ। ଯୋଜନା ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୧୪.୭୬ ଲକ୍ଷ ୩ରୁ ୬ ବର୍ଷ ବୟସର ପ୍ରାକ୍ ବିଦ୍ୟାଳୟ ଶିଶୁ ଉପକୃତ ହେବେ। ଏହା ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାକୁ ସୁଦୃଢ଼ କରିବା ସହ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କ ନାମଲେଖା ଓ ନିୟମିତ ଉପସ୍ଥାନ ବୃଦ୍ଧିରେ ସହାୟକ ହେବ। ଅସହାୟ ଓ କଠିନ ପରିସ୍ଥିତିରେ ଥିବା ଶିଶୁମାନଙ୍କୁ ଆର୍ଥିକ, ଶିକ୍ଷାଗତ ଓ ସାମାଜିକ ସୁରକ୍ଷା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ 'ଯଶୋଦା' ଯୋଜନା ସହ ଏହାର ଉପ-ଯୋଜନା 'ଆଶୀର୍ବାଦ'କୁ ଆଉ ୫ ବର୍ଷ ଜାରି ରଖିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଏହି ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବ। ଏଥିପାଇଁ ମୋଟ ୧୨୭୬.୯୯ କୋଟି ଟଙ୍କାର ଆନୁମାନିକ ବଜେଟ୍ ବ୍ୟବସ୍ଥା କରାଯାଇଛି। ଏହି ସମ୍ପୂର୍ଣ୍ଣ ଅର୍ଥ ମହିଳା ଓ ଶିଶୁ ବିକାଶ ବିଭାଗର ଅନୁଦାନ ଦାବି ଅଧୀନରେ ରାଜ୍ୟ ସରକାର ବହନ କରିବେ। 'ଆଶୀର୍ବାଦ' ଯୋଜନା 'ଯଶୋଦା' ଅଧୀନରେ ଏକ ଉପ-ଯୋଜନା ଭାବେ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। କୋଭିଡ୍-୧୯ ମହାମାରୀ ସମୟରେ ଉଭୟ ପିତାମାତା କିମ୍ବା ପରିବାରର ଏକମାତ୍ର ରୋଜଗାରିଆ ପିତା କିମ୍ବା ମାତାଙ୍କୁ ହରାଇଥିବା ଶିଶୁମାନଙ୍କୁ ଏହି ଯୋଜନା ଅଧୀନରେ ସିଧାସଳଖ ଲାଭ ହସ୍ତାନ୍ତରଣ ବ୍ୟବସ୍ଥାରେ ମାସିକ ଆର୍ଥିକ ସହାୟତା ଦିଆଯାଉଛି।

## ଜେନ ଜେଡ୍‌ଙ୍କୁ ମୋଦୀଙ୍କ...

ଏହି ସମୟର ଇତିହାସର ଘଟଣାଗୁଡ଼ିକୁ ଭିନ୍ନ ଢଙ୍ଗରେ ବୁଝିବାର ସୁଯୋଗ ଦେଇଥାଏ। ସେହି ସମୟ ଆତ୍ମଜୀବନୀ ଇତିହାସର ଅତି ନିକଟତର। ମୁଁ ନିଶ୍ଚିତ ଭାବେ ଚାହିଁବି ଯେ, କୋବିନ୍ଦଙ୍କ ଏହି ପରିଶ୍ରମ ଆଗାମୀ ପିଢ଼ି ଏବଂ ବିଶେଷ କରି ଯୁବପିଢ଼ି ପାଇଁ ଉପଯୋଗୀ ହେଉ। ଏହା ସହିତ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କୋବିନ୍ଦ ତାଙ୍କ ଏହି ପୁସ୍ତକକୁ ଏକ ଉପଯୁକ୍ତ ନାମ ଦେଇଛନ୍ତି: 'ଟ୍ରାୟମ୍ଫ ଅଫ୍ ଦି ଇଣ୍ଡିଆନ୍ ରିପବ୍ଲିକ୍: ମାଇଁ ଲାଇଫ୍, ମାଇଁ ଷ୍ଟ୍ରଗଲ୍ସ'। ଏହାର ମୁଖ୍ୟ ବାର୍ତ୍ତା ହେଉଛି ଯଦିଓ ତାଙ୍କ ଜୀବନ ଏବଂ ସେ ସାମ୍ନା କରିଥିବା ସଂଘର୍ଷ ବ୍ୟକ୍ତିଗତ ଥିଲା, ତଥାପି ସେହି ସଂଘର୍ଷର ପରିଣାମରୁ ମିଳିଥିବା ବିଜୟ ଭାରତୀୟ ଗଣତନ୍ତ୍ରର।

## ବନ୍ୟାରେ ୨୪ ଜିଲ୍ଲାର ୮୭୯...

ପଞ୍ଚାୟତ କିମ୍ବା ବ୍ଲକ୍ ଅଫିସକୁ ଯାଆନ୍ତୁ। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି କୌଣସି କେନ୍ଦ୍ରୀୟ ଟିମ୍ ଆସିବାର ଯୋଜନା ନାହିଁ। ଆବଶ୍ୟକ ହେଲେ କେନ୍ଦ୍ରକୁ ଅଧିକ ସହାୟତା ମଗାଯିବ ବୋଲି ସେ କହିଥିଲେ।

## ନାଟୋର 'ଅନୁପ୍ରବେଶ'କୁ...

ତାହାର ଜବାବ ଦେବ ବୋଲି ପୁଟିନ କହିଛନ୍ତି।

ପୁଟିନଙ୍କ ଏହି ମନ୍ତବ୍ୟ ଆର୍କଟିକ୍‌ରେ ରୁଷ୍ ଓ ନାଟୋ ମଧ୍ୟରେ ବଢୁଥିବା ସାମରିକ ଓ ରଣନୈତିକ ପ୍ରତିଦ୍ୱନ୍ଦ୍ୱିତା ପରିପ୍ରେକ୍ଷୀରେ ଆସିଛି। ନାଟୋ ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ନିଜର ପ୍ରଭାବ ବଢାଇବା ସହ ନୂଆ ସାମରିକ ବ୍ୟବସ୍ଥା ଗଢୁଥିବା ରୁଷ୍ ଅଭିଯୋଗ କରିଛି। ଏହା ମଧ୍ୟରେ ନାଟୋ ଆର୍କଟିକ୍ ଓ ଉତ୍ତର ଅଞ୍ଚଳରେ ନିଜର ନଜରଦାରି ଓ ପ୍ରସ୍ତୁତି ବଢାଇଛି।

### ଜଳେଶ୍ୱରରେ ଦିନ ଦ୍ୱିପ୍ରହରରେ ଆଇନଜୀବୀଙ୍କୁ ଭୁଜାଲିରେ ହାଣିବା ଘଟଣା

# ଓକିଲ ସଂଘର ପକ୍ଷରୁ କଲମ ଛାଡ଼ ଆନ୍ଦୋଳନ

**ଜଳେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ରେ କୋର୍ଟ କାମ ସାରି ଘରକୁ ଫେରୁଥିବା ଜଳେଶ୍ୱର ନାମ୍ପେ ଗ୍ରାମର ଆଇନଜୀବୀ ସିଦ୍ଧାର୍ଥ ଦାସ (୫୨)ଙ୍କୁ ମଙ୍ଗଳବାର ୧୬ ନମ୍ବର ଜାତୀୟ ରାଜପଥର ଶାନ୍ତିଆ ବ୍ରିଜ୍ ନିକଟରେ ଭୁଜାଲିରେ ଆକ୍ରମଣ ଘଟଣାରେ ଏକ ବିସ୍ମୟ ସୃଷ୍ଟି କରିଛି।ଏ ନେଇ ସେ ନିଜେ ଜଳେଶ୍ୱର ଥାନାରେ ଏତଲା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଶ୍ରୀ ଦାସ ଦର୍ଶାଇଛନ୍ତି ଯେ, ଖାଲିନା ଗ୍ରାମର ସରୋଜ କୁମାର ବାରିକଙ୍କ ସହ ଗତ ଜୁନ୍ ୨୭ ତାରିଖ ଦିନ କୌଣସି କାରଣରୁ ତାଙ୍କର ମନୋମାଳିନ୍ୟ ହୋଇଥିଲା । ପରେ ନାମ୍ପେ ଫାଣ୍ଡିରେ ଏହି ଘଟଣାର ସମାଧାନ ମଧ୍ୟ ହୋଇଥିଲା। ଏହାସତ୍ତ୍ୱେ ଶ୍ରୀ ବାରିକ ମନ ମଧ୍ୟରେ ରାଗ କ୍ରୋଧ ରହିଥାଏ। ଶ୍ରୀ



ଦାସଙ୍କୁ ଜୀବନରୁ ମାରି ଦେବ ବୋଲି ଧମକ୍ ଦେଇଥିଲେ। ଯୋଜନାବଦ୍ଧ ଭାବେ ସୁପାରୀ କିଲୋରକୁ ସୁପାରି ଦେଇଥିଲା।ସୁପାରି କିଲର ମାନେ ସମୟ ସଂଯୋଗ ଦେଖି ତାଙ୍କୁ ରାସ୍ତାରୁ ହଟି ଦେବେ ବୋଲି ଚାହୁଁଥିଲେ।ଭଗବାନଙ୍କ ବିଡ଼ମ୍ବନା ନିଜକୁ ବଞ୍ଚାଇବାକୁ ଯାଇ ହାତ ଓ କାନ୍ଧରେ ଗଭୀର ଆଘାତ ହୋଇଛି।ସ୍ଥାନୀୟ ଲୋକେ ଦଉଡି ଆସିବାରୁ ସୁପାରି କିଲର ମାନେ ପଳେଇ ଯାଇଥିଲେ।ତାଙ୍କୁ ସଂଗେସଂଗେ ସ୍ଥାନୀୟ ଜିକେ ଉଚ୍ଚର ହସ୍ପିଟାଲରେ ଭର୍ତ୍ତି କରାଇଥିଲେ।ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା।ଏ ନେଇ ଜଳେଶ୍ୱର ପୁଲିସକୁ ଏକ ଚେଲେଞ୍ଜ ହୋଇ ପଡିଛି। ତେଣୁ ଧମକ ଅନୁଯାୟୀ ଶ୍ରୀ ବାରିକ ଯୋଜନାବଦ୍ଧ ଭାବେ ସୁପାରି କିଲରକୁ ଧରିବା ପାଇଁ କହିଥିଲେ। ଅଭିଯୋଗ ଆଧାରରେ ପୁଲିସ ୪୬୪।୨୬ ନମ୍ବରରେ ଏକ ମାମଲା ରୁଜୁ କରିଥିବା ବେଳେ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ, ଜଣେ ଆଇନଜୀବୀଙ୍କୁ ଦିନ ଦ୍ୱିପ୍ରହରରେ ବିଚ୍ ରାସ୍ତାରେ ଏଭଳି ଆକ୍ରମଣ ଘଟଣାକୁ ଆଜି ଜଳେଶ୍ୱର ଓକିଲ ସଂଘ ବାର୍ ସମ୍ମିଳନୀ କକ୍ଷରେ ସଂଘର ସାଧାରଣ ପରିଷଦ ବୈଠକରେ ଘଟଣାକୁ ନିନ୍ଦା କରାଯିବା ସହ ଦିନକ ପାଇଁ କଲମ ଛାଡ଼ ଆନ୍ଦୋଳନ କରାଯାଇଛି । ଗୁରୁବାର ପୁଣି ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ସେହିପରି ବୈଠକ ପରେ ଓକିଲ ସଂଘ ସଭାପତି କୁଞ୍ଜବିହାରୀ ଦାସ, ସମ୍ପାଦକ ରାଜେଶ ପାତ୍ରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଆଇନଜୀବୀ ଜଳେଶ୍ୱର ଥାନାରେ ପହଞ୍ଚି ଏସ୍‌ଡିପିଓ ଓ ଆଇଆଇସିଙ୍କୁ ଭେଟିଥିଲେ।ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ମାନଙ୍କୁ ଗିରଫ ନକଲେ ସଂଘ ପକ୍ଷରୁ ଆନ୍ଦୋଳନକୁ ଓହ୍ଲାଯିବ ବୋଲି ଚେତାବନୀ ଦେଇଥିଲେ । ଏଥିସହ କୋର୍ଟ ନିକଟରେ ପୁଲିସ ଫୋର୍ସ ମୁତୟନ କରିବାକୁ ସଂଘ ଦାବି କରିଥିଲା ।

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବଙ୍କ ସହ ଓଏସ୍‌ଇଏଫ୍‌ଡି ସଂଘର ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ସମସ୍ତ ସାଧାରଣ ବିଦ୍ୟାଳୟରେ ବିଶେଷ ଆବଶ୍ୟକତା ରଖୁଥିବା ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଶୀଘ୍ର କରିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡ଼ା. ଏନ୍. ତିରୁମାଲା ନାଏକଙ୍କ ସହ ଓଡ଼ିଶା ସ୍ପେସିଆଲ୍ ଏଜୁକେଟର ଫେଡେରେସନ୍ ଫର୍ ଦିବ୍ୟାଙ୍ଗ (ଓଏସ୍‌ଇଏଫ୍‌ଡି) ସଂଘର ସମ୍ପାଦକ ଆୟୁଷ୍ମାନ ଚୌଧୁରୀ, କୋଷାଧ୍ୟକ୍ଷ ଅଭିଷେକ ଆଚାର୍ଯ୍ୟ, ରାଜ୍ୟ କାର୍ଯ୍ୟକର୍ତ୍ତା ଅଶ୍ୱିନୀ ମୁଦୁଲି ଓ ଧର୍ମାନନ୍ଦ ପରିଡ଼ା ପ୍ରମୁଖ ସାକ୍ଷାତ କରି ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ଖୁବଶୀଘ୍ର ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଁ ଦାବି ଜଣାଇଥିଲେ। ସୂଚନା ଥାଉ ଯେ, ଓଡ଼ିଶା ବିଧାନସଭାର ସମ୍ମାନନୀୟ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମହୋଦୟା ସଚିବଙ୍କ ସହ ଆଲୋଚନା କରି ଏହି ବୈଠକର ଆୟୋଜନ କରିଥିଲେ। ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ପକ୍ଷରୁ ସକାରାତ୍ମକ ଓ ତ୍ୱରିତ



ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ଏହି ପଦବୀ ସୃଷ୍ଟି ଓ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଥିବା ବୋଲି ମତପ୍ରକାଶ କରାଯାଇଛି।

# ୬୬ ଜଣ ପୋଲିସ ଅଧିକାରୀ ଓ ସରକାରୀ ଆଇନଜୀବୀଙ୍କୁ ସମ୍ମାନିତ କଲେ ଡିଜିପି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ଅପରାଧିକ ମାମଲାରେ ସଫଳ ଦଣ୍ଡବିଧାନ ସୁନିଶ୍ଚିତ କରିବା ସହ ତଦନ୍ତ ଓ ଆଇନଗତ ପ୍ରକ୍ରିୟାରେ ଉତ୍କୃଷ୍ଟ ଅବଦାନ ପାଇଁ ଓଡ଼ିଶା ପୋଲିସର ଅଧିକାରୀ ଏବଂ ସରକାରୀ ଆଇନଜୀବୀଙ୍କୁ ବୁଧବାର ସମ୍ମାନିତ କରାଯାଇଛି । ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଓଡ଼ିଶା ପୋଲିସ କ୍ରାଇମବ୍ରାଂଚ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫଳ ଦଣ୍ଡବିଧାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଜିଲ୍ଲା ପୋଲିସ ଅଧିକ୍ଷକ, ତଦାରଖ ଅଧିକାରୀ, ସରକାରୀ ଆଇନଜୀବୀ ଓ ତଦନ୍ତକାରୀ ଅଧିକାରୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ମୋଟ ୬୬ ଜଣଙ୍କୁ ସମ୍ମାନିତ କରାଯାଇଥିଲା।

# ସଡକ ଦୁର୍ଘଟଣାରେ ବାଇକ ଚାଳକ ମୃତ

**ରାଇଘର, ନ୍ୟୁଜ ବ୍ୟୁରୋ**

ରାଇଘର ଥାନା ଅଧୀନରେ ଥିବା ବୀରପୁର ନିକଟ ଭାରତମାଳା ରାସ୍ତାରେ ଜଣେ ବାଇକ ଚାଳକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ ସକାଳ ପ୍ରାୟ ୮.୩୦ସମୟରେ ଏହିଘାଟଣା ଘଟିଥିବାବେଳେ ମୃତକ ଜଣକ ଉମରକୋଟ ଡ଼ିଏନକେର ମଦନ କରାଟି (୬୦)ସେ ନିଜ ବ୍ୟକ୍ତିଗତ କାମରେ ନିରାଡ଼ିହି ଅସୁଥିବାବେଳେ ବୀରପୁର ନିକଟ ଭାରତମାଳା ରାସ୍ତାରେ ବାଇକଟି ହଟାତ ସ୍ଲିପ ହୋଇଯାଇଥିଲା ଯାହା ଫଳରେ ଚାଳକ ମଦନ ରାସ୍ତାରେ ପଡିଯାଇଥିଲେ ଏବଂ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ଏହାପରେ ଘଟଣା ସ୍ଥଳରେ ଥିବା ଲୋକେ ଖବର ଦେବାପରେ ପୋଲିସ ପହଞ୍ଚି ମୃତ ଶରୀର ଜବତ କରି ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଉକ୍ତ ଘଟଣାକୁ ନେଇ ରାଇଘର ପୋଲିସ ଏକ ମାମଲା ୧୯୯/୨୬ରେ ରୁଜୁ କରି ତଦନ୍ତ ଚଳାଇଛି ।

# ସମାବେଶୀ ବିକାଶ ମାଧ୍ୟମରେ ରାଜ୍ୟର ଯୁବକ, ମହିଳା, ଶିଳ୍ପୀଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ: ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସମାବେଶୀ ବିକାଶ ମାଧ୍ୟମରେ ରାଜ୍ୟର ଯୁବକ, ମହିଳା, ଶିଳ୍ପୀ ଏବଂ ପ୍ରଥମ ପିଢ଼ି ଉଦ୍ୟୋଗୀଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ ବୋଲି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଏତତବ୍ୟତୀତ ଓଡ଼ିଶାର ଗ୍ରାମୀଣ ଏବଂ ଆଦିବାସୀ ଅଂଚଳରେ ଉଦ୍ୟମିତାକୁ ଅଧିକ ଭାବେ ପ୍ରସାରିତ କରିବା ପାଇଁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି ।

ବୁଧବାର ଦିନ ଓଡ଼ିଶା ଆସେମ୍ବ୍ଲିଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଂଟରପ୍ରାଇଜେସ୍ (ଓଏଏସଏମଇ)ର ୪୧ତମ ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ରାଜ୍ୟ ସ୍ତରୀୟ ସମ୍ମିଳନୀ-୨୦୨୬ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି। ରାଜ୍ୟପାଳ କହିଥିଲେ ଯେ ପ୍ରତ୍ୟେକ ଯୁବକଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ ଉଦ୍ୟୋଗ ବିକଶିତ ହେବା ଜରୁରୀ। ସେହିଭଳି ଗ୍ରାମ ଏବଂ ଛୋଟ ସହରଗୁଡ଼ିକର ସମୃଦ୍ଧି ପାଇଁ ଉଦ୍ୟୋଗକୁ ସେଠାକୁ ପହଂଚାଇବା ଆବଶ୍ୟକ।

ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ର ଲକ୍ଷ୍ୟକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ବିକାଶକୁ କେବଳ ଶିଳ୍ପ କିମ୍ବା ବିନିଯୋଗର ଆକାର ଦୃଷ୍ଟିରୁ ମାପିବା ଉଚିତ ନୁହେଁ, ବରଂ ଲୋକଙ୍କ ପାଇଁ ଆମେ କେତେ ସୁଯୋଗ ସୃଷ୍ଟି କରୁଛୁ ତାହା ଦ୍ୱାରା ମାପିବା ଉଚିତ। ଏମଏସଏମଇକୁ ଲୋକଙ୍କ ଆକାଂକ୍ଷାକୁ ବାସ୍ତବରେ ରୂପାନ୍ତରିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଏହି କ୍ଷେତ୍ର କେବଳ ଅର୍ଥନୀତିର ଏକ ଅଂଶ ନୁହେଁ, ବରଂ ନିଯୁକ୍ତି, ଜୀବିକା ଏବଂ ଅର୍ଥନୈତିକ ସୁଯୋଗର ଏକ ପ୍ରମୁଖ ଉତ୍ସ। ଉନ୍ନତ ସହରଗୁଡ଼ିକରୁ ଅନ୍ୟ ସହର, ଗ୍ରାମ, ଆଦିବାସୀ ଅଞ୍ଚଳ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକୁ ଉଦ୍ୟୋଗକୁ ପହଂଚାଇବା ହେଉଛି ଏହାର ଶକ୍ତି ।

ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଏମଏସଏମଇ ଓଡ଼ିଶାର ପାରମ୍ପରିକ ଶକ୍ତି ଏବଂ ଆଧୁନିକ ଆକାଂକ୍ଷା ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରେ। ଏହା ଶିଳ୍ପୀମାନଙ୍କୁ ବିଶ୍ୱ ବଜାର ସହିତ, କୃଷି ଉତ୍ପାଦକୁ ମୂଲ୍ୟ ସଂଯୋଜିତ ଶିଳ୍ପ ସହିତ ଏବଂ ସ୍ଥାନୀୟ ଦକ୍ଷତାକୁ ଉଦୀୟମାନ ପ୍ରଯୁକ୍ତି ସହିତ ସଂଯୋଗ କରେ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ୟମରେ ରାଜ୍ୟର ଏମଏସଏମଇ ପରିବେଶକୁ ସୁଦୃଢ଼ କରିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏମଏସଏମଇ ପାଇଁ ସୁଧ ଖର୍ଚ୍ଚ ଭରଣା, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଏବଂ ଏମଏସଏମଇ କ୍ଲଷ୍ଟର ପାଇଁ ସହାୟତା ଏବଂ ଉଦ୍ୟମିତା ତଥା ପ୍ରଯୁକ୍ତି ଗ୍ରହଣକୁ ପ୍ରୋତ୍ସାହିତ କରୁଥିବା କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ପ୍ରଶଂସା କରିଥିଲେ।

ସରକାରୀ ସହାୟତାର ଅନ୍ତିମ ପର୍ଯ୍ୟାୟ ବିତରଣକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାର, ଆର୍ଥିକ ସଂସ୍ଥା ଏବଂ ଶିଳ୍ପ ସଙ୍ଗଠନଗୁଡ଼ିକୁ ଜିଲ୍ଲାସ୍ତରରେ ସୁବିଧାକରଣ, ସଚେତନତା, ମାର୍ଗଦର୍ଶନ ଓ ସହାୟତା ଏବଂ ସ୍ଥାନୀୟ ଉଦ୍ୟୋଗ କେନ୍ଦ୍ରଗୁଡ଼ିକୁ ସୁଦୃଢ଼ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଉଦ୍ୟୋଗୀମାନଙ୍କୁ ପୁଞ୍ଜି, ପ୍ରଯୁକ୍ତି, ତାଲିମ ଏବଂ ବଜାରରେ ସହଜ ପ୍ରବେଶ ମିଳିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ। ଜାତୀୟସ୍ତରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମିତା, ଉତ୍ପାଦନ ଏବଂ ଆତ୍ମନିର୍ଭରତା ଉପରେ ଗୁରୁତ୍ୱକୁ ପ୍ରଶଂସା କରିବା ସହ ପିଏମଇଜିପି, ମୁଦ୍ରା, ସିଜିଟିଏମଏସଇ, ଷ୍ଟାର୍ଟଅପ ଇଣ୍ଡିଆ, ଷ୍ଟାଣ୍ଡ-ଅପ ଇଣ୍ଡିଆ, ପିଏମ ବିଶ୍ୱକର୍ମା, ରାମ୍ପ ଏବଂ ଏମଏସଏମଇ ଚମ୍ପିଅନ କାର୍ଯ୍ୟକ୍ରମ ଭଳି ଯୋଜନାଗୁଡ଼ିକୁ ରାଜ୍ୟପାଳ ଉଲ୍ଲେଖ କରିଥିଲେ।

# କମିଶନରେଟ୍ ପୋଲିସ ଏବଂ ଫିକି ଏଫଏଲଓ ପକ୍ଷରୁ ସାଇବର ଅପରାଧ ଏବଂ ଟ୍ରାଫିକ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟରର ସହଯୋଗରେ କମିଶନରେଟ୍ ପୋଲିସ, ଭୁବନେଶ୍ୱର-କଟକ ପକ୍ଷରୁ ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟରର ସଦସ୍ୟମାନଙ୍କ ପାଇଁ ସାଇବର ଅପରାଧ ନିବାରଣ, ଡିଜିଟାଲ୍ ସୁରକ୍ଷା ଏବଂ ଟ୍ରାଫିକ ସଚେତନତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

ସାଇବର ଅପରାଧ ବାବଦରେ ମହିଳାମାନଙ୍କୁ ସଚେତନ କରାଇବା ସହ ଏହାର ବିପଦରୁ ସେମାନଙ୍କୁ, ସେମାନଙ୍କ ପରିବାର ଏବଂ ବ୍ୟବସାୟକୁ ସୁରକ୍ଷା ଦେବା ପାଇଁ ବ୍ୟବହାରିକ ଜ୍ଞାନ ଦାୟିତ୍ୱପୂର୍ଣ୍ଣ ଆଚରଣ ଏବଂ ଟ୍ରାଫିକ ସୁରକ୍ଷା ବିଷୟରେ ଅଧିକ ତଥ୍ୟ ଏବଂ ଧାରଣା ଦେବା ଉଦ୍ଦେଶ୍ୟରେ ଏହି ଆୟୋଜନ କରାଯାଇଛି ।

ବିଭିନ୍ନ ଅଧିବେଶନରେ ସ୍ୱରାଜ ଦେବତା, ଅତିରିକ୍ତ ଡିସିପି, ଆଇଟି ଏବଂ ସୋସିଆଲ ମିଡିଆ ସେଲ୍; ଅକ୍ଷୟ କୁମାର ନାୟକ, ଏସିପି, ଆଇଟି ଏବଂ ସୋସିଆଲ ମିଡିଆ ସେଲ୍; ଏବଂ ସମ୍ବିତ କୁମାର ମାଝୀ, ଅତିରିକ୍ତ ଡିସିପି, ଟ୍ରାଫିକ୍ ପ୍ରମୁଖ ସାଇବର ବିପଦ, ଅନଲାଇନ୍ ଠକେଇ, ପ୍ରତିରୋଧକ ପଦକ୍ଷେପ, ସାଇବର ସୁରକ୍ଷା ଅଭ୍ୟାସ ଏବଂ ଟ୍ରାଫିକ ସଚେତନତା ଉପରେ ସରଗର୍ଭକ ବକ୍ତବ୍ୟ ରଖିଥିଲେ। ପ୍ରଶ୍ନୋତ୍ତର ଅଧିବେଶନରେ ବରିଷ୍ଠ ପୋଲିସ ଅଧିକାରୀମାନେ ସଦସ୍ୟମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ସାଇବର ସତର୍କତା ବାବଦରେ ମାର୍ଗଦର୍ଶନ ଦେଇଥିଲେ । ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ବିୟୋତ ପ୍ରୋଜ୍ଞା ତ୍ରିପାଠି, କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଏବଂଏଫଏଲଓ ସଦସ୍ୟମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ମହିଳା ଏବଂ ଆଇନ-ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ମଧ୍ୟରେ ଏକ ଦୃଢ଼ ସଂଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମହିଳାମାନଙ୍କ ଜୀବନ, ବ୍ୟବସାୟ ଏବଂ ଆର୍ଥିକ କାର୍ଯ୍ୟକଳାପ ଡିଜିଟାଲ୍ ଦୁନିଆ ସହିତ କ୍ରମଶଃ ସଂଯୁକ୍ତ ହେଉଥିବା ସେ ଉଲ୍ଲେଖ କରିଥିଲେ । ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟରର ଡିଜିଟାଲ୍ ସାକ୍ଷରତା ପଦକ୍ଷେପ ମୁଖ୍ୟ ଏଲି ପାଢୀ କାର୍ଯ୍ୟକ୍ରମର ସମନ୍ୱୟ ଏବଂ ଅଧିବେଶନକୁ ଶିକ୍ଷଣୀୟ, ଆକର୍ଷଣୀୟ ଏବଂ ଅତ୍ୟନ୍ତ ପାରସ୍ପରିକ କ୍ରିୟାଶୀଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏକ ସୁରକ୍ଷିତ ଏବଂ ଅଧିକ ସୂଚନାପ୍ରଦ ସମାଜ ଗଠନ ପ୍ରତି ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟର ଏବଂ କମିଶନରେଟ୍ ପୋଲିସର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ଏହି କାର୍ଯ୍ୟକ୍ରମ ମହିଳା ଏବଂ ସମାଜ ପାଇଁ ଏକ ସୁରକ୍ଷିତ ଡିଜିଟାଲ୍ ଏବଂ ଭୌତିକ ପରିବେଶ ଗଠନରେ ନାଗରିକ ଏବଂ ପୋଲିସ ମଧ୍ୟରେ ସମନ୍ୱୟ ଆଣିଛି ।

# ଉତ୍କଳ ଦୀପିକା

ଭୁବନେଶ୍ୱର, ୧୩ ଅଗଷ୍ଟ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ଚିତାଲାଗି ଅମାବାସ୍ୟାରେ ଶ୍ରୀଜୀଉଙ୍କ ଚିତା ନୀତି ସମ୍ପନ୍ନ : ଆଜି ବନକଲାଗି ନୀତି



**ପୁରୀ ୧୨।୮ ନ୍ୟୁଜ ବ୍ୟୁରୋ**

ବୁଧବାର ପବିତ୍ର ଚିତାଲାଗି ଅମାବାସ୍ୟା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁଙ୍କୁ ଲାଗି ହୋଇଥିଲା ବ୍ରହ୍ମଜ୍ୟୋତି ହୀରା ଚିତା। ପତିମହାପାତ୍ର ସେବାୟତ ସଂସ୍କାର କରିବା ପରେ ତିନି ବାଡର ବାଡ଼ଗ୍ରାହୀ ଓ ଅନ୍ୟାନ୍ୟ ଦଇତାପତି ସେବକ ମହାପ୍ରଭୁଙ୍କୁ ଏହି ଦିବ୍ୟ ଅଳଙ୍କାର ଲାଗି କରିଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସୁଭ୍ର ହୀରା ଖଚିତ ରତ୍ନ ଚିତା, ପ୍ରଭୁ ଶ୍ରୀବଳଭଦ୍ରଙ୍କୁ ନୀଳା ଓ ଦେବୀ ସୁଭଦ୍ରାଙ୍କୁ ପାନା ହୀରା ଖଚିତ ରତ୍ନ ଚିତା ଲାଗି କରାଯାଇଥିଲା । ଚିତାଲାଗି ପରେ ମହାପ୍ରଭୁଙ୍କର ମହାସ୍ନାନ ନୀତି କରାଯିବ । ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ଥିଲେ । ସେହି ସମୟରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଏହି ଚିତା ଗୁଡିକୁ ଓଲାଗି କରି ଦିଆଯାଇଥିଲା । ରଥଯାତ୍ରା ଦିନ ମହାପ୍ରଭୁଙ୍କୁ ସୋଲ ଚିତା ଲାଗି କରାଯାଇଥିଲା । ବୁଧବାର ସେହି ସୋଲ ଚିତାକୁ ଓଲାଗି କରାଯାଇ ଅସଲ ଚିତା ଲାଗି କରାଯାଇଥିଲା । ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସରିବା ପରେ ଏହି ବିଶେଷ ନୀତି ଅନୁଷ୍ଠିତ ହୋଇଛି । ଶ୍ରୀଦେବୀ ଓ ଭୂଦେବୀ ରତ୍ନ ସିଂହାସନରୁ ଆସି ଖଟ ଶେଯରେ ବିଜେ କରିଥିଲେ । ସେହିପରି ଗୁରୁବାର ପ୍ରତିପଦା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ହେବ । ଦଉମହାପାତ୍ର ସେବକମାନେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ସିଂହାର କରିବେ । ଏହି ବିଶେଷ ନୀତି ସମୟରେ ଭକ୍ତମାନଙ୍କ ପାଇଁ ଦର୍ଶନ କଟକଣା ରହିବ । ଅପରାହ୍ଣରୁ ସନ୍ଧ୍ୟା ପର୍ଯ୍ୟନ୍ତ ୩ରୁ ୪ ଘଣ୍ଟା ପ୍ରାୟ ମହାପ୍ରଭୁଙ୍କ ଦର୍ଶନ ପାଇବେ ନାହିଁ ବୋଲି ଅନୁମାନ କରାଯାଉଛି । ପ୍ରାୟତଃ ଅପରାହ୍ଣରେ ଠାକୁରଙ୍କ ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିବ। ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଆରମ୍ଭ ହେବ। ଦଉମହାପାତ୍ର ସେବକମାନେ ଠାକୁରଙ୍କ ଶ୍ରୀମୁଖ ସିଂହାର କରିବା ପାଇଁ ଗର୍ଭଗୃହକୁ ପ୍ରବେଶ କରିବେ ।

## ନନ୍ଦନକାନନରେ ହାତୀ ସଂରକ୍ଷଣ ଓ କଲ୍ୟାଣର ବାର୍ତ୍ତା ନେଇ ବିଶ୍ୱ ହାତୀ ଦିବସ ପାଳିତ

**ଭୁବନେଶ୍ୱର, ୧୨।୮ ନ୍ୟୁଜ ବ୍ୟୁରୋ**




ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ସହିତ ବିଶ୍ୱ ହାତୀ ଦିବସ-୨୦୨୬ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଦାରୁଠେଙ୍ଗ ସରପଞ୍ଚ ତପନ ଚକ୍ରବର୍ତ୍ତୀ, ରଘୁନାଥପୁର ସରପଞ୍ଚ ଖୁଲଣା ମାଝୀ ଏବଂ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଉପନିର୍ଦ୍ଦେଶକ ପ୍ରଦୀପ ମିରାସେ ଯୋଗଦେଇଥିଲେ। ଏହି ଅବସରରେ ହାତୀମାନଙ୍କ ପାଇଁ ସ୍ୱତନ୍ତ୍ର ଫିଡିଂ ଏନ୍‌ରିଚ୍‌ମେଣ୍ଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବାସନ୍ତୀ, ହୀରା, ଆଶା ଓ ଲିଶା ହାତୀଙ୍କୁ ପ୍ରାକୃତିକ ଖାଦ୍ୟ ଗ୍ରହଣ ଆଚରଣକୁ ଉତ୍ସାହିତ କରିବା ସହ ସେମାନଙ୍କ ପୋଷଣ ଆବଶ୍ୟକତା ପୂରଣ ନିମନ୍ତେ ପୁଷ୍ଟିକର ଫଳ ଖାଦ୍ୟ ଦିଆଯାଇଥିଲା। ହାତୀଙ୍କ ଯତ୍ନ ଓ ପରିଚାଳନାରେ ନିରନ୍ତର ଓ ମୂଲ୍ୟବାନ ଅବଦାନ ପାଇଁ ନନ୍ଦନକାନନର ମାହୁନ୍ତମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପର୍ଯ୍ୟଟକ ଓ ଛାତ୍ରଛାତ୍ରୀମାନଙ୍କୁ ହାତୀଙ୍କ ଆଚରଣ, କଲ୍ୟାଣ ଓ ସଂରକ୍ଷଣ ସମ୍ପର୍କରେ ସଚେତନ କରିବା ପାଇଁ କିପର୍ସ ଟକ୍, ଅନ୍-ଦ-ସ୍ପଟ୍ କୁଇଜ୍ ଏବଂ ସ୍ୱାକ୍ଷର ଅଭିଯାନ ଆୟୋଜନ କରାଯାଇଥିଲା। ନନ୍ଦନକାନନରଜୁ ଲାଇବ୍ରେରୀ ଆଣ୍ଡ ଡିଜିଟାଲ୍ ହବରେ ହାତୀ ସମ୍ପର୍କିତ କାହାଣୀ କଥନ, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏସୀୟ ଓ ଆଫ୍ରିକୀୟ ହାତୀଙ୍କ ଭୂମିକା ପ୍ରଦର୍ଶନ, ହାତୀ ଓରିଗାମି, ହାତୀ ସଂରକ୍ଷଣ ସମ୍ପର୍କିତ ଚଳଚ୍ଚିତ୍ର ପ୍ରଦର୍ଶନ ଏବଂ ହାତୀ ଚିତ୍ର ଉପରେ ହ୍ୟାଣ୍ଡ ପେଣ୍ଟିଂ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହିତ ଏଲିଫାଣ୍ଟ ଫ୍ରେମ୍ ମାଧ୍ୟମରେ ଫଟୋ ଉଠାଇବାର ସୁଯୋଗ ପର୍ଯ୍ୟଟକମାନଙ୍କ ପାଇଁ ଉତ୍ସବରେ ଏକ ଆନନ୍ଦଦାୟକ ଓ ସ୍ମରଣୀୟ ଅନୁଭୂତି ଯୋଗାଇଥିଲା। କାର୍ଯ୍ୟକ୍ରମର ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଦର୍ଶକଙ୍କ ପାଇଁ ନିର୍ଦ୍ଧାରିତ ସ୍ଥାନରୁ ହାତୀ ଆବାସସ୍ଥଳୀ ପରିଦର୍ଶନ କରାଯାଇଥିଲା। ଏହା ମାଧ୍ୟମରେ ସେମାନେ ହାତୀଙ୍କ ଜୀବବିଜ୍ଞାନ, ଯତ୍ନ ଓ ପରିଚାଳନା ସମ୍ପର୍କରେ ଜାଣିବା ସହ ଏକ୍ସ-ସିଟୁ ସଂରକ୍ଷଣର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିବାର ସୁଯୋଗ ପାଇଥିଲେ।

## କିମ୍ସ ଏଣ୍ଡୋକ୍ରାଇନୋଲୋଜି ବିଶେଷଜ୍ଞ ଡା. ସମ୍ବିତ ଦାସ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆ ସଭାପତି ନିର୍ବାଚିତ

**ଭୁବନେଶ୍ୱର, ୧୨/୦୮ ନ୍ୟୁଜ ବ୍ୟୁରୋ**



କିମ୍ସ ଭୁବନେଶ୍ୱରର ଏଣ୍ଡୋକ୍ରାଇନୋଲୋଜି ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ସମ୍ବିତ ଦାସ ଦେଶର ଏଣ୍ଡୋକ୍ରାଇନୋଲୋଜି କ୍ଷେତ୍ରର ଅନ୍ୟତମ ପ୍ରତିଷ୍ଠିତ ବୃତ୍ତିଗତ ସଂଗଠନ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ୧୯୭୨ ମସିହାରେ ପ୍ରତିଷ୍ଠିତ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆ ଦେଶର ଏଣ୍ଡୋକ୍ରାଇନୋଲୋଜି ବିଶେଷଜ୍ଞମାନଙ୍କର ସର୍ବବୃହତ ସଂଗଠନ। ଏକାଡେମିକ୍ ପଦକ୍ଷେପ, ଗବେଷଣା ସହଯୋଗ, ଜାତୀୟ ରେଜିଷ୍ଟ୍ରି, ଚିକିତ୍ସା ମାର୍ଗଦର୍ଶିକା ଏବଂ ରୋଗୀ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏହି ବିଷୟର ବିକାଶରେ ସଂଗଠନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଆସୁଛି। ଗତ ୪୦ ବର୍ଷ ମଧ୍ୟରେ ଡା. ଦାସ ପ୍ରଥମ ଓଡ଼ିଆ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଭାବେ ଏହି ସଂଗଠନର ସଭାପତି ନିର୍ବାଚିତ ହୋଇଥିବା କୁହାଯାଉଛି। ଏଥିସହ ସଂଗଠନର ଇତିହାସରେ ସେ ଏହି ପଦବୀ ଅଳଙ୍କୃତ କରିଥିବା ସର୍ବକନିଷ୍ଠ ସଭାପତି ହେବାର ଗୌରବ ମଧ୍ୟ ଅର୍ଜନ କରିଛନ୍ତି। ଜଣେ ବିଶିଷ୍ଟ ଚିକିତ୍ସକ, ନିଷ୍ଠାବାନ ଶିକ୍ଷକ ଏବଂ ସଫଳ ଗବେଷକ ଭାବେ ଡା. ଦାସ ଏଣ୍ଡୋକ୍ରାଇନୋଲୋଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ସେ ବର୍ତ୍ତମାନ ଇଏସଆଇର ଉପସଭାପତି ଭାବେ କାର୍ଯ୍ୟ କରୁଥିବାବେଳେ ସାଉଥ୍ ଏସିଆନ୍ ଫେଡେରେସନ୍ ଅଫ୍ ଏଣ୍ଡୋକ୍ରାଇନ୍ ସୋସାଇଟିଜର କାର୍ଯ୍ୟକାରୀ କମିଟି ସଦସ୍ୟ ମଧ୍ୟ ଅଛନ୍ତି। ଦୀର୍ଘ ବର୍ଷ ଧରି ଏଣ୍ଡୋକ୍ରାଇନୋଲୋଜି କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତାଙ୍କୁ 'ଏକ୍ସେଲେନ୍ସ ଇନ୍ ଏଣ୍ଡୋକ୍ରାଇନୋଲୋଜି ଆଣ୍ଡ ଡାଇବେଟିସ୍ ଆୱାର୍ଡ' ପ୍ରଦାନ କରି ସମ୍ମାନିତ କରିଥିଲେ। ଡା. ଦାସଙ୍କ ଏହି ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପ୍ରତିଷ୍ଠିତ ପଦବୀକୁ ଡା. ଦାସଙ୍କ ନିର୍ବାଚନ କେବଳ ଅନୁଷ୍ଠାନ ପାଇଁ ନୁହେଁ, ସମଗ୍ର ଓଡ଼ିଶା ପାଇଁ ମଧ୍ୟ ଏକ ବଡ଼ ସମ୍ମାନର ବିଷୟ ବୋଲି ଡ. ସାମନ୍ତ କହିଛନ୍ତି।

## ଓଡ଼ିଶା ହାଇକୋର୍ଟରେ ମାମଲା ବଢ଼ୁଛି : ବିଚାରପତିଙ୍କ ସଂଖ୍ୟା କମୁଛି

**କଟକ, ୧୨/୮ ନ୍ୟୁଜ ବ୍ୟୁରୋ**



ଓଡ଼ିଶା ହାଇକୋର୍ଟରେ ଦିନକୁ ଦିନ ବଢ଼ୁଛି ମାମଲା । ହେଲେ କମୁଛି ବିଚାରପତିଙ୍କ ସଂଖ୍ୟା । ୩୭ ଜଣଙ୍କ ସ୍ଥାନରେ ଅଛନ୍ତି ମାତ୍ର ୧୭ । ଓଡ଼ିଶା ହାଇକୋର୍ଟରେ ଦେଢ଼ ଲକ୍ଷରୁ ଅଧିକ ମାମଲା ବିଚାରାଧୀନ ଅଛି । କିନ୍ତୁ ମାମଲାର ବୋଝ ଅନୁପାତରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି । ଏମିତିକି ମୋଟ୍ ମଞ୍ଜୁରିପ୍ରାପ୍ତ ପଦର ଅଧାରୁ ଅଧିକ ବିଚାରପତି ପଦ ଖାଲି ପଡ଼ିଛି । ଓଡ଼ଶା ହାଇକୋର୍ଟରେ ମଞ୍ଜୁରିପ୍ରାପ୍ତ ବିଚାରପତି ପଦ ସଂଖ୍ୟା ୩୭ ହୋଇଥିବାବେଳେ ଏବେ ଅଛନ୍ତି ମାତ୍ର ୧୭ଜଣ । ପୁଣି ଏବେ ଦୁଇଜଣ ବିଚାରପତିଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ୍ କରିଛନ୍ତି । ଏହା କାର୍ଯ୍ୟକାରୀ ହେଲେ ବିଚାରପତି ସଂଖ୍ୟା ୧୫କୁ ଖସି ଆସିବ। ଏଣେ ଗତ ଶନିବାର କେନ୍ଦ୍ର ସରକାର ଏକକାଳୀନ ୩୦ଜଣ ବିଚାରପତିଙ୍କୁ ନିଯୁକ୍ତି ଦେଇଥିବାବେଳେ ଓଡ଼ିଶା ହାଇକୋର୍ଟ କିନ୍ତୁ ନୂତନ ଜଜ୍ ନିଯୁକ୍ତି ଦିଆ ଯାଇନାହିଁ । କିନ୍ତୁ ମାଡ୍ରାସ୍ ହାଇକୋର୍ଟରେ ସର୍ବାଧିକ ୧୫ଜଣ ବିଚାରପତିଙ୍କୁ ନିଯୁକ୍ତି ଦିଆ ଯାଇଛି । ଓଡ଼ିଶା ହାଇକୋର୍ଟରେ ୩୩ ନିୟମିତ ବିଚାରପତି ଓ ୪ ଅତିରିକ୍ତ ବିଚାରପତି ପଦ ରହିଛି । ଏବେ ମୁଖ୍ୟ ବିଚାରପତିଙ୍କୁ ମିଶାଇ ମୋଟ ୧୭ ଜଣ ବିଚାରପତି ଅଛନ୍ତି । ବର୍ତ୍ତମାନ ଓଡ଼ିଶା ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ୧ ଲକ୍ଷ ୭୦ ହଜାର ୭୦୧ । ଫଳରେ ମାମଲା ଫଇସଲା ନେଇ ସମସ୍ୟା ସୃଷ୍ଟି ହୋଇଛି । କିଛି ମାସ ତଳେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ସଙ୍ଗମ ସାହୁଙ୍କୁ ପାଟନା ହାଇକୋର୍ଟକୁ ମୁଖ୍ୟ ବିଚାରପତି ଭାବେ ବଦଳି ହୋଇଥିଲା । ତାଙ୍କ ସ୍ଥାନରେ ଅନ୍ୟ କାହାରିକୁ ନିଯୁକ୍ତି ଦିଆଗଲା ନାହିଁ । ଏବେ ପୁଣି ହାଇକୋର୍ଟର ଦୁଇଜଣ ବରିଷ୍ଠ ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ଗୁଜୁରାଟ ହାଇକୋର୍ଟକୁ ଓ ଜଷ୍ଟିସ୍ କୃଷ୍ଣ ରାମ ମହାପାତ୍ରଙ୍କୁ ଛତିଶଗଡ଼ ହାଇକୋର୍ଟକୁ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ୍ କରିଛନ୍ତି । କେବଳ ସେତିକି ନୁହେଁ, ଆସନ୍ତା ନଭେମ୍ବରରେ ଆଉ ଦୁଇ ଜଣ ବିଚାରପତି ଅବସର ନେବେ । ତେଣୁ ଆଗକୁ ସମସ୍ୟା ଅଧିକ ବଢ଼ିବ ବୋଲି ଆଶଙ୍କା ବ୍ୟକ୍ତ କରାଯାଉଛି । ଗୋଟିଏ ପଟେ ନୂଆ ବିଚାରପତି ନିଯୁକ୍ତି ହେଉନଥିବାବେଳେ ଅନ୍ୟପଟେ ଖାଲିଥିବା ବିଚାରପତି ପଦ ପୂରଣ ହେଉନଥିବାରୁ ମାମଲା ବିଚାର ଉପରେ ପ୍ରଭାବ ପଡୁଛି । ଏ ସଂକ୍ରାନ୍ତରେ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ କହିଛନ୍ତି ଯେ, ଏହା ଆମ ଓଡ଼ିଶାର ଏକ ନ୍ୟାୟିକ ଅସ୍ମିତା ପ୍ରସଙ୍ଗ। ଗୋଟେ ପଟେ ତ୍ୱରିତ ନ୍ୟାୟପ୍ରଦାନ ପାଇଁ ଉଭୟ ସୁପ୍ରିମକୋର୍ଟ ଏବଂ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି । କିନ୍ତୁ ସେହି ଆଧାରରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ସେହିପରି ଦୀର୍ଘବର୍ଷ ହେଲା ଓଡ଼ିଶା ହାଇକୋର୍ଟରୁ ଜଣେ ବି ବିଚାରପତି ସୁପ୍ରିମକୋର୍ଟକୁ ଯାଇ ପାରୁ ନାହାନ୍ତି । ତାହାର କାରଣ ହେଉଛି ଓଡ଼ିଶା ହାଇକୋର୍ଟରେ ବିଚାରପତି ପଦରେ ନିଯୁକ୍ତିର ଅଭାବ । ଯାହାଫଳରେ ଏବେ କୌଣସି ରାଜ୍ୟର ହାଇକୋର୍ଟର ମୁଖ୍ୟ ବିଚାରପତି ପଦରେ ଜଣେ ବି ଓଡ଼ିଶା ହାଇକୋର୍ଟର ବିଚାରପତି ନାହାନ୍ତି । ଏ ଦିଗରେ ପ୍ରତ୍ୟେକ ସ୍ତରରେ ପ୍ରୟାସ ହେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ତ୍ରିପାଠୀ ଗୁରୁତ୍ୱାରୋପ କରିଛନ୍ତି ।

### ୧୬ରେ ରାଜସ୍ଥାନ ଜୟପୁରରେ ହେବାକୁ ଯାଉଛି ଅଦିନିଆ ରଥଯାତ୍ରା

## ବନ୍ଦ କରିବା ପାଇଁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

**ପୁରୀ, ୧୨/୦୮ ନ୍ୟୁଜ ବ୍ୟୁରୋ**



ରାଜସ୍ଥାନର ଜୟପୁରରେ ଅଗଷ୍ଟ ୧୬ ତାରିଖରେ ହେବାକୁ ଯାଉଛି ଅଦିନିଆ ରଥଯାତ୍ରା । ଏହି ରଥଯାତ୍ରା ଜୟପୁର ଗୋବିନ୍ଦା ଶ୍ରୀରାଧା ମଦନମୋହନ ମନ୍ଦିର ଏବଂ ସେବାକୁଞ୍ଜ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ କରାଯାଉଛି । ଏ ଖବର ପାଇବା ପରେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହାକୁ ବନ୍ଦ କରିବା ପାଇଁ ଜୟପୁର ଜିଲ୍ଲା ମାଜିଷ୍ଟ୍ରେଟ୍ ସନ୍ଦେଶ ନାୟକଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଆସନ୍ତା ଅଗଷ୍ଟ ୧୬ ତାରିଖରେ ରାଜସ୍ଥାନର ଜୟପୁରରେ ଅଦିନିଆ ରଥଯାତ୍ରା ଆୟୋଜନ କରିବାକୁ ଯାଉଛି ଜୟପୁର ଗୋବିନ୍ଦା, ଶ୍ରୀ ରାଧା ମଦନମୋହନ ମନ୍ଦିର ଏବଂ ସେବାକୁଞ୍ଜ ଫାଉଣ୍ଡେସନ। ଏ ନେଇ ପ୍ରଚାର ପତ୍ର ମଧ୍ୟ ବଣ୍ଟନ କରାଯାଉଛି। ଏହି ରଥଯାତ୍ରାରେ ଅଧିକରୁ ଅଧିକ ଶ୍ରଦ୍ଧାଳୁମାନେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ତେବେ ଏହି ଘଟଣା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀଙ୍କ ନଜରକୁ ଆସିବା ପରେ ଏହି ଅଦିନିଆ ରଥଯାତ୍ରାକୁ ବନ୍ଦ କରିବା ପାଇଁ ରାଜସ୍ଥାନ ଜୟପୁରର ଜିଲ୍ଲା ମାଜିଷ୍ଟ୍ରେଟ୍ ସନ୍ଦେଶ ନାୟକଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ଡକ୍ଟର ପାଢୀ ପତ୍ରରେ ଲେଖିଛନ୍ତି, ଜୟପୁର ଗୋବିନ୍ଦା, ଶ୍ରୀ ରାଧା ମଦନମୋହନ ମନ୍ଦିର ଏବଂ ସେବାକୁଞ୍ଜ ଫାଉଣ୍ଡେସନ୍ ପକ୍ଷରୁ ୨୦୨୬, ଅଗଷ୍ଟ ୧୬ରେ ଜୟପୁରଠାରେ ଅଦିନିଆ ଶ୍ରୀଜଗନ୍ନାଥ ରଥଯାତ୍ରା ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି ହୋଇଛି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କୋଟି କୋଟି ଭକ୍ତ ସାରା ବିଶ୍ୱରେ ଅଛନ୍ତି। ମହାପ୍ରଭୁଙ୍କ ସମସ୍ତ ପର୍ବପର୍ବାଣୀ ଓ ଧାର୍ମିକ ନୀତିକାନ୍ତି ସୁପ୍ରତିଷ୍ଠିତ ଶାସ୍ତ୍ରୀୟ ବିଧିବିଧାନ ଅନୁସାରେ ଶ୍ରୀମନ୍ଦିରରେ ପାଳନ ହୋଇଥାଏ। ଏହାକୁ କୋଟି କୋଟି ଜଗନ୍ନାଥ ପ୍ରେମୀ ଅନୁସରଣ କରି ପାଳନ କରିଥାନ୍ତି। ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଏକ ନିର୍ଦ୍ଦିଷ୍ଟ ଶାସ୍ତ୍ରବିହିତ ପବିତ୍ର ପର୍ବ, ଯାହା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରୁ ଆରମ୍ଭ ହୋଇ ପାରମ୍ପରିକ ନବଦିନାତ୍ମକ ଯାତ୍ରାର ଏକ ଅଂଶ ଅଟେ। ୨୦୨୬ ମସିହାର ରଥଯାତ୍ରା ନିର୍ଦ୍ଦିଷ୍ଟ ତିଥି ଓ ପ୍ରଚଳିତ ଧାର୍ମିକ ପରମ୍ପରା ଅନୁଯାୟୀ ୨୦୨୬, ଜୁଲାଇ ୧୬ରେ ମୂଳ ପୀଠ, ପୁରୀଠାରେ ଅନୁଷ୍ଠିତ ହୋଇଛି। ବାହୁଡ଼ା ଯାତ୍ରା ଏବଂ ପରବର୍ତ୍ତୀ ନୀତିକାନ୍ତି ମଧ୍ୟ ନିର୍ଦ୍ଦିଷ୍ଟ ବିଧି ଅନୁଯାୟୀ ପାଳନ କରାଯାଇଛି। ତେଣୁ ୨୦୨୬, ଅଗଷ୍ଟ ୧୬ ଭଳି ଏକ ଅଦିନରେ ମହାପ୍ରଭୁଙ୍କ ବିଧି ପରମ୍ପରାକୁ ଉଲଘଂନ କରାଯାଇ ରଥଯାତ୍ରା କରିବା ଜଗନ୍ନାଥ ସଂସ୍କୃତି ପରମ୍ପରା ବିରୋଧୀ। ଏହା କଦାପି ଗ୍ରହଣଯୋଗ୍ୟ ହେବ ନାହିଁ । ପ୍ରଭୁ ଜଗନ୍ନାଥଙ୍କ ଦୀର୍ଘଦିନର ପ୍ରଚଳିତ ପୂଜା ପରମ୍ପରାର ଏହା ବିଚ୍ୟୁତି ଅଟେ। ଅଦିନିଆ ରଥଯାତ୍ରା ଆୟୋଜନ ହେବା ଦ୍ୱାରା ଶ୍ରୀଜଗନ୍ନାଥଙ୍କ କୋଟି କୋଟି ଭକ୍ତଙ୍କ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବ । ଏଣୁ ଏହାକୁ ଦୃଷ୍ଟିରେ ରଖି, ୨୦୨୬, ଅଗଷ୍ଟ ୧୬ରେ ପ୍ରସ୍ତାବିତ ରଥଯାତ୍ରା ପାଇଁ ଦିଆଯାଇଥିବା ଅନୁମତିକୁ ପ୍ରତ୍ୟାହାର କରିବା ଏବଂ ଉକ୍ତ ତାରିଖରେ ରଥଯାତ୍ରାର ଧାର୍ମିକ ଆୟୋଜନ ନ କରିବା ପାଇଁ ଆୟୋଜକମାନଙ୍କୁ ନିର୍ଦ୍ଦେଶ ଦେବାକୁ ଆପଣଙ୍କୁ ନମ୍ର ଅନୁରୋଧ କରାଯାଉଛି। ପୁରୀର ମୂଳ ପୀଠରେ ଅନୁସୃତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିଷ୍ଠିତ ପରମ୍ପରାର ପବିତ୍ରତା ଓ ନିରନ୍ତରତା ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଏହା କରାଯାଉଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୨/୦୮/୨୦୨୬
୩,୪୩,୪୬୪/- ଟଙ୍କା
ସୁନା:- ୦୨ ଗ୍ରାମ୍ ୨୦୦ମିଲିଗ୍ରାମ
ରୂପା:- ୧୦ ଗ୍ରାମ୍ ୦୦୦ମିଲିଗ୍ରାମ୍

## ଆଉ ନାହାନ୍ତି ଲବ୍ଧପ୍ରତିଷ୍ଠିତ ଗବେଷକ ଶ୍ରୀଚରଣ ମହାନ୍ତି

**ଭୁବନେଶ୍ୱର, ୧୨/୦୮ ନ୍ୟୁଜ ବ୍ୟୁରୋ**



ପ୍ରଖ୍ୟାତ ଗବେଷକ, ଆଲୋଚକ ଏବଂ ସମ୍ପାଦକ ଶ୍ରୀଚରଣ ମହାନ୍ତି ଆଉ ନାହାନ୍ତି। ସାହିତ୍ୟ ଜଗତର ଜଣେ ପ୍ରାଜ୍ଞ, ବିଜ୍ଞ, ନିଷ୍ଠାପର ଗବେଷକ ଏବଂ ସମ୍ପାଦକ ତଥା ମହାନ ସାଧକ ଶ୍ରୀଚରଣ ମହାନ୍ତିଙ୍କ ବିୟୋଗରେ ସାହିତ୍ୟ ଜଗତ ବ୍ୟଥିତ। ରାଉରକେଲା ପ୍ରଗତି ଉତ୍କଳ ସଂଘ ଜରିଆରେ ଓଡ଼ିଆ ସାହିତ୍ୟ, ସମାଜ ଏବଂ ସଂସ୍କୃତି ପାଇଁ ଶ୍ରୀଚରଣ ମହାନ୍ତି ଅତ୍ୟନ୍ତ ଉଚ୍ଚ ସ୍ତରର ଗବେଷଣା କାମ କରିଛନ୍ତି। ଶ୍ରୀଚରଣ ମହାନ୍ତି ତାଙ୍କ ଘନିଷ୍ଠ ବନ୍ଧୁ ତଥା ଓଡ଼ିଆ ସମାଲୋଚନାର ଅନ୍ୟତମ ବରିଷ୍ଠ ଗବେଷକ ଦେବେନ୍ଦ୍ର ନାଥ ଦାଶଙ୍କ ସହ ମିଳିତ ଭାବେ ଅନେକ ଐତିହାସିକ ତଥ୍ୟର ଗବେଷଣା କରିଛନ୍ତି ଯାହା ଓଡିଆ ସାହିତ୍ୟପାଇଁ ଅମୂଲ୍ୟ ସଂପଦ। ଧୀରେ ଧୀରେ ତାଙ୍କ ସ୍ମୃତିଶକ୍ତି ଦୁର୍ବଳ ହୋଇପଡିବାରୁ ସେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଥିଲେ। ଏହି ସମୟରେ ସେ ହାତ ଦେଇଥିବା ଆହୁରି ଅନେକ କାମ ବାକିରହିଗଲା। ମାୟାଧର ମାନସିଂହଙ୍କ ଗ୍ରନ୍ଥାବଳୀ ସଂପାଦନା ଏବଂ ଓଡ଼ିଶାର ସର୍ବପୁରାତନ ଖବର କାଗଜ 'ଉତ୍କଳ ଦୀପିକା' ଏବଂ ଏହାର ପ୍ରତିଷ୍ଠାତା ଗୌରୀଶଙ୍କରଙ୍କ ଉପରେ ଆଲେଖ୍ୟ ପ୍ରସ୍ତୁତ କରିବା ଦୁଇଟି ଉଲ୍ଲେଖନୀୟ କୃତିପାଇଁ ସେ ଜନମାନସରେ ସଦା ସ୍ମରଣୀୟ ହୋଇ ରହିବେ। ଶ୍ରୀ ମହାନ୍ତିଙ୍କ ପରଲୋକରେ ସାହିତ୍ୟପ୍ରେମୀ ମହଲରେ ଶୋକର ଛାୟା ଖେଳିଯାଇଛି।

### 'ସମ୍ବାଦ କଳିକା' ସମ୍ପାଦକଙ୍କ ଶୋକ

ଶ୍ରୀଚରଣ ମହାନ୍ତିଙ୍କ ବିୟୋଗରେ 'ସମ୍ବାଦ କଳିକା' ସମ୍ପାଦକ ଜୟାଶୀଷ ରାୟ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶ୍ରୀ ରାୟ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ଶ୍ରୀଚରଣ ବାବୁ ଚାଲିଯିବାର କିଛିଦିନ ପରେ ମୁଁ ଖବର ପାଇଲି। ଏହା ମୋତେ ଅତ୍ୟନ୍ତ ମର୍ମାହତ କଲା। ଦୀର୍ଘ ଦିନ ହେଲା ମୋର ଶ୍ରୀଚରଣବାବୁଙ୍କ ସହ ସଂପର୍କ ଥିଲା। ଓଡ଼ିଶାର ପ୍ରଥମ ସମ୍ବାଦପତ୍ର 'ଉତ୍କଳ ଦୀପିକା'ର ସେ ଜଣେ ମୁଗ୍ଧ ପାଠକ ରହିଆସିଥିଲେ। ମୁଁ 'ଉତ୍କଳ ଦୀପିକା'ର ଦ୍ୱିତୀୟ ଥର ପାଇଁ ପ୍ରକାଶନର ଦାୟିତ୍ୱ ନେଇ ଏହାକୁ ୨୦୧୬ ମସିହାରୁ ପୁନଃ ପ୍ରକାଶ କରୁଥିବାରୁ ମୋ ଉପରେ ତାଙ୍କର ଅଗାଧ ବିଶ୍ୱାସ ଏବଂ ସସ୍ନେହ ଆଶୀର୍ବାଦ ରହିଥିଲା। ୨୦୧୬ ଜୁଲାଇ ୧୩ ତାରିଖରେ କର୍ମବୀର ଗୌରୀଶଙ୍କରଙ୍କ ଜନ୍ମ ଜୟନ୍ତୀରେ ପୁନଃ ଆରମ୍ଭ ହୋଇଥିବା 'ଉତ୍କଳ ଦୀପିକା'ର ଉନ୍ମୋଚନ ଉତ୍ସବରେ ଅତିଥି ହିସାବରେ ସେ ଯୋଗଦେଇ ଏହାର ନିର୍ଭୀକତା, ସ୍ପଷ୍ଟବାଦିତା ଏବଂ ସ୍ୱଚ୍ଛତା ଉପରେ ବକ୍ତବ୍ୟ ରଖିଥିଲେ। ୪ ବର୍ଷ ପୂର୍ବେ ମୁଁ ତାଙ୍କ ସହ ଫୋନରେ କଥା ହୋଇଥିଲି। ସେତେବେଳେ ତାଙ୍କର ସ୍ମରଣ ଶକ୍ତି ବିଶେଷ କାମ କରୁନଥିବାରୁ ଆମ ଦୁହିଁଙ୍କ କଥା ଏବଂ ପ୍ରତିକଥା ସଂଯୋଗହୀନ ଭାବେ କିଛି ସମୟ ଆଦାନ ପ୍ରଦାନ ଚାଲିଲା। ସେହି କଥା ଭିତରେ ମୁଁ ଜାଣିଲି ତାଙ୍କର ସ୍ମୃତିଶକ୍ତି ଦୁର୍ବଳ ହୋଇଯାଇଛି। ଅଥଚ ଏତେ ଭିତରେ ବି ଉତ୍କଳ ଦୀପିକା ନାଁ ଶୁଣି ସେ କିଛି ସମୟ ସ୍ମୃତିର ଅଥଳ ଗର୍ଭକୁ ଚାଲିଗଲେ। ୨/୩ ଥର ଉତ୍କଳ ଦୀପିକା ଉଚ୍ଚାରଣ କଲେ। ଏହା ଉପରେ ସେ ଅନେକ ଗବେଷଣା କରିଛନ୍ତି। ସେହି ଗବେଷଣାଲବ୍ଧ ଆଲେଖ୍ୟକୁ ମଧ୍ୟ ସେ ମୋର ସମ୍ପାଦିତ ଖବର କାଗଜ 'ସମ୍ବାଦ କଳିକା'ରେ ପ୍ରକାଶ ପାଇଁ ଦେଇଥିଲେ ଯାହା ଅତୀତରେ ସାପ୍ତାହିକ କଲମ ଭାବେ ପ୍ରକାଶ ପାଇସାରିଛି। ମୁଁ ତାଙ୍କର ଭାଷା ଏବଂ ଶବ୍ଦଜ୍ଞାନ ଦେଖି ଖୁବ୍ ପ୍ରଭାବିତ ହୋଇଥିଲି। ବିଶେଷ କରି 'ଉତ୍କଳ ଦୀପିକା' ଏବଂ ଏହାର ପ୍ରତିଷ୍ଠାତା ଗୌରୀଶଙ୍କରଙ୍କ ପ୍ରତି ତାଙ୍କର ଗଭୀର ଆସକ୍ତି ଏବଂ ତାକୁ ନେଇ ଲେଖିବାର ପ୍ରତିବଦ୍ଧତା ମୋତେ ତାଙ୍କ ପ୍ରତି ଆସକ୍ତ କରିଥିଲା। ତାଙ୍କର ଶାନ୍ତ, ନମ୍ର, ଭଦ୍ର, ପରୋପକାରୀ ଗୁଣ ଯୋଗୁଁ ସେ ସମସ୍ତଙ୍କର ପ୍ରିୟ ଥିଲେ। ତାଙ୍କର ରଚିତ ପୁସ୍ତକସବୁ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସଂପଦ ରୂପେ ପରିଗଣିତ ହେବ। ତାଙ୍କର ଅକାଳ ବିୟୋଗରେ ସାହିତ୍ୟ ଜଗତର ଏକ ଅପୂରଣୀୟ କ୍ଷତି ହୋଇଛି ଯାହାକୁ କେହି ପୂରଣ କରିପାରିବେ ନାହିଁ। ତାଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ। ତାଙ୍କ ଶୋକସନ୍ତପ୍ତ ପରିବାରକୁ ଆନ୍ତରିକ ସମବେଦନା ଜଣାଇବା ସହ ଶ୍ରୀ ମହାନ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛି।



ବର୍ଷ-୧୭ ସଂଖ୍ୟା-୨୭ RNI Regd.No:ODIODI/2010/34704 ମୂଲ୍ୟ ଟ ୧.୫୦ ପୃଷ୍ଠା ସଂଖ୍ୟା-୮ ଭୁବନେଶ୍ୱର ୦୯ରୁ ୧୫ ଅଗଷ୍ଟ ୨୦୨୬
With Sambad Kalika ₹ 4.00
ରବିବାସରୀୟ କଳିକା
ଭିତର ପୃଷ୍ଠାରେ...
• ବେଆଇନ୍ ଲିଙ୍ଗ ନିରୂପଣରେ ନାହିଁ ଲଗାମ : ଚାଲିଛି ବେଧଡ଼କ ଭ୍ରୁଣହତ୍ୟା
• ପ୍ରତି ୨୦ ହଜାର ବର୍ଷରେ ବଦଳେ ସାହାରା ମରୁଭୂମି
• ପଶ୍ଚିମ ଓଡ଼ିଶା କୃଷି ଭିତ୍ତିକ ଗଣପର୍ବ ନୂଆଖାଇ ପାଇଁ ଇଷ୍ଟ ଧାର୍ଯ୍ୟ
କୋର୍ଟରେ ଗଡୁଛି ୧୭ ହଜାରରୁ ଅଧିକ ଏନ୍‌ଡିପିଏସ୍ ମାମଲା
ନିଶାନିବାରଣ କେନ୍ଦ୍ରରେ ୪୮ ହଜାର ଯୁବକଯୁବତୀ

# ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ଓଡ଼ିଶାର ସାନ୍ତାଳୀ ବୁଣାକୁ ପୁନର୍ଜୀବିତ କରିଛି ଆଦିବାସୀ ମହିଳା

**ଭୁବନେଶ୍ୱର, ୧୨/୦୮ ନ୍ୟୁଜ ବ୍ୟୁରୋ**



ରାମରାଜ କଟନ ବୁଧବାର ଓଡ଼ିଶାରେ 'ପଞ୍ଚ' ଶୁଭାରମ୍ଭ କରିଛି, ଯେଉଁ ମାଟିରୁ ଏହା ନିଜର ପରିଚୟ ଆକର୍ଷିତ କରେ ସେହି ମାଟିରେ ଏହାର ନୂତନ ହସ୍ତତନ୍ତ ପ୍ରଦାନ ଆଣିଛି। ମୟୂରଭଞ୍ଜର ପାରମ୍ପରିକ ସାନ୍ତାଳୀ ବୁଣାକୁ ଏକ ସମସାମୟିକ ଧୋତି ଭାବରେ ପୁନଃକଳ୍ପନା କରେ, ଯାହା ମୟୂରଭଞ୍ଜର ଗ୍ରାମଗୁଡ଼ିକରୁ ରାଜ୍ୟର ସ୍ୱଦେଶୀ ବସ୍ତ୍ର ଐତିହ୍ୟକୁ ସମସାମୟିକ ଭାରତର ପୋଷାକରେ ପରିଣତ କରିଥାଏ। ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି, ମୌନା ଧ୍ୱାନୀ ଫାଉଣ୍ଡେସନର ପ୍ରତିଷ୍ଠାତା ସୁଶ୍ରୀ ବିନ୍ଦୁ ବିନୋଧନ ସମ୍ମାନିତ ଅତିଥି ଏବଂ ରାମରାଜ କଟନର ପରିଚାଳନା ନିର୍ଦ୍ଦେଶକ ବି.ଆର. ଅରୁଣ ଈଶ୍ୱରଙ୍କ ଉପସ୍ଥିତିରେ ଓଡ଼ିଶାରେ ଶୁଭାରମ୍ଭ ହୋଇଥିଲା। ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ମହିଳା ବୁଣାକାରଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ, ଯାହାଙ୍କ ପିଢ଼ି ପରେ ପିଢ଼ି ପୁରୁଣା କାରିଗରୀ ପଞ୍ଚାମ୍ବର ମୂଳଦୁଆ ଗଠନ କରିଥାଏ – ଏହା ଓଡ଼ିଶାକୁ ସେମାନଙ୍କ ଐତିହ୍ୟ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଏହା ଉତ୍ପାଦର ଏକ ଉତ୍ସବ ମଧ୍ୟ। ପଞ୍ଚା ଭାରତର କମ୍ ଜଣାଶୁଣା ବୟନ ପରମ୍ପରାକୁ ମୁଖ୍ୟଧାରାରେ ଆଣିବା ପାଇଁ ରାମରାଜ କଟନଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଏବଂ ପିଢ଼ି ପରେ ପିଢ଼ି ଧରି ଏହି ଅନନ୍ୟ ହସ୍ତଶିଳ୍ପକୁ ସଂରକ୍ଷଣ କରିଥିବା ଆଦିବାସୀ ମହିଳା ବୁଣାକାରମାନଙ୍କ ପାଇଁ ନୂତନ ସ୍ୱୀକୃତି ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରେ। ଏହାର କଳାତ୍ମକ ମୂଲ୍ୟ ଏବଂ ସମସାମୟିକ ପ୍ରାସଙ୍ଗିକତା ପାଇଁ ଏହାର ସମ୍ଭାବନାକୁ ସ୍ୱୀକାର କରି, ରାମରାଜ କଟନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ କେ.ଆର. ନାଗରାଜନ ଏବେ ସାନ୍ତାଳି ବୟନକୁ ପଞ୍ଚ ମାଧ୍ୟମରେ ଧୋତି ଭାବରେ ପୁନଃକଳ୍ପନା କରିଛନ୍ତି, ଯାହା ଏହାର ପ୍ରାମାଣିକତାକୁ ସଂରକ୍ଷଣ କରିବା ସହିତ ହସ୍ତଶିଳ୍ପ ପାଇଁ ଏକ ନୂତନ ରାସ୍ତା ସୃଷ୍ଟି କରିଛି। ପଞ୍ଚ ବୁଣାକାର ପାରମ୍ପରିକ ଚରିତ୍ରକୁ ବଜାୟ ରଖି ଏହାକୁ ଏକ ନୂତନ, ବ୍ୟାପକ ସମସାମୟିକ ପ୍ରାସଙ୍ଗିକତା ପ୍ରଦାନ କରେ। ପ୍ରତ୍ୟେକ ଖଣ୍ଡ ୧୦୦% କପାରେ ଏକ ଅଫ୍-ହ୍ୱାଇଟ୍ ବେସ୍ ଏବଂ ଆଜୋ-ଫ୍ରି ରଙ୍ଗ ସହିତ ହାତରେ ବୁଣାଯାଇଥାଏ, ଏକ ସାଦା ବୁଣାକାରକୁ ଏକ ଅତିରିକ୍ତ-ୱେଫ୍ଟ କୌଶଳ ସହିତ ମିଶ୍ରଣ କରିଥାଏ – ଏହା ମହିଳା ବୁଣାକାରମାନଙ୍କ ଉଲ୍ଲେଖନୀୟ ଦକ୍ଷତା ଏବଂ କାରିଗରିର ପ୍ରତିଫଳନ ଯେଉଁମାନେ ଏହି ପିଢ଼ି ପୁରୁଣା ପରମ୍ପରାକୁ ଅଭ୍ୟାସ କରିଆସୁଛନ୍ତି। ପାଞ୍ଚକୁ ମୟୂରଭଞ୍ଜର ବୁଣାକାର ସମ୍ପ୍ରଦାୟଙ୍କ ସହ ଘନିଷ୍ଠ ସହଯୋଗରେ ବିକଶିତ କରାଯାଇଛି, ଯାହା ସୁନିଶ୍ଚିତ କରୁଛି ଯେ ଭାରତର ସବୁଠାରୁ ପ୍ରତିଷ୍ଠିତ ପୋଷାକ ମଧ୍ୟରୁ ଗୋଟିଏ ମାଧ୍ୟମରେ ବୟନକୁ ବ୍ୟାପକ ଦର୍ଶକଙ୍କ ନିକଟରେ ପରିଚିତ କରାଇବା ସହିତ ପାରମ୍ପରିକ କୌଶଳ, ମୋଟିଫ୍ ଏବଂ ହସ୍ତଶିଳ୍ପର ପରିଚୟ ଅକ୍ଷୁର୍ଣ୍ଣ ରହିବ। ଏହି ଶୁଭାରମ୍ଭ ବିଷୟରେ ମତାମତ ଦେଇ, ରାମରାଜ କଟନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ କେ.ଆର. ନାଗରାଜନ କହିଛନ୍ତି: 'ମୟୂରଭଞ୍ଜର ସୁନ୍ଦର ସାନ୍ତାଳୀ ବୟନର ଜନ୍ମସ୍ଥାନ ଓଡ଼ିଶାରେ ପଞ୍ଚ ଶୁଭାରମ୍ଭ କରିବା ଏବଂ ପିଢ଼ି ପରେ ପିଢ଼ି ଧରି ଏହି ଉଲ୍ଲେଖନୀୟ ପରମ୍ପରାକୁ ସଂରକ୍ଷଣ କରିଥିବା ମହିଳା ବୁଣାକାର ଏବଂ କାରିଗର ସମ୍ପ୍ରଦାୟଙ୍କ ଉପସ୍ଥିତିରେ ଏହା କରିବା ଏକ ସୌଭାଗ୍ୟର କଥା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରାମରାଜ କଟନର ପରିଚାଳନା ନିର୍ଦ୍ଦେଶକ ବି.ଆର. ଅରୁଣ ଈଶ୍ୱର କହିଛନ୍ତି: 'ଆମ ପାଇଁ, ପଞ୍ଚ କେବଳ ଏକ ଉତ୍ପାଦ ଶୁଭାରମ୍ଭ ନୁହେଁ, ଏହା ଏକ ଜୀବିକା ପୁନରୁଦ୍ଧାର ମଡେଲ୍। ଆମର ଆଭିମୁଖ୍ୟ ଥିଲା ଏହି ଐତିହ୍ୟ ପାଇଁ ଏକ ସ୍ଥାୟୀ ବାଣିଜ୍ୟିକ ପଥ ନିର୍ମାଣ କରିବା, ଯାହା ଭାରତରେ ସବୁଠାରୁ ଅଧିକ ଚାହିଦା ଥିବା ପୋଷାକ ମଧ୍ୟରୁ ଗୋଟିଏ, ଧୋତିରେ ପରିଣତ କରି। ଏହାର ଗୁଣାତ୍ମକ ଉତ୍ପାଦ ପାଇଁ ଜଣାଶୁଣା ହେବା ବ୍ୟତୀତ, ରାମରାଜ କଟନ୍ ଦକ୍ଷିଣ ଭାରତରେ ହଜାର ହଜାର ବୁଣାକାରଙ୍କ ଜୀବିକା ବଜାୟ ରଖିବା ପାଇଁ ଦୀର୍ଘ ଦିନ ଧରି ଜଣାଶୁଣା। ପଞ୍ଚର ଶୁଭାରମ୍ଭ ହେଉଛି ଏହି ସମାନ ଦାୟିତ୍ୱକୁ ଆଗକୁ ବହନ କରିବା ଏବଂ ଦକ୍ଷିଣ ଭାରତ ବାହାରେ ମଧ୍ୟ ବୁଣାକାର ସମ୍ପ୍ରଦାୟ ପାଇଁ ଜୀବିକା ନିର୍ମାଣ କରିବା।' ଚାରି ଦଶନ୍ଧି ଧରି, ଏହି ବ୍ରାଣ୍ଡ ପାରମ୍ପରିକ ଭାରତୀୟ ପୋଷାକରେ ଦେଶର ଏକ ପ୍ରମୁଖ ନାମ ହୋଇଗଲାଣି, ଯାହା ଏହାର ଧୋତି ସହିତ ସାର୍ଟ, କୁର୍ତ୍ତା, ଟାୱେଲ୍, ବିବାହ ସଂଗ୍ରହ, ଶୁଦ୍ଧ ରେଶମ ସଂଗ୍ରହ, ଶାଢ଼ି, କୁର୍ତ୍ତି, ଫର୍ମାଲ୍ ପୋଷାକ, ପୁରୁଷ, ମହିଳା ଏବଂ ପିଲାମାନଙ୍କ ପାଇଁ ଭିତର ପୋଷାକ ଏବଂ ଆସେସୋରିଜ୍ ପାଇଁ ଜଣାଶୁଣା, ଯାହା ଏହାର ଖୁଚୁରା ନେଟୱାର୍କ ଏବଂ ramrajcotton.inରେ ଉପଲବ୍ଧ। ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ କେ.ଆର. ନାଗରାଜନଙ୍କ ନିରନ୍ତର ନେତୃତ୍ୱରେ, ରାମରାଜ କଟନ୍ ଭାରତର କମ୍ ଜଣାଶୁଣା ହସ୍ତତନ୍ତ ଓ ବୟନ ପରମ୍ପରାକୁ ପୁନରୁଦ୍ଧାର ଏବଂ ପାଳନ କରିବା ପାଇଁ ଅନେକ ପଦକ୍ଷେପ ମଧ୍ୟ ନେଇଛି, ଯେଉଁଥିରୁ ପଞ୍ଚ ହେଉଛି ସଦ୍ୟତମ।



ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-12 • Issue-05 • 12-18th August 2026 • Bhubaneswar
ପଶ୍ଚିମ ଓଡ଼ିଶାରେ ଦାଦନ ଯନ୍ତ୍ରଣା.. କେହି ଶବ ହୋଇ ଫେରୁଛି
ଆଉ କେତେ ଆଜି ବି ନିଖୋଜ : ୬ ବ୍ଲକ୍ ମୃତ୍ୟୁର 'ହଟ୍‌ସ୍ପଟ୍'
ଆଉ ନାହାନ୍ତି ଲବ୍ଧପ୍ରତିଷ୍ଠିତ ଗବେଷକ ଶ୍ରୀଚରଣ ମହାନ୍ତି
ଜୋରଦାର ହେବ ଗାଁ ବିକାଶ: ପଞ୍ଚାୟତ ପାଣ୍ଠି ଡବଲ୍

# ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com